READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର





ବର୍ଷ-୭ ସଂଖ୍ୟା-୨୦ ୨୯ ମଇ - ୪ ଜୁନ୍, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-20 29th MAY - 4th JUNE, 2023 BHUBANESWAR ₹ 5/- (8 Pages)


### ନବ ଦାସ ହତ୍ୟା ମାମଲାରେ କ୍ରାଇମ୍‌ବ୍ରାଞ୍ଚର ଚାର୍ଜସିଟ୍ ଦାଖଲ

## ରହସ୍ୟରେ ଷଡ଼ଯନ୍ତ୍ରକାରୀଙ୍କ ଭୂମିକା

**ଭୁବନେଶ୍ୱର :** କ୍ୟାବିନେଟ୍ ମନ୍ତ୍ରୀ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାର ୧୧୮ଦିନ ପରେ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚ ୫୪୩ପୃଷ୍ଠାର ପ୍ରାଥମିକ ଚାର୍ଜସିଟ୍ ଦାଖଲ କରି ବ୍ୟକ୍ତିଗତ କାରଣ ପାଇଁ ଅଭିଯୁକ୍ତ ଗୋପାଳ ଦାସ ହତ୍ୟା କରିଥିବା କହିଛି। ନବ ଦାସ ଓ ତାଙ୍କ ସମର୍ଥକମାନେ ମାରିଦେବେ ବୋଲି ଆଶଙ୍କା କରି ନବଙ୍କୁ ଗୋପାଳ ହତ୍ୟା କରିଥିବା ନେଇ କ୍ରାଇମବ୍ରାଞ୍ଚ ତା'ର ଚାର୍ଜସିଟରେ ଉଲ୍ଲେଖ କରିଥିଲେ ମଧ୍ୟ କେଉଁ କାରଣ ପାଇଁ ଗୋପାଳ ନିଜ ଜୀବନ ପ୍ରତି ବିପଦ ଆଶଙ୍କା କରୁଥିଲେ ଓ ନବ ତାଙ୍କୁ ହତ୍ୟା କରିବାକୁ ଚାହୁଁଥିବା ନେଇ କାହିଁକି ଗୋପାଳ ମନରେ ଧାରଣା ସୃଷ୍ଟି ହୋଇଥିଲା ସେ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ନିରବ ରହିଛି। ଜଣେ ଏଏସ୍ଆଇସ୍ତରର ପୋଲିସ ସହ ନବଙ୍କ ଭଳି ଜଣେ ହାଇପ୍ରୋଫାଇଲ୍ ନେତା ପୁଣି କ୍ୟାବିନେଟ୍ ମନ୍ତ୍ରୀଙ୍କର କ'ଣ ବ୍ୟକ୍ତିଗତ



ଆକ୍ରୋଶ ରହିଥିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ନବ ଓ ତାଙ୍କ ସମର୍ଥକଙ୍କ ଆଡୁ ଜୀବନ ପ୍ରତି ବିପଦ ଆଶଙ୍କା କରି ଗୋପାଳ ଏଭଳି ହତ୍ୟା କରିଛି ବୋଲି କ୍ରାଇମବ୍ରାଞ୍ଚ ଖୋଦ୍ ଚାର୍ଜସିଟରେ ଉଲ୍ଲେଖ କରିବା ପରୋକ୍ଷରେ 'ଆତ୍ମରକ୍ଷା ପାଇଁ ହତ୍ୟା' ନିମନ୍ତେ ଗୋପାଳକୁ କୋର୍ଟରେ ଖସିଯିବାର ସୁଯୋଗ ମଧ୍ୟ ଆଣି ଦେଇଛି। ଏପରିକି ଷଡ଼ଯନ୍ତ୍ର ଦିଗର ତଦନ୍ତ କରାଯିବ ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ସତ୍ତ୍ୱେ କ୍ରାଇମବ୍ରାଞ୍ଚ 'ଷଡ଼ଯନ୍ତ୍ରର ଦିଗ'କୁ ନେଇ ସମ୍ପୂର୍ଣ୍ଣ ନିରବ ରହିବା, ନବଙ୍କ ହତ୍ୟା ପଛରେ ଷଡ଼ଯନ୍ତ୍ରରେ ଯେଉଁମାନଙ୍କ ନାଁ ଚର୍ଚ୍ଚାକୁ ଆସୁଥିଲା ସେମାନଙ୍କୁ ତଦନ୍ତ ପରିସରଭୁକ୍ତ ନକରି ସମ୍ପୂର୍ଣ୍ଣ ଆଖିବୁଜି ଦେଇ ଆରମ୍ଭରୁ ହିଁ ତଦନ୍ତକୁ କ୍ରାଇମବ୍ରାଞ୍ଚ ବାଟବଣା କରିଥିବା ସ୍ପଷ୍ଟ ହୋଇଛି। ସୂଚନା ଅନୁସାରେ, ରାଜ୍ୟର ଜଣେ କ୍ୟାବିନେଟ୍ ମନ୍ତ୍ରୀ ନବ ଦାସଙ୍କୁ ସମସ୍ତଙ୍କ ସମ୍ମୁଖରେ ଜଣେ ପୋଲିସ ଏଏସ୍ଆଇ ଗୋପାଳ ଦାସ ଗୁଳି କରି ହତ୍ୟା କରିବା ସମଗ୍ର ଦେଶରେ ଚହଳ ସୃଷ୍ଟି କରିଥିଲେ ମଧ୍ୟ ଯେଉଁ ଢଙ୍ଗରେ ତଦନ୍ତ କରାଯିବା କଥା ତାହା କ୍ରାଇମବ୍ରାଞ୍ଚ କରିନଥିବା ଜଣାପଡ଼ିଛି। ନବ ଦାସଙ୍କ ହତ୍ୟା ପଛର ଉଦ୍ଦେଶ୍ୟ କ'ଣ ଓ ଏହା ପଛରେ ଷଡ଼ଯନ୍ତ୍ର ରହିଛି କି ନାହିଁ ସେ ଦିଗରେ କୌଣସି ତଦନ୍ତ ମଧ୍ୟ କରିବାକୁ କ୍ରାଇମବ୍ରାଞ୍ଚ ଚାହିଁନି। ➤ ପୃ-୬

### ରାଜ୍ୟ ସରକାରଙ୍କ ବିଚିତ୍ର ନୀତି

## ମଦକୁ ହଁ, ଗଞ୍ଜେଇକୁ ନା'

**ଭୁବନେଶ୍ୱର : (ଲିଙ୍ଗରାଜ ଦାଶ) :** ରାଜ୍ୟରେ ଦେଶୀ ଓ ବିଦେଶୀ ମଦ ଦୋକାନ ସଂଖ୍ୟା ବଢ଼ିଥିଲା ବେଳେ ସରକାର ଲୋକଙ୍କ ଉପରେ ମଦର କୁପ୍ରଭାବ କଥା ଚିନ୍ତା ନକରି ହଠାତ୍ ଶିବ ମନ୍ଦିରରେ ଗଞ୍ଜେଇ ବ୍ୟାନ୍ କରି କ'ଣ ସନ୍ଦେଶ ଦେବାକୁ ଚାହୁଁଛନ୍ତି। ପ୍ରାଚୀନ କାଳରୁ ଶୈବପୀଠ ଗୁଡିକରେ ଗଞ୍ଜେଇର ପ୍ରଚଳନ ଚାଲି ଆସିଛି। ଏହାକୁ ଭୋଗ ବା ପ୍ରସାଦ ଭାବେ ଭକ୍ତମାନେ ସେବନ କରିଥାନ୍ତି। ଗଞ୍ଜେଇ ଗଛ ପ୍ରକୃତିଦତ୍ତ ହୋଇଥିଲା ବେଳେ ବିଦେଶୀ ମଦ କୃତ୍ରିମ ଉପାୟରେ ବା ରାସାୟନିକ ପଦାର୍ଥ ଦ୍ୱାରା ତିଆରି କରାଯାଉଛି। ଏଥିରେ ଆଲକୋହଲର ମାତ୍ରା ଥିବାରୁ ଏହା ମଣିଷ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ। ଅଳ୍ପ ହେଉ ବା ଅଧିକ ହେଉ ଯେଉଁମାନେ ମଦ୍ୟପାନ



କରୁଛନ୍ତି ସେମାନେ ନାନାଦି ଶାରୀରିକ ସମସ୍ୟା ଭୋଗିବା ସହିତ ମୃତ୍ୟୁମୁଖରେ ମଧ୍ୟ ପଡୁଛନ୍ତି। ନିୟମିତ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କ ଲିଭର ଓ କିଡ୍‌ନୀ ଧୀରେ ଧୀରେ ନଷ୍ଟ ହୋଇଯାଉଛି। ହେଲେ ସରକାର ମଦ ଦୋକାନ ବନ୍ଦ ନକରି ଗଞ୍ଜେଇ ବ୍ୟାନ କରିବା ପଛରେ ରହସ୍ୟ କ'ଣ। ନିକଟରେ ଶୈବପୀଠ ମାନଙ୍କରେ ଗଞ୍ଜେଇ ବ୍ୟବହାର ନିଷେଧ ପାଇଁ ନିର୍ଦ୍ଦେଶ ଆସିବା ପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଚିଠି ଲେଖିଛନ୍ତି। ସୂଚନାଯୋଗ୍ୟ, ଅନନ୍ତ ବଳିଆ ଟ୍ରଷ୍ଟର ପୂଜ୍ୟ ପୂଜକ ବଳିଆ ଶୈବପୀଠରେ ଗଞ୍ଜେଇ ନିଷେଧ କରିବାକୁ ଚିଠି ଲେଖି ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଶୈବପୀଠରେ ଗଞ୍ଜେଇ କଟକଣାକୁ ନେଇ ପଦ୍ମଶ୍ରୀ ବାବା ବଳିଆ କହିଛନ୍ତି, ➤ ପୃ-୬

### ଆଗୁଆ ନିର୍ବାଚନକୁ ଯାଇପାରନ୍ତି ନବୀନ

## ଫୋକସରେ ଅଧିକ ଲୋକସଭା ଆସନ

**ଭୁବନେଶ୍ୱର :** ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଆଗୁଆ ବିଧାନସଭା ନିର୍ବାଚନକୁ ଯାଇପାରନ୍ତି। ଅଧିକ ସଂଖ୍ୟକ ଲୋକସଭା ସିଟ୍ ଜିତିବା ନିମନ୍ତେ ନବୀନ ପୃଥକ୍ ଭାବେ ରାଜ୍ୟରେ ଲୋକସଭା ଓ ବିଧାନସଭା ନିର୍ବାଚନ କରିବା ପାଇଁ ରଣନୀତି କରୁଛନ୍ତି ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା। ମିଳିଥିବା ସୂଚନା ଅନୁସାରେ, ନବୀନ ନିଜର ବରିଷ୍ଠ ନେତାମାନଙ୍କୁ ଡାକି ଦଳ ଆଗାମୀ ନିର୍ବାଚନରେ କିଭଳି ଅଧିକ ସଂଖ୍ୟକ ଲୋକସଭା ସିଟ୍ ଜିତିବ



ସେ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଗତ ପ୍ରାୟ ୩-୪ମାସ ଧରି ନବୀନ ତାଙ୍କର ଫୋକସରେ ଅଧିକ ଲୋକସଭା ସିଟ୍ ଥିବା ନେଇ ତାଙ୍କୁ ଭେଟୁଥିବା ବରିଷ୍ଠ ଦଳୀୟ ନେତାମାନଙ୍କୁ ବାରମ୍ବାର କହି ଆସୁଥିବାବେଳେ ଆଗାମୀ ଡିସେମ୍ବରରେ ରାଜ୍ୟରେ ବିଧାନସଭା ନିର୍ବାଚନ କରାଇବା ନିମନ୍ତେ ଆଗୁଆ ଷୋଡ଼ଶ ବିଧାନସଭାକୁ ଭଙ୍ଗ କରିପାରନ୍ତି ବୋଲି ଜଣାପଡ଼ିଛି। ଚଳିତବର୍ଷ ଡିସେମ୍ବର ମାସରେ ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ତେଲେଙ୍ଗାନା ଓ ମିଜୋରାମରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହି ରାଜ୍ୟଗୁଡ଼ିକ ସହ ଓଡ଼ିଶାରେ ବିଧାନସଭା ନିର୍ବାଚନ କରାଇବା ଉଦ୍ଦେଶ୍ୟରେ ନବୀନ ଆଗୁଆ ବିଧାନସଭା ଭଙ୍ଗ କରିପାରନ୍ତି। ରାଜ୍ୟରେ ଏକାଠି ବିଧାନସଭା ଓ ➤ ପୃ-୬

## ଜୁନ୍‌ରେ ନିଅଣ୍ଟିଆ ବର୍ଷା

**ଭୁବନେଶ୍ୱର :** ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଜୁନ୍ ୪ରେ କେରଳ ଛୁଇଁବାର ଯଥେଷ୍ଟ ସମ୍ଭାବନା ରହିଛି। ଏଥର ମୌସୁମୀ ବିଳମ୍ବରେ ଆସିବାକୁ ଥିବା ବେଳେ ଏହା ଉପରେ ଏଲ ନିନୋର ପ୍ରଭାବ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଜୁନ୍ ମାସରେ ସମଗ୍ର ଦେଶରେ ସ୍ୱାଭାବିକ ଠାରୁ କମ ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। କେରଳ ଛୁଇଁବାର ୧୦ ଦିନ ପରେ ସାଧାଣତଃ ମୌସୁମୀ ଓଡ଼ିଶାକୁ ଆସିଥାଏ। ତେଣୁ ଜୁନ ୪ରେ ମୌସୁମୀ କେରଳ ଛୁଇଁବାକୁ ଥିବା ବେଳେ ଜୁନ ୧୪ ଅର୍ଥାତ ରଜ ବେଳକୁ ଓଡ଼ିଶାରେ ପ୍ରବେଶ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଗତବର୍ଷ ମେ' ୨୯ ତାରିଖରେ ମୌସୁମୀ କେରଳ ଛୁଇଁଥିଲା। ୨୦୨୧ରେ ଏହା ଜୁନ ୩ ଓ ୨୦୨୦ରେ ମୌସୁମୀ ଜୁନ ୧ରେ କେରଳରେ ତା'ର ଉପସ୍ଥିତି ଜାହିର କରିଥିଲା। ବିଭାଗ କହିଛି ଯେ ୪ ମୌସୁମୀ କେରଳ ଛୁଇଁବାକୁ ଥିଲେ ହେଁ ଜୁନ୍‌ରେ ସ୍ୱାଭାବିକ ଠାରୁ କମ ବର୍ଷା ହୋଇପାରେ। କିନ୍ତୁ ଏହାପରେ ମୌସୁମୀ ପିକ୍‌ରେ ପହଞ୍ଚିବ। ତେଣୁ ଜୁନରୁ ସେପ୍ଟେମ୍ବର ଯାଏ ବର୍ଷାକୁ ଦେଖିଲେ ସମଗ୍ର ଦେଶରେ ସ୍ୱାଭାବିକ ବର୍ଷା ହେବ।



ଲଙ୍ଗ ପରିୟଡ ଆଭରେଜ(ଏଲପିଏ) ବା ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ଦେଶରେ ୯୬% ବର୍ଷା ହେବ। ଏହା ୪% ଅଧିକ କିମ୍ବା କମ ହୋଇପାରେ। ଏପରି ସ୍ଥିତି ଉପୁଜିଲେ ଏହାକୁ ସ୍ୱାଭାବିକ ବର୍ଷା ବୋଲି ବିବେଚନା କରାଯିବ। ଆଇଏମଡିର ଇଏମଆରସି ମୁଖ୍ୟ ଡ. ଶିବାନନ୍ଦ ପାଇ କହିଛନ୍ତି, ଜୁନ୍ ମାସରେ ସମଗ୍ର ଦେଶରେ ସ୍ୱାଭାବିକ ଠାରୁ କମ ବର୍ଷା ହୋଇପାରେ। କିନ୍ତୁ ଦକ୍ଷିଣ ଭାରତର ପାର୍ବତ୍ୟ ଅଞ୍ଚଳ, ଉତ୍ତର ଭାରତର କିଛି ଅଂଶ ଓ ଉତ୍ତରପୂର୍ବ ଭାରତର କିଛି ସ୍ଥାନରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇପାରେ। ଏଲ ନିନୋ ପ୍ରଭାବ ସତ୍ତ୍ୱେ ଏଲପିଏରେ ସ୍ୱାଭାବିକ ବର୍ଷା ହେବ। ୯୪%ରୁ ୧୦୬% ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟପଟେ ଆଇଏମଡି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ଜୁନ ୪ ସୁଦ୍ଧା ମୌସୁମୀ କେରଳ ଛୁଇଁବ। ପୂର୍ବଭଳି ଜୁନ୍ ୧ ସୁଦ୍ଧା ମୌସୁମୀ କେରଳ ଛୁଇଁବାର କୌଣସି ➤ ପୃ-୬

### ବକ୍ରବାଣୀ



ଯିଏ ବୋପାର ହେଲେନି ସିଏ କି
ହେଇଥା'ନ୍ତେ ଭାଇ ପର ଝୁଅର
ମିଛରେ କୁହନ୍ତି ସେ ସମଦୂରତା
ଚୋରା ପୀରତିରେ ଭାବ ତାଙ୍କର
କାଲି ଗାଉଥିଲେ ପାର୍ଟିଠୁ ମାଟି
ତାଙ୍କ ପାଇଁ ବଡ଼ କେଡ଼େ ବାଗରେ
ଭୁଲି କାଲି କଥା ବେଇହାପଣେ
ମିଳେଇଲେ ହାତ ଫେକୁ ସାଙ୍ଗରେ
ଇଡି ସିବିଆଇ ଭୟ ପାଇଁକି
ମାଟି ପ୍ରେମ ଆଜି ଆଉ ନାଇଁକି।

——— ଟୁଟୁ

### ମୁଖ୍ୟମନ୍ତ୍ରୀଙ୍କ ରିପୋର୍ଟ କାର୍ଡ ଅପାରଗତାରେ ନମ୍ବର ୱାନ୍

## ତୁରନ୍ତ ଗୃହ ବିଭାଗ ଛାଡନ୍ତୁ : ବିଜେପି

**ଭୁବନେଶ୍ୱର :** ଶାନ୍ତିପ୍ରିୟ ଓଡ଼ିଶା ରାଜ୍ୟ ସର୍ବଭାରତୀୟ ସ୍ତରରେ ସାଇବର କ୍ରାଇମ, ଚୋରି ଓ ଡକାୟତି, ନିଶାଦ୍ରବ୍ୟ କାରବାର, ଶିଶୁ ଅପହରଣ ଅଗ୍ରଣୀ ରାଜ୍ୟ। ରାଜ୍ୟରେ ପ୍ରତି ଅଢ଼େଇ ଘଣ୍ଟାରେ ଗୋଟିଏ ହତ୍ୟା ଓ ଧର୍ଷଣ ହେଉଛି। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ କାରଣରୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ଦିବାଲୋକରେ ଜଣେ ପୋଲିସ ଅଧିକାରୀ ଗୁଳି କରି ହତ୍ୟା କଲା। କିନ୍ତୁ ଏନେଇ ମୁଖ୍ୟମନ୍ତ୍ରୀ ନବୀନ ବାବୁ କୌଣସି ପଦକ୍ଷେପ ନନେଇ ମୌନ ହୋଇ ବସିଛନ୍ତି। ୨୩ବର୍ଷର ମୁଖ୍ୟମନ୍ତ୍ରୀଙ୍କ ରିପୋର୍ଟ କାର୍ଡ ଅପାରଗତାରେ ନମ୍ବର ୱାନ୍। ସ୍ୱର୍ଗତଃ ଦାସଙ୍କ ହତ୍ୟାକାଣ୍ଡରେ କ୍ରାଇମବ୍ରାଞ୍ଚର ଚାର୍ଜସିଟ୍ ଦାଖଲ ସମେତ ପରିଚାଳନାରେ ଅପାରଗତାକୁ ଦାୟୀ କରି ତୁରନ୍ତ ନିଜ ଅଧିନରେ ଥିବା ଗୃହବିଭାଗକୁ ଛାଡନ୍ତୁ ମୁଖ୍ୟମନ୍ତ୍ରୀ ବୋଲି ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି। ରାଜ୍ୟ



କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରି ଶ୍ରୀ ମହାପାତ୍ର କହିଛନ୍ତି ଯେ, ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡକୁ ୧୧୮ଦିନ ପୂରିଛି କିନ୍ତୁ କ୍ରାଇମବ୍ରାଂଚ କେବଳ ଧର୍ମକୁ ଆଖିଠାର ସଦୃଶ ତଦନ୍ତ କରୁଛି। ହତ୍ୟାକାଣ୍ଡର କାରଣ କଣ? ଷଡଯନ୍ତ୍ର ଦିଗରେ ତଦନ୍ତ ହୋଇନି। ବିଧାନସଭାରେ ବିରୋଧୀ ଦଳ ଓ ଅନ୍ୟାନ୍ୟ ଦଳ ତରଫରୁ ଯାହାଙ୍କ ବିରୁଦ୍ଧରେ ଷଡଯନ୍ତ୍ରର ଅଭିଯୋଗ କରାଯାଇଥିଲା ସେମାନଙ୍କୁ କ୍ରାଇମବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରୁନାହିଁ କାହିଁକି? ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଏଫବିଆଇ ତଦନ୍ତର ମିଥ୍ୟା ପ୍ରତିଶ୍ରୁତି ଦେଇଥିବାରୁ ରାଜ୍ୟବାସୀଙ୍କୁ ନିସର୍ତ୍ତ କ୍ଷମା ମାଗନ୍ତୁ। ରାଜ୍ୟର ଅନ୍ୟ ବିଭାଗର ମନ୍ତ୍ରୀଙ୍କ କାର୍ଯ୍ୟ ➤ ପୃ-୬

### ବଦଳିଲା ଜମି କିଣାବିକା ନିୟମ

## ଆଗ ସ୍ଲଟ୍ ବୁକିଂ, ପରେ ରେଜିଷ୍ଟ୍ରେସନ୍



**କଟକ :** ରାଜ୍ୟରେ ପୂର୍ବରୁ ଚାଲିଥିବା ଜମିଜମା ଇ-ରେଜିଷ୍ଟ୍ରେସନ୍ ବା ପଞ୍ଜୀକରଣ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି। ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଦୂର ହେବ ଭିଡ଼ ସମସ୍ୟା। ଏଣିକି ଅନ୍ ଲାଇନ୍ ସ୍ଲଟ୍ ବୁକିଂ କରିବାକୁ ପଡ଼ିବ ଓ ମିଳିଥିବା ସମୟ ଅନୁଯାୟୀ ଜମି ପଞ୍ଜୀକରଣ ହେବ। ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନ୍ (ଆଇଜିଆର)ଙ୍କ ପକ୍ଷରୁ ଏ ସଂପର୍କରେ ଘୋଷଣା କରାଯାଇଛି। ଘୋଷଣା ଅନୁଯାୟୀ ଏଣିକି ଜମି କିଣାବିକା ବା ଯେକୌଣସି ସେଲ୍ ଡିଡ୍ ବା ପଞ୍ଜୀକରଣ ପାଇଁ ସବ ରେଜିଷ୍ଟ୍ରାର ଅଫିସରେ ଭିଡ଼ ଲଗାଇବାର ଆବଶ୍ୟକତା ରହିବ ନାହିଁ। ଜମି କିଣାବିକା ପାଇଁ ଅନଲାଇନ୍‌ରେ ➤ ପୃ-୬

## 'ନବୀନଙ୍କ ଦୀର୍ଘବର୍ଷ ଶାସନରେ ଲୋକଙ୍କୁ ମିଳିଲାନି ନିମ୍ନତମ ସ୍ୱାସ୍ଥ୍ୟସେବା'

**ଭୁବନେଶ୍ୱର :** ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଲେ ଯେ ୨୩ ବର୍ଷର ନବୀନ ଶାସନରେ ଓଡ଼ିଶାବାସୀ ନିମ୍ନତମ ସ୍ୱାସ୍ଥ୍ୟସେବା ପାଇପାରିଲେ ନାହିଁ। ମାତ୍ର ଓଡ଼ିଶାର ସ୍ୱାସ୍ଥ୍ୟ ମନ୍ତ୍ରୀ ଗତ ୨୨ ତାରିଖରେ ସ୍ୱାସ୍ଥ୍ୟ ବିଭାଗ ସମୀକ୍ଷା ଅବସରରେ ଓଡ଼ିଶାର ସ୍ୱାସ୍ଥ୍ୟସେବାକୁ ଯେଉଁଭଳି ଭାବରେ ପ୍ରଂଶସା କରିଛନ୍ତି ଏହା ଆଶ୍ଚର୍ଯ୍ୟର ବିଷୟ। ସ୍ୱାସ୍ଥ୍ୟମନ୍ତ୍ରୀ ନିଜ ପିଠି ନିଜେ ଥାପୁଡାଇବାପରି ମନେ ହେଉଛି। କେରଳରେ ପ୍ରତି ୪୦୦ ଜଣ ପାଇଁ ଜଣେ ଡାକ୍ତର ରହିଥିବା ବେଳେ ଓଡ଼ିଶାରେ ପ୍ରତି ୨୧୮୭ ଲୋକରେ ଜଣେ ଡାକ୍ତର ରହିଛନ୍ତି। ସେହିପରି ଭାରତର ପ୍ରଧାନମନ୍ତ୍ରୀ ଗୁଜୁରାଟର ଶାସନ ବ୍ୟବସ୍ଥାର ଯେଉଁ ପ୍ରଶଂସା କରୁଥିଲେ ତାହାର ଚିତ୍ର ହେଉଛି ଯେ ସେଠାରେ ୧୨୪୮ ଜଣରେ ଜଣେ ଡାକ୍ତର। ଅନ୍ୟପକ୍ଷରେ ରାଜସ୍ଥାନରେ ୩୭୭ ସିଏଚସି



ଥିବାବେଳେ ଓଡ଼ିଶାରେ ମାତ୍ର ୮୭। ଏଠାରେ ପ୍ରକାଶ ଥାଉକି ଡବ୍ଲୁ.ଏଚ.ଓ ର ହିସାବ ଅନୁଯାୟୀ ୧୦୦୦ ଲୋକରେ ଜଣେ ଡାକ୍ତର ରହିବା କଥା। ସେହି ଅନୁସାରେ ଓଡ଼ିଶାରେ ୪ କୋଟି ୬୦ ଲକ୍ଷ ଲୋକ ଥିବା ବେଳେ ଆମର ୪୬ ହଜାର ଡାକ୍ତରଙ୍କର ଆବଶ୍ୟକତା ରହିଛି। ମାତ୍ର ତାହା ଏଠାରେ ହୋଇପାରି ନାହିଁ। ଯେଉଁ ଡାକ୍ତରମାନେ କାର୍ଯ୍ୟରତ ଅଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧେକଙ୍କ ଯୋଗ୍ୟତା ଠିକ୍ ଅଛିକି ନାହିଁ ବୋଲି ପରଖିବାକୁ ମାନ୍ୟବର ହାଇକୋର୍ଟ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ଏଠି ଔଷଧ ନକଲି ଏବଂ ଡାକ୍ତର ନକଲି ତେବେ ରୋଗୀ ଭୟଭୀତ ଅବସ୍ଥାରେ ରହିବା ସ୍ୱାଭାବିକ। ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ସଚିବ (ସ୍ୱାସ୍ଥ୍ୟ ସେବା) ତାଙ୍କ ସତ୍ୟପାଠରେ ➤ ପୃ-୬






## ୨ ହଜାର ଟଙ୍କିଆ ବନ୍ଦ ନିଷ୍ପତ୍ତି, ସାଧାରଣ ଲୋକଙ୍କ ଲାଭ କେତେ ?

*ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରୁ କଳାଧନ ହଟାଇବା ପାଇଁ ବିମୁଦ୍ରୀକରଣ ଘୋଷଣା କରିଥିଲେ। ଏହାପରେ ଦେଶରେ ନାହିଁ ନଥିବା ଅସ୍ଥିରତା ସୃଷ୍ଟି ହେବା ସହିତ ଲୋକ ଏକପ୍ରକାର ଚିନ୍ତାରେ ପଡିଯାଇଥିଲେ। ସେତେବେଳେ ନୋଟ ବଦଳାଇବା ପାଇଁ ପର୍ଯ୍ୟାପ୍ତ ସମୟ ଦିଆଯାଇ ନଥିବା ବେଳେ ବର୍ତ୍ତମାନ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ୨ ହଜାର ଟଙ୍କିଆ ବନ୍ଦ କରିବା ନିଷ୍ପତ୍ତି ଘୋଷଣା କରିଥିଲା ବେଳେ ନୋଟ ପରିବର୍ତ୍ତନ ପାଇଁ ପର୍ଯ୍ୟାପ୍ତ ସମୟ ଦେଇଛନ୍ତି। କିନ୍ତୁ ଗତଥର ବିମୁଦ୍ରୀକରଣରେ କାହାର କେତେ ଲାଭ ହେଲା ବା କାହାର କେତେ କ୍ଷତି ହେଲା ତାହା ଏଯାଏ ଅବୁଝା ରହିଛି। ତଥାପି ଯାହା ଜଣାପଡିଲା ପୁଞ୍ଜିପତି ଓ କଳାବଜାରୀ ମାନଙ୍କର ଯେଉଁ ପରିମାଣର ଲାଭ ହୋଇଥିଲା। ଏଥିରେ କଳାଧନ ଉପରେ ଯେପରି ରୋକ ଲାଗିବା କଥା ତାହା ଆଦୌ ସ୍ପଷ୍ଟ ପରିଲକ୍ଷିତ ହେଲାନାହିଁ। ସାଧାରଣ ଜନତା କେବଳ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ବର୍ତ୍ତମାନ ୨ ହଜାର ଟଙ୍କିଆ ବନ୍ଦ ନିଷ୍ପତ୍ତିକୁ ଲୋକେ ଠିକ୍ ଅର୍ଥରେ ନନେଇ କହୁଛନ୍ତି ଯେ, ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏହା କେନ୍ଦ୍ର ସରକାରଙ୍କର ନୂଆ ଏକ ଚାଲ। ତେଣୁ ଏଭଳି ପରିସ୍ଥିତିରେ ଲୋକଙ୍କ ମତ କ'ଣ ରହିଛି ତାହା ନିମ୍ନରେ ...*

*ଶୀଳଭଦ୍ର ଶାସ୍ତ୍ରୀ, ଓକିଲ, ଉପ ସଭାପତି, କଞ୍ଜୁମର ବାର ଆସୋସିଏସନ, କଟକ*



ବିମୁଦ୍ରୀକରଣ ଏକ ପ୍ରକ୍ରିୟା ମାତ୍ର ଏବଂ ସବୁ ସମୟରେ ରହି ଆସିଛି। ହେଲେ ସାଧାରଣରେ ଏ ପ୍ରକ୍ରିୟା ଏତେ ପ୍ରଚଳନ ନଥିଲା। କିନ୍ତୁ ଗତ ୨୦୧୬ ମସିହାରେ ଯେଉଁ ଭଳି ଭାବରେ କେନ୍ଦ୍ର ସରକାର ଅଚାନକ ୧୦୦୦ ଟଙ୍କିଆ ନୋଟକୁ ବନ୍ଦି କଲେ, ତାହା ଲୋକେ ବୁଝିବା ପୁର୍ବରୁ ଯନ୍ତ୍ରଣା ଭୋଗିଲେ। ଏହି ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରି ସରକାର ୨୦୦୦ ଟଙ୍କିଆ ନୋଟ ପ୍ରଚଳନ କଲେ, କୁହା ଗଲା କଳା ଟଙ୍କା କାରବାର ରୋକିବାକୁ ଏ ଉଦ୍ୟମ, କିନ୍ତୁ ପ୍ରକାରାନ୍ତରରେ ଦେଖାଗଲା ଯେ ଏହି ଅଚଳ ଓ ସଚଳ କାରବାର ଏକ ନିର୍ବାଚନି ଚାଲ ଭଳି ଥିଲା। ହେଲେ ଏହି ଅଚାନକ ନିଷ୍ପତ୍ତିର ବାହା ବାହା ସିନା ସରକାର ମାରିଲେ କିନ୍ତୁ ଅକଥନୀୟ ଦୁର୍ଦ୍ଦଶା ଭୋଗିଲେ ସାଧାରଣ ଜନତା, ଜୀବନରେ ଏ ଭଳି ଦୁର୍ଦ୍ଦଶା ସାଧାରଣ ଲୋକେ ନଦେଖନ୍ତୁ। ଅପର ପକ୍ଷରେ ଦେଖା ଗଲା ଅସଲ ବିତ୍ତ ଶାଳି କଳା ଟଙ୍କା ବାଲାଏ ବ୍ୟାଗ ବ୍ୟାଗ୍ ➤ ପୃ-୬

*ଗଦାଧର ଖୁଣ୍ଟିଆ, ଭୁବନେଶ୍ୱର*



ଭାରତୀୟ ରିଜର୍ଭ ବ୍ୟାଙ୍କ ଅନେକ ଦିନରୁ ମନ୍ତବ୍ୟ ରଖିଥିଲେ ଯେ ସେମାନେ ବଜାରରୁ ସର୍ବୋଚ୍ଚ ସୀମାର ବଡ କରେନ୍ସିର ପ୍ରଚଳନ କମାଇବାକୁ ଚାହାନ୍ତି ଓ ସେହି ପରିପ୍ରେକ୍ଷୀରେ ୨ ହଜାର ଟଙ୍କିଆ ନୋଟ୍‌ର ଛପା ବନ୍ଦ କରିଥିଲେ। କାରଣ ଛପା ଯାଇଥିବା ୬.୭୨ ଲକ୍ଷ କୋଟି ଟଙ୍କାରୁ, ମାତ୍ର ୩.୬୨ ଲକ୍ଷ କୋଟି ୨ ହଜାର ଟଙ୍କିଆ ନୋଟ୍ ବଜାରରେ ଚଳପ୍ରଚଳ ପାଇଁ ଉପଲବ୍ଧ। ପୁନଶ୍ଚ ରିଜର୍ଭ ବ୍ୟାଙ୍କ କହନ୍ତି, ଦୈନନ୍ଦିନ କାରବାର ପାଇଁ ୨ ହଜାର ଟଙ୍କିଆ ବିମୁଦ୍ରୀକରଣ ପ୍ରାୟତଃ ବ୍ୟବହାର ହୋଇନଥାଏ ତେଣୁ ଏହାକୁ ସର୍କୁଲେସନରୁ ଦୂରେଇ ଦେବା ପାଇଁ ହୁଏତ ନିଷ୍ପତ୍ତି ନେଇଥାଇ ପାରନ୍ତି। ସାଧାରଣରେ ଆଲୋଚନ୍ୟ ବିଷୟ ହୋଇଛି ଯେ, ଉଭୟ ସରକାର ଓ ରିଜର୍ଭ ବ୍ୟାଙ୍କ କାହିଁକି ଏ ଅସମୟରେ ୨ ହଜାର ଟଙ୍କିଆ ବଜାରରୁ ଉଠାଇନେବା କଥା ଚିନ୍ତା କଲେ। ଗଚ୍ଛିତ ଥିବା ୨ ହଜାର ଟଙ୍କିଆ ନୋଟକୁ ଆଗାମୀ ସାଧାରଣ ନିର୍ବାଚନରୁ ଦୂରେଇ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ଅଚାନକ ଦୂରଯାତ୍ରା ଯୋଗ ଅଛି। ଗଳା ଓ ଶର୍ଦ୍ଦି ରୋଗ ହୋଇପାରେ। ପରିବାରରେ ମତାନ୍ତର ହେବ। ଆୟ ଓ ବ୍ୟୟ ବଢ଼ିବ। କାର୍ଯ୍ୟ କ୍ଷେତ୍ରରେ ନୂଆ ଜିନିଷ ଶିଖିବେ। ଦମ୍ପତିଙ୍କର ସାମାନ୍ୟ ମତାନ୍ତର ହେବ। ଦୂର ଯାତ୍ରା ଭ୍ରମଣ ଯୋଗ ଅଛି।

**ବୃଷ** ଅଯଥା କାମରେ ପଡନ୍ତୁ ନାହିଁ। ଆଖି ସମ୍ବନ୍ଧିୟ ଓ ପୀଡା ଯୋଗ ଅଛି। ବ୍ୟୟ ବଢ଼ିବ। ଜିନିଷ କିଣିବେ। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ। ଦୂରଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ମନ୍ଦିର ଦର୍ଶନ କରିପାରନ୍ତି।

**ମିଥୁନ** ବାଣୀରେ ତକଲିଫ୍ ହୋଇପାରେ। ଶରୀରରେ ପୀଡା ହୋଇପାରେ। କାର୍ଯ୍ୟ କ୍ଷେତ୍ରରେ ନୂଆ କାମ ପାଇଷବ। ଧନପ୍ରାପ୍ତି ଯୋଗ ଅଛି। ପରିବାରର ବଡ ଲୋକଙ୍କ ଶରୀର ଅସୁସ୍ଥ ହୋଇପାରେ।

**କର୍କଟ** ମନ ଦୁର୍ବଳ ଓ ଅଶାନ୍ତ ରହିବ। ନଦୀ ବା ପାଣିରୁ ସାବଧାନ ରହନ୍ତୁ। ସନ୍ତାନ ପାଇଁ ଚିନ୍ତିତ ରହିବେ। କାର୍ଯ୍ୟ କ୍ଷେତ୍ରରେ ସହଯୋଗ ପାଇଷବ। କୌଣସି ସ୍ତ୍ରୀ ଲୋକଙ୍କ ସହ ମତାନ୍ତର ରହିବ।

**ସିଂହ** ଲାଭ ଓ କ୍ଷତି ଲାଗି ରହିବ। କାର୍ଯ୍ୟ କ୍ଷେତ୍ରରେ ପଦୋନ୍ନତି ହୋଇପାରେ। ରୋକିଥିବା କାମ ମିଳିବ। ଭୂମି ବା ଘର କିଣିପାରନ୍ତି। ଜୀବନସାଥୀଙ୍କ ସହ ମିଶି ପୂଜା ପାଠ କରିପାରନ୍ତି। ବିଦେଶ ଭ୍ରମଣ ଯୋଗ ଅଛି।

**କନ୍ୟା** ଦୁଇଟି ନୂଆ ଶୁଭ ଖବର ପାଇବେ। କାର୍ଯ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ନୂଆ କାମରୁ ଧନପ୍ରାପ୍ତି ଯୋଗ ଅଛି। କିଣାକିଣି କରିପାରନ୍ତି। ପ୍ରେମୀ ମାନଙ୍କ ପାଇଁ ସମୟ ଅନୁକୁଳ ଅଟେ।

**ତୁଳା** ସପ୍ତାହର ପ୍ରଥମାର୍ଦ୍ଧରେ ମନ ଓ କାର୍ଯ୍ୟରେ ଅଶାନ୍ତି ପାଇବେ। ବ୍ୟସ୍ତ ରହିବେ। ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁ କିଣିପାରନ୍ତି। ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେବେ। ପରିବାର ସହ ଭଲ ସମୟ କଟିବ।

**ବିଛା** କାର୍ଯ୍ୟ ବ୍ୟସ୍ତ ରହିବେ। ଧନ ଫେରସ୍ତ ପାଇବେ। କାର୍ଯ୍ୟ କ୍ଷେତ୍ରରେ ଦୂରଯାତ୍ରା ଯୋଗ ଅଛି। ଜିନିଷ ଚୋରୀ ହୋଇପାରେ। ପେଟରେ ରୋଗ ହୋଇପାରେ। ଦାମ୍ପତ୍ୟ ଜୀବନ ଅତି ସୁଖମୟ ହେବ।

**ଧନୁ** ଖର୍ଚ୍ଚ ବଢ଼ିବ। ଇଏନ୍ଟି ଓ ପେଟ ରୋଗ ହୋଇପାରେ। ବ୍ୟୟ ବଢ଼ିବ। କାମ ହେଉ ହେଉ ବନ୍ଦ ହୋଇପାରେ। ଧାର୍ମିକ କାର୍ଯ୍ୟରେ ମନ ଦିଅନ୍ତୁ। ପରିବାରରେ ବିବାଦ ହୋଇପାରେ। ଗୃହରେ ଶାନ୍ତି ବଜାୟ ରହିବ।

**ମକର** ପୂର୍ବର କାମରୁ ଲାଭ ପାଇବେ। ଭୂମି ସମ୍ବନ୍ଧୀୟ କାମ ହେବ। ଘରେ ମରାମତି କାମ ହେବ। କାର୍ଯ୍ୟ କ୍ଷେତ୍ରରେ ବିଶିଷ୍ଟ ଲୋକଙ୍କ ଠାରୁ ସହଯୋଗ ପାଇଷବ। ପରିବାର ଲୋକଙ୍କ ଠାରୁ ଖୁସି ଖବର ପାଇବେ।

**କୁମ୍ଭ** ସପ୍ତାହଟି ଧନ ଓ ଆନନ୍ଦ ଦାୟକ ହେବ। ସରକାରୀ କାମରେ ସଫଳତା ପାଇବେ। ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେବେ। ଘରୋଇ ବସ୍ତୁରେ ଖର୍ଚ୍ଚ ହୋଇପାରେ। ଜୀବନସାଥୀଙ୍କ ସହ ଭ୍ରମଣରେ ଯାଇପାରନ୍ତି। ନୂତନ ଗାଡି କ୍ରୟ କିଣିପାରନ୍ତି।

**ମୀନ** ଆର୍ଥିକ ସଙ୍କଟ ରହିବ। ଖର୍ଚ୍ଚ ବଢ଼ିବ। କାର୍ଯ୍ୟରେ ଭୁଲ ହୋଇପାରେ। କାର୍ଯ୍ୟ କ୍ଷେତ୍ରରେ ପରିଶ୍ରମ ତୁଳନାରେ ସଫଳତା ମିଳିବ ନାହିଁ। ଜୀବନସାଥୀଙ୍କର ରକ୍ତ ବା ପେଟ ସମ୍ବନ୍ଧୀୟ ରୋଗ ହୋଇପାରେ। ନୂତନ ଜାଗା କିଣିପାରନ୍ତି।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ଜଳବାୟୁ ପରିବର୍ତ୍ତନ ଆଣିବ ଜଳସଂକଟ

# ବିପଦରେ ଭାରତ ସମେତ ୧୬ ଏସୀୟ ଦେଶ

**ନୂଆଦିଲ୍ଲୀ :** ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରଭାବିତ ହିନ୍ଦୁକୁଶ-ହିମାଳୟୀୟ ଜଳ ବ୍ୟବସ୍ଥା ଏବେ ଏସିଆ ପାଇଁ ଚିନ୍ତାର କାରଣ ହୋଇଛି। ହିନ୍ଦୁକୁଶ-ହିମାଳୟୀୟ ଅବବାହିକା ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରଭାବିତ ହୋଇଥିବାରୁ ଭାରତ ସମେତ ୧୬ଟି ଦେଶ ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବା ଆଶଙ୍କା କରାଯାଉଛି। ଏହି ଅଞ୍ଚଳରୁ ୧୦ଟି ପ୍ରମୁଖ ନଦୀ ପ୍ରବାହିତ ହେଉଛି। ୧୦୦ କୋଟିରୁ ଉର୍ଦ୍ଧ୍ୱ ଲୋକ ଏହା ଉପରେ ନିର୍ଭର କରନ୍ତି ଏବଂ ଏହି ନଦୀଗୁଡ଼ିକ ବାର୍ଷିକ ୪.୩ ଟ୍ରିଲିୟନ (ହଜାର କୋଟି) ଡଲାରର ଜିଡିପି ସୃଷ୍ଟି କରିଥାନ୍ତି। ଉକ୍ତ ୧୦ଟି ନଦୀ ଭିତରେ ଅଛନ୍ତି- ଭାରତ ଓ ବାଂଲାଦେଶରେ ପ୍ରବାହିତ ହେଉଥିବା ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀ, ଚୀନ୍ର ୟାଙ୍ଗସେ ଓ ୟେଲୋ ରିଭର୍ସ ଏବଂ ଦୁଇ ଦେଶର ସୀମା ଭିତରଦେଇ ପ୍ରବାହିତ ହେଉଥିବା ମେକଙ୍ଗ ଓ ସାଲୱିନ ନଦୀ। ଚୀନ୍ ୱାଟର ରିସ୍କ ଥିଙ୍କ ଟ୍ୟାଙ୍କର ଗବେଷଣା ଅନୁଯାୟୀ ଜଳବାୟୁ ପରିବର୍ତ୍ତନ-ଜନିତ ହିମଶୈଳ ତରଳିବା ଓ ଚରମ ପାଣିପାଗ ଉକ୍ତ ଅଞ୍ଚଳ ପାଇଁ ବିପଦ ଆଶଙ୍କା ସୃଷ୍ଟି କରୁଛି। ନଦୀଗୁଡ଼ିକରେ ନିର୍ମାଣ କରାଯାଉଥିବା



ଜଳବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକ ସମସ୍ୟାକୁ ଆହୁରି ବଢ଼ାଉଥିବା ଉକ୍ତ ଥିଙ୍କ ଟ୍ୟାଙ୍କ ପ୍ରକାଶ କରିଛି। ଆମେ ଯଦି ଅଙ୍ଗାରକାମ୍ଳ ନିର୍ଗମନ ଉପରେ ରୋକ୍ ଲଗାଇ ନ ପାରିବା ତେବେ ଜଳସଂକଟ ଅଧିକ ଉତ୍କଟ ହେବ ବୋଲି ଏହା ଚେତାବନୀ ଦେଇଛି। ବର୍ତ୍ତମାନ ୧୬ଟି ଦେଶର ତିନି-ଚତୁର୍ଥାଂଶ ଶକ୍ତି ଆବଶ୍ୟକତା ଜଳବିଦ୍ୟୁତ୍ ଦ୍ୱାରା ପୂରଣ ହେଉଥିବା ବେଳେ ୪୪ ପ୍ରତିଶତ କୋଇଲା ଦହନ ଉପରେ ନିର୍ଭରଶୀଳ। କୋଇଲା ଦହନ ଯୋଗୁ ପ୍ରଭୂତ ପରିମାଣର ଅଙ୍ଗାରକାମ୍ଳ ନିର୍ଗମନ ହେଉଥିବାରୁ ଏହା ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନକୁ ତ୍ୱରାନ୍ୱିତ କରୁଛି। ଜାପାନର ୩୦୦ ଗିଗାୱାଟ ଶକ୍ତି ପ୍ରକଳ୍ପ ଉଚ୍ଚ ଓ ଅତ୍ୟୁଚ୍ଚ ଜଳସଂକଟ ଅଞ୍ଚଳରେ ଅବସ୍ଥିତ। ଅନ୍ୟପକ୍ଷରେ ଚୀନ୍ର ୟାଙ୍ଗସେ ନଦୀ ଅବବାହିକା ଦେଶର ଏକତୃତୀୟାଂଶ ଜନସାଧାରଣଙ୍କ ଆବଶ୍ୟକତା ପୂରଣ କରିଥାଏ। ଏହା ମଧ୍ୟ ଦେଶର ୧୫ ପ୍ରତିଶତ ଶକ୍ତି ଆବଶ୍ୟକତା ମେଣ୍ଟାଇଥାଏ। କିନ୍ତୁ ଗତବର୍ଷ ଦୀର୍ଘଦିନ ଧରି ଏହି ଅଞ୍ଚଳରେ ମରୁଡ଼ି ପଡ଼ିଲା ଏବଂ ଜଳବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହେଲା। ତେଣୁ ଜଳବାୟୁ ପରିବର୍ତ୍ତନର ଶିକାର ହେଉଥିବା ଦେଶଗୁଡ଼ିକ ଜଳସଂକଟରୁ କିପରି ମୁକ୍ତି ପାଇବେ ଏବଂ ତା' ସହ ଶକ୍ତି ଆବଶ୍ୟକତା ମଧ୍ୟ ପୂରଣ କରିପାରିବେ, ତାହା ଉପରେ ବିଚାରବିମର୍ଶ କରି ନୀତି ନିର୍ଦ୍ଧାରଣ କରିବା ଆବଶ୍ୟକ ବୋଲି ଉକ୍ତ ଥିଙ୍କ ଟ୍ୟାଙ୍କ ପକ୍ଷରୁ କୁହାଯାଇଛି।

## କୋର୍ଟଙ୍କ ରାୟ ପରେ ବି ନ୍ୟାୟ ମିଳୁନି: ରାଷ୍ଟ୍ରପତି



**ରାଞ୍ଚି :** କୋର୍ଟ ରାୟ ଦେବା ପରେ ବି ଲୋକଙ୍କୁ ନ୍ୟାୟ ମିଳୁନାହିଁ। ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଉନାହିଁ। ଗାଁରେ ଏପରି ଅନେକ ମାମଲା ଦେଖିବାକୁ ମିଳୁଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ବୁଧବାର ଝାଡ଼ଖଣ୍ଡ ହାଇକୋର୍ଟର ନୂଆ ଭବନ ଉଦ୍ଘାଟନ କରି ରାଷ୍ଟ୍ରପତି ଏଥିପ୍ରତି ଚିନ୍ତା ପ୍ରକଟ କରିଛନ୍ତି। ସେ ଏପରି କିଛି ଲୋକଙ୍କ ତାଲିକା ନିଜ ପାଖରେ ରଖିଛନ୍ତି। ଏହାକୁ ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ନିକଟକୁ ପଠାଇବେ ବୋଲି କହିଛନ୍ତି। ସେ ଉଭୟ ହିନ୍ଦୀ ଏବଂ ଇଂରାଜୀରେ ଅଭିଭାଷଣ ଦେଇଛନ୍ତି। କୋର୍ଟରେ ଭାଷା ପ୍ରତିବନ୍ଧକ ନ ହେଉ ବୋଲି କହିଛନ୍ତି। ନିଷ୍ପତ୍ତି କେବଳ ଇଂରାଜୀରେ ନଆସୁ। ଲୋକଙ୍କ ସୁବିଧା ପାଇଁ ହିନ୍ଦୀ ସହିତ ଅନ୍ୟ ଭାଷା ବ୍ୟବହାର କରାଯିବା ଉଚିତ। ଏହା ଦ୍ୱାରା ଲୋକେ କୋର୍ଟଙ୍କ ନିଷ୍ପତ୍ତିକୁ ବୁଝିପାରିବେ। ରାଜ୍ୟପାଳ ସିପି ରାଧାକୃଷ୍ଣନ କହିଛନ୍ତି ଯେ ହାଇକୋର୍ଟ ନ୍ୟାୟର ମନ୍ଦିର। ଲୋକେ ନ୍ୟାୟ ପାଇଁ ଏଠାକୁ ଆସୁଛନ୍ତି। ଏଥିପାଇଁ ଗଣତନ୍ତ୍ର ମଜବୁତ ହେଉଛି। ସିଜେଆଇ କହିଛନ୍ତି ଯେ ଦଣ୍ଡ ହେବା ପୂର୍ବରୁ ଗରିବ ଲୋକଙ୍କୁ ଅନେକ ବର୍ଷ ପର୍ଯ୍ୟନ୍ତ ଜେଲ୍ରେ ରହିବାକୁ ପଡୁଥିଲା। ନ୍ୟାୟ ଶୀଘ୍ର ନ ମିଳିଲେ ଲୋକେ ବିଶ୍ୱାସ କେମିତି କରିବେ। ଜାମିନ ମାମଲାରେ ଏଥିପ୍ରତି ଧ୍ୟାନ ଦେବାକୁ ହେବ। ଜିଲ୍ଲା କୋର୍ଟଙ୍କୁ ସମାନ ପ୍ରାଧାନ୍ୟ ଦେବାକୁ ପଡ଼ିବ। ଜିଲ୍ଲା କୋର୍ଟଙ୍କ ସମ୍ମାନ ନାଗରିକଙ୍କ ସମ୍ମାନ ସହ ଜଡ଼ିତ ରହିଛି।

## ହାତୀ କ୍ଷୀରରେ ଥାଏ ୬୦% ଆଲକୋହଲ

**ନୂଆଦିଲ୍ଲୀ :** ପ୍ରୋଟିନ ପାଇଁ ଆମେମାନେ ମୁଖ୍ୟତଃ କ୍ଷୀର ପିଇଥାଉ। ବିଶେଷ କରି ଛୋଟ ପିଲାମାନଙ୍କୁ ପିଇବାକୁ କ୍ଷୀର ଦିଆଯାଇଥାଏ। ଏହା ବ୍ୟତୀତ କ୍ଷୀରରୁ ତିଆରି ସାମଗ୍ରୀ ଦହି, ଛେନା, ଲହୁଣୀ ଆମର ଦୈନନ୍ଦିନ ଖାଦ୍ୟପଦାର୍ଥରେ ସାମିଲ ହୋଇଥାଏ। ତେବେ ସାଧାରଣତଃ ଆମମାନଙ୍କ ଘରକୁ ଗାଇ, ମଇଁଷିଙ୍କ କ୍ଷୀର ଆସିଥାଏ। କିଛି ଲୋକ ଛେଳି କ୍ଷୀର ମଧ୍ୟ ପିଇଥାନ୍ତି। କିନ୍ତୁ ଆପଣ ଜାଣନ୍ତି କି ଦୁନିଆରେ ଏମିତି ଏକ ପଶୁ ଅଛି ଯାହାର କ୍ଷୀରରେ ଆଲକୋହଲ ଥାଏ। ବାସ୍ତବରେ ହାତୀ କ୍ଷୀରରେ ୬୦% ପର୍ଯ୍ୟନ୍ତ ଆଲକୋହଲ ଥାଏ। ତଥ୍ୟ ଅନୁଯାୟୀ, ମାଈ ହାତୀର କ୍ଷୀରରେ ୬୦ ପ୍ରତିଶତ ପର୍ଯ୍ୟନ୍ତ ଆଲକୋହଲ ଥାଏ। ହାତୀର କ୍ଷୀରରେ ଥିବା ରାସାୟନିକ ପଦାର୍ଥ କିନ୍ତୁ ମଣିଷ ସେବନ କରିବା ବିପଦଜନକ ହୋଇପାରେ। ବାସ୍ତବରେ ହାତୀ ଆଖୁ ଖାଇବାକୁ ବହୁତ ଭଲ ପାଏ। ଆଉ ଆଖୁରେ ବହୁମାତ୍ରାରେ ଆଲକୋହଲ ପ୍ରସ୍ତୁତ ପାଇଁ ପୋଷାକ ତତ୍ତ୍ୱ ଥିବାରୁ ହାତୀର କ୍ଷୀରରେ ଆଲକୋହଲ ମିଳିଥାଏ। ବୈଜ୍ଞାନିକଙ୍କ କହିବା ଅନୁଯାୟୀ ପ୍ରାୟ ପାଞ୍ଚ କୋଟି ବର୍ଷ ପୂର୍ବେ ପୃଥିବୀରେ ୧୭୦ ପ୍ରଜାତିର ହାତୀ ଦେଖିବାକୁ ମିଳୁଥିଲା। କିନ୍ତୁ ବର୍ତ୍ତମାନ ୩ ପ୍ରଜାତିର ହାତୀ ଦେଖିବାକୁ ମିଳୁଛି। ସାଧାରଣ ହାତୀଟିଏ ପ୍ରତିଦିନ ପ୍ରାୟ ୧୫୦ କିଲୋଗ୍ରାମ ଖାଦ୍ୟ ଆବଶ୍ୟକ କରେ। ସେଥିପାଇଁ ହାତୀମାନେ ପ୍ରତିଦିନ ଘାସ, ପତ୍ର ଏବଂ ଫଳ ଖାଇବାରେ ୧୨ ରୁ ୧୮ ଘଣ୍ଟା ବିତାଇଥାନ୍ତି।

## ବିଶ୍ୱ ଧନୀଙ୍କ ସମ୍ପତ୍ତି କମିଲା, ଭାରତୀୟଙ୍କ ବଢ଼ିଲା

**ନୂଆଦିଲ୍ଲୀ :** ବିଶ୍ୱର ବଡ଼ ବଡ଼ ଧନୀଙ୍କ ସମ୍ପତ୍ତିରେ ହ୍ରାସ ଘଟୁଥିବା ବେଳେ ଭାରତୀୟ ଧନୀମାନଙ୍କ ସମ୍ପତ୍ତିରେ ବୃଦ୍ଧି ଘଟୁଛି। ଗତ ୨୪ ଘଣ୍ଟା ଭିତରେ ବିଶ୍ୱର ତିନି ପ୍ରମୁଖ ଧନୀ ବର୍ନାର୍ଡ ଆର୍ନଲ୍ଟ, ଜେଫ୍ ବେଜୋସ୍ ଓ ୱାରେନ୍ ବଫେଙ୍କ ସମ୍ପତ୍ତି ହ୍ରାସ ପାଇଛି। ଆମାଜନର ପ୍ରତିଷ୍ଠାତା ଜେଫ୍ ବେଜୋସ୍ ୧,୬୩,୯୦୯ କୋଟି ଟଙ୍କା ପାଇଛି। ବିଶ୍ୱର ଏକ ନମ୍ବର ଧନୀ ନର୍ବାର୍ଡ ଆର୍ନଲ୍ଟଙ୍କ ସମ୍ପତ୍ତି ୯୨ ହଜାର କୋଟି ଟଙ୍କା କମିଛି। ଟେସ୍ଲାର ମୁଖ୍ୟ ଏଲନ୍ ମସ୍କଙ୍କ ସମ୍ପତ୍ତି ୧୮,୩୫୦ କୋଟି ଟଙ୍କା କମିଛି। ୱାରେନ୍ ବଫେଙ୍କ ସମ୍ପତ୍ତିରେ ୧୮,୧୦୨ କୋଟି ଟଙ୍କା ହାସ ଘଟିଛି। ମାଇକ୍ରୋସଫ୍ଟର ପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କ ସମ୍ପତ୍ତି ୮,୨୬୬ କୋଟି ଟଙ୍କା କମିଛି। ତେବେ ସେହି ସମୟରେ ଦୁଇ ଭାରତୀୟ ଧନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ର ମୁଖ୍ୟ ମୁକେଶ ଅମ୍ବାନି ଓ ଆଦାନି ଗ୍ରୁପ୍ର ମୁଖ୍ୟ ଗେ?ତମ ଆଦାନିଙ୍କ ସମ୍ପତ୍ତି ବଢ଼ିଛି। ମୁକେଶଙ୍କ ସମ୍ପତ୍ତିରେ ୪୫,୩୮୦ କୋଟି ଟଙ୍କା ବୃଦ୍ଧି ହୋଇଥିବା ବେଳେ ଆଦାନିଙ୍କ ସମ୍ପତ୍ତି ୩୬,୨୦୫ କୋଟି ଟଙ୍କା ବଢ଼ିଛି। ମୁକେଶ ବିଶ୍ୱ ଧନୀ ତାଲିକାର ୧୩ତମ ଓ ଆଦାନି ୧୮ତମ ସ୍ଥାନରେ ରହିଛନ୍ତି।

### ହିମାଚଳରେ ବଦଳୁଛି ପ୍ରକୃତିର ନିୟମ

# ଗ୍ରୀଷ୍ମରେ ତୁଷାରପାତ

**ନୂଆଦିଲ୍ଲୀ :** ଜଳବାୟୁ ପରିବର୍ତ୍ତନ ପରିବେଶ ପ୍ରତି ବିପଦ ସୃଷ୍ଟି କରୁଛି। ଏହାର କୁପ୍ରଭାବ ମନୁଷ୍ୟ ସହିତ ପ୍ରକୃତି ଉପରେ ପଡୁଛି। ହିମାଚଳ ପ୍ରଦେଶରୁ ଏହାର ସାଂଘାତିକ ଚିତ୍ର ସାମ୍ନାକୁ ଆସିଛି। ଚଳିତ ବର୍ଷ ଏହି ରାଜ୍ୟରେ ପ୍ରକୃତିର ନିୟମ ବଦଳି ଯାଇଛି। ହିମାଳୟ କ୍ଷେତ୍ରରେ ତୁଷାରପାତର ଧାରାରେ ପରିବର୍ତ୍ତନ ହୋଇଛି। ଶୀତ ଦିନ ପରିବର୍ତ୍ତେ ଖରା ଦିନେ ଅଧିକ ତୁଷାରପାତ ହୋଇଛି। ଶୀତ ଋତୁରେ ପାହାଡରେ ନାମମାତ୍ର ବରଫ ପଡିଛି। ଡିସେମ୍ବରରୁ ଫେବୃଆରୀ ମଧ୍ୟରେ ବରଫ ଆଚ୍ଛାଦିତ ଅଞ୍ଚଳ ସଂଖ୍ୟା ମଧ୍ୟ ହ୍ରାସ ପାଇଛି। ତେବେ ଏପ୍ରିଲରେ ପ୍ରବଳ ବରଫ ପଡିଛି। ଏହା ସତ୍ତ୍ୱେ ଶୀତ ଋତୁରେ ବରଫ ଆଚ୍ଛାଦିତ ଅଞ୍ଚଳ ୧୦ ପ୍ରତିଶତ ହ୍ରାସ ପାଇଛି। ହିମାଚଳ ପରିବେଶ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ (ହିମକାଷ୍ଟ)ର ଷ୍ଟେଟ୍ ସେଣ୍ଟର ଅନ୍ କ୍ଲାଇମେଟ ଚେଞ୍ଜିଂ ଦ୍ୱାରା କରାଯାଇଥିବା ନୂଆ ସର୍ବେକ୍ଷଣରୁ ଏହି ତଥ୍ୟ ମିଳିଛି। ରିପୋର୍ଟରେ ତାପମାତ୍ରା ବୃଦ୍ଧିକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ହିମାଳୟ କ୍ଷେତ୍ରରେ



ତାପମାତ୍ରା ବୃଦ୍ଧି ଯୋଗୁଁ ଗତ କିଛି ବର୍ଷ ହେଲା ବରଫ ଆଚ୍ଛାଦିତ ଅଞ୍ଚଳ ହ୍ରାସ ପାଇବାରେ ଲାଗିଛି। ବରଫ ମଧ୍ୟ ଦ୍ରୁତ ଗତିରେ ତରଳିବାରେ ଲାଗିଛି। ପ୍ରଥମ ଥର ପାଇଁ ସିମ୍ଲାରେ ତୁଷାରପାତ ହୋଇନାହିଁ। ଏଥିପାଇଁ ରିପୋର୍ଟରେ ଇ-ଭେଇକିଲ ଏବଂ ଅକ୍ଷୟ ଶକ୍ତି ବ୍ୟବହାର ଲାଗି ପରାମର୍ଶ ଦିଆଯାଇଛି। ରିପୋର୍ଟ ଅନୁଯାୟୀ ଅକ୍ଟୋବରରୁ ଏପ୍ରିଲ ମଧ୍ୟରେ ଚେନାବ ନଦୀ ଅବବାହିକାରେ ୦.୩୯ ପ୍ରତିଶତ, ବ୍ୟାସ ନଦୀରେ ୬.୯ ପ୍ରତିଶତ, ରାବୀରେ ୨୨.୪୨ ପ୍ରତିଶତ ଏବଂ ସତ୍ଲୁଜ ନଦୀ ଅବବାହିକାରେ ବରଫ ଆଚ୍ଛାଦିତ ଅଞ୍ଚଳ ୧୪.୬୧ ପ୍ରତିଶତ ହ୍ରାସ ପାଇଛି। ସାଧାରଣତଃ ଏପ୍ରିଲରେ ବରଫ ତରଳି ଥାଏ। କିନ୍ତୁ ଚଳିତ ବର୍ଷ ବିପରୀତ ହୋଇଛି। ଏପ୍ରିଲରେ ପ୍ରବଳ ତୁଷାରପାତ ହୋଇଛି। ଏହା ବରଫ ଏବଂ ହିମ ଆଚ୍ଛାଦିତ ଅଞ୍ଚଳ ପାଇଁ ସଞ୍ଜିବନୀ ସାବ୍ୟସ୍ତ ହୋଇଛି। ଏହି ତୁଷାରପାତ ଯୋଗୁଁ ୨୦୨୧-୨୨ ତୁଳନାରେ ଚେନାବ ଅବବାହିକାରେ ବରଫ ଆଚ୍ଛାଦିତ ଅଞ୍ଚଳ ୮୫ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ବ୍ୟାସ ନଦୀରେ ୫୧ ପ୍ରତିଶତ, ରାବୀରେ ୩୧ ପ୍ରତିଶତ ଏବଂ ସତଲୁଜ ଅବବାହିକାର ୪୩ ପ୍ରତିଶତ ଅଞ୍ଚଳ ବରଫରେ ଢାଙ୍କି ହୋଇ ରହିଛି। ହିମାକାଷ୍ଟର ଷ୍ଟେଟ୍ ସେଣ୍ଟର ଅନ୍ କ୍ଲାଇମେଟ୍ ଚେଞ୍ଜିଂ ଉପଗ୍ରହ ଚିତ୍ର ମାଧ୍ୟମରେ ଚିନାବ, ରାବୀ, ସତଲୁଜ ଏବଂ ବ୍ୟାସ ନଦୀ ଅବବାହିକାରେ ଏହି ସର୍ବେକ୍ଷଣ କରିଥିଲା। ବରଫ ଆଚ୍ଛାଦିତ ଅଞ୍ଚଳ ହ୍ରାସ ପଞ୍ଜାବ, ହରିୟାଣା, ଦିଲ୍ଲୀ ଏବଂ ରାଜସ୍ଥାନ ପାଇଁ ଖରାପ ସଙ୍କେତ ସାବ୍ୟସ୍ତ ହୋଇପାରେ। ତେବେ ଖରାଦିନେ ପ୍ରବଳ ତୁଷାରପାତ ହେବା ଯୋଗୁଁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ବରଫ ଆଚ୍ଛାଦିତ ଅଞ୍ଚଳ ସଂଖ୍ୟା ହ୍ରାସ ପାଇଛି। ଏଥିଯୋଗୁଁ ଏବେ ନଦୀ ନାଳରେ ପର୍ଯ୍ୟାପ୍ତ ପାଣି ରହିଛି।

## ଜିମ୍ବାୱେବାସୀ ବିଶ୍ୱରେ ସବୁଠୁ ଦୁଃଖୀ

**ନ୍ୟୁୟର୍କ:** ଜିମ୍ବାୱେବାସୀ ସମଗ୍ର ବିଶ୍ୱରେ ସବୁଠାରୁ ଅଧିକ ଦୁଃଖୀ ବୋଲି ଖ୍ୟାତନାମା ଅର୍ଥନୀତିଜ୍ଞ ଷ୍ଟିଭ୍ ହାନ୍କେଙ୍କ ତରଫରୁ ଜାରି ଏକ ରିପୋର୍ଟରେ ଦର୍ଶାଯାଇଛି। ଜିମ୍ବାୱେରେ ଦରଦାମ୍ ବୃଦ୍ଧି ଅନିୟନ୍ତ୍ରଣ ଅବସ୍ଥାକୁ ଚାଲି ଆସିଥିବାରୁ ଏଠାକାର ନାଗରିକ ବହୁତ କଷ୍ଟରେ ଜୀବନ ନିର୍ବାହ କରୁଥିବା ରିପୋର୍ଟରେ ଦର୍ଶାଯାଇଛି। ନ୍ୟୁୟର୍କ ପୋଷ୍ଟରେ ପ୍ରକାଶିତ ଖବର ଅନୁଯାୟୀ ଯୁଦ୍ଧଗ୍ରସ୍ତ ୟୁକ୍ରେନ୍, ସୁଦାନ, ସିରିୟା ଆଦି ଦେଶକୁ ପଛରେ ପକାଇ ଜିମ୍ବାୱେ ସବୁଠାରୁ ଦୁଃସ୍ଥ ରାଷ୍ଟ୍ରର ମାନ୍ୟତା ପାଇଛି। ମୋଟ୍ ୧୫୭ଟି ଦେଶର ଆର୍ଥିକ ସ୍ଥିତିକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ପ୍ରକାଶିତ ରିପୋର୍ଟ ଅନୁଯାୟୀ ଗତବର୍ଷ ଜିମ୍ବାୱେରେ ମୁଦ୍ରାସ୍ଫୀତି ୨୪୩.୮% ରହିଥିଲା। ଏଥିସହ ବେରୋଜଗାରୀ, ବିଶ୍ୱ ବଜାରରୁ ଜିମ୍ବାୱେ ସରକାର ମାତ୍ରାଧିକ ଋଣ ନେବା, ସାମଗ୍ରିକ ଘରୋଇ ଉତ୍ପାଦ ହ୍ରାସ ଆଦି କାରଣରୁ ଏହି ଦେଶରେ ବାସ କରିବା ସବୁଠାରୁ ଅଧିକ କଷ୍ଟକର ହୋଇପଡ଼ିଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସବୁଠାରୁ ଦୁଃସ୍ଥ ପ୍ରଥମ



୧୫ଟି ଦେଶ ମଧ୍ୟରେ ଜିମ୍ବାୱେ ବ୍ୟତୀତ ଭେନିଜୁଏଲା, ସିରିୟା, ଲେବାନନ୍, ସୁଦାନ, ଆର୍ଜେଣ୍ଟିନା, ୟେମେନ୍, ୟୁକ୍ରେନ୍, କ୍ୟୁବା, ତୁର୍କୀ, ଶ୍ରୀଲଙ୍କା, ହାଇତି, ଆଙ୍ଗୋଲା, ଟୋଙ୍ଗା, ଘାନା ରହିଛନ୍ତି। ଅନ୍ୟପକ୍ଷରେ ଏହି ତାଲିକାରେ ସବୁଠାରୁ ସୁଖୀ ଦେଶ ମାନ୍ୟତା ପାଇଛି ସ୍ୱିଜରଲାଣ୍ଡ। ଏହା ପଛକୁ କ୍ରମାନ୍ୱୟରେ କୁଏତ, ଆୟରଲାଣ୍ଡ, ଜାପାନ, ମାଲେସିୟା, ତାଇୱାନ, ନାଇଜେ, ଥାଇଲାଣ୍ଡ ପ୍ରମୁଖ ରହିଛନ୍ତି। ଏହି ତାଲିକାରେ ଭାରତ ୧୦୩ ନମ୍ବରରେ ରହିଛି। ଭାରତରେ ବେକାରୀଜନିତ ସମସ୍ୟା ରହିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତାଲିକାର ୧୩୪ ନମ୍ବରରେ ଆମେରିକା ରହିଛି।

# ଜନମତ ସର୍ଭେ; ଅପ୍ରତିଦ୍ୱନ୍ଦ୍ୱୀ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ଲୋକନୀତି-ସେଣ୍ଟର ଫର୍ ଦ ଷ୍ଟଡି ଅଫ୍ ଡେଭ୍ଲପିଂ ସୋସାଇଟିଜ୍ (ସିଏସ୍‌ଡିଏସ୍)ର ସହଯୋଗରେ ଏନ୍‌ଡିଟିଭି ଦ୍ୱାରା କରାଯାଇଥିବା ଏକ ସ୍ୱତନ୍ତ୍ର ଜନମତ ସର୍ଭେରୁ ଜଣାପଡ଼ିଛି ଯେ ପ୍ରଧାନମନ୍ତ୍ରୀ ପଦ ପାଇଁ ନରେନ୍ଦ୍ର ମୋଦୀ ସର୍ବାଧିକ ସଂଖ୍ୟକ ଭାରତୀୟଙ୍କର ପ୍ରଥମ ପସନ୍ଦ। ଏହି ସର୍ଭେ ଅନୁଯାୟୀ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କର ଲୋକପ୍ରିୟତା ବଢୁଥିଲେ ମଧ୍ୟ ମୋଦୀ ତଥାପି ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ଷମତାରେ ରହିବାର ଚଳିତ ମାସରେ ୯ ବର୍ଷ ପୂରଣ ହେଉଥିବା ଏବଂ ଆସନ୍ତାବର୍ଷ ଲୋକସଭା ନିର୍ବାଚନ ହେବାକୁ ଥିବା ପରିପ୍ରେକ୍ଷୀରେ ଏହି ଜନମତ ସର୍ଭେ କରାଯାଇଥିଲା। ସଦ୍ୟ କର୍ଣ୍ଣାଟକ ନିର୍ବାଚନରେ ବିଜେପି କଂଗ୍ରେସଠାରୁ ହାରିବା ପରେପରେ ମେ ୧୦ରୁ ୧୯ ଭିତରେ ୧୯ଟି ରାଜ୍ୟରେ ଏହି ସର୍ବେକ୍ଷଣ କରାଯାଇଥିଲା। କର୍ଣ୍ଣାଟକରେ ହାରିବା ସତ୍ତ୍ୱେ ବିଜେପି ପାଇଁ ସୁସମ୍ବାଦ ହେଉଛି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲୋକପ୍ରିୟତା ଅକ୍ଷୁଣ୍ଣ ରହିଛି ଏବଂ ଦଳର ଭୋଟ ସେୟାର ମଧ୍ୟ ସ୍ଥିର ରହିଛି। ପ୍ରାୟ ୪୩ ପ୍ରତିଶତ ଲୋକ କହିଥିଲେ ଯେ, ବିଜେପି-ନେତୃତ୍ୱାଧୀନ ଏନ୍‌ଡିଏ ଦେଶରେ ତୃତୀୟ ପାଳି ପାଇଁ ସରକାର ଗଠନ କରୁ ବୋଲି ସେମାନେ ଚାହାନ୍ତି। ୩୮% ଲୋକ ଏଥିରେ ସମ୍ମତ ହୋଇ ନ ଥିଲେ। ଆଜି ଯଦି ନିର୍ବାଚନ ହୁଏ, ତେବେ ୪୦% ଲୋକ ବିଜେପିକୁ ଭୋଟ ଦେବେ ବୋଲି କହିଥିଲେ। କଂଗ୍ରେସକୁ ୨୯% ଲୋକ ଭୋଟ ଦେବେ ବୋଲି କହିଥିଲେ। ବିଜେପିର ଭୋଟ ଭାଗ ୨୦୧୯ରେ ଥିବା ୩୭% ଅପେକ୍ଷା ୨୦୨୩ରେ ୩୯%କୁ ବୃଦ୍ଧି ପାଇଛି। ସେହିପରି କଂଗ୍ରେସର ଭୋଟ ଭାଗ ୨୦୧୯ରେ ଥିବା ୧୯%ରୁ ୨୦୨୩ରେ ୨୯%କୁ ବୃଦ୍ଧି ପାଇଛି। ୪୩% ଲୋକ କହିଥିଲେ, ଯଦି ଆଜି ନିର୍ବାଚନ ହୁଏ, ତେବେ ନରେନ୍ଦ୍ର ମୋଦୀଙ୍କୁ ସେମାନେ ପୁନଶ୍ଚ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଚାହାନ୍ତି। ତାଙ୍କର ନିକଟତମ



ପ୍ରତିଦ୍ୱନ୍ଦ୍ୱୀ ରାହୁଲ ଗାନ୍ଧିଙ୍କୁ ଏହି ପଦ ପାଇଁ ୨୭% ଲୋକ ପସନ୍ଦ କରିଥିଲେ। ସର୍ବୋଚ୍ଚ ପଦ ପାଇଁ ଲୋକଙ୍କ ପସନ୍ଦରେ ଅନ୍ୟ ନେତାମାନେ ବହୁତ ପଛରେ ଅଛନ୍ତି। ପ୍ରଧାନମନ୍ତ୍ରୀ ପଦ ପାଇଁ ମମତା ବାନାର୍ଜୀ ଓ ଅରବିନ୍ଦ କେଜ୍ରିୱାଲଙ୍କୁ ୪% ଲୋକ ପସନ୍ଦ କରିଥିଲେ। ତାଙ୍କ ତଳକୁ ଅଖିଳେଶ ଯାଦବ (୩%) ଓ ନୀତୀଶ କୁମାର (୧%)ଙ୍କ ସ୍ଥାନ ଥିବାବେଳେ ଅନ୍ୟମାନଙ୍କୁ ୧୮% ଲୋକ ପସନ୍ଦ କରନ୍ତି। ୨୦୧୯ ଓ ୨୦୨୩ର ଜନମତ ସର୍ଭେକୁ ତୁଳନା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟତା ସାମାନ୍ୟ (୪୪ରୁ ୪୩%କୁ) ହ୍ରାସ ପାଇଥିବା ବେଳେ ରାହୁଲ ଗାନ୍ଧିଙ୍କ ଲୋକପ୍ରିୟତା (୨୪ରୁ ୨୭%କୁ) ବୃଦ୍ଧି ପାଇଛି। କିନ୍ତୁ ମୋଦୀଙ୍କ ଲୋକପ୍ରିୟତା ତଥାପି ୪୦% ଉପରେ ରହିଛି। ପ୍ରଧାନମନ୍ତ୍ରୀ ମୋଦୀ ଭଲ ଭାଷଣ ଦେଉଥିବାରୁ ୨୫% ଲୋକ ତାଙ୍କୁ ପସନ୍ଦ କରନ୍ତି। ୨୦% ଲୋକ ତାଙ୍କ ବିକାଶମୂଳକ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ୧୩% କହିଛନ୍ତି ଯେ ମୋଦୀ କଠିନ ପରିଶ୍ରମୀ। ସମାନ ସଂଖ୍ୟକ ଲୋକ ତାଙ୍କ କରିସ୍ମା (ଆକର୍ଷଣୀୟ ବ୍ୟକ୍ତିତ୍ୱ) ଦ୍ୱାରା ପ୍ରଭାବିତ। ୧୧% ଲୋକ ତାଙ୍କ ପଲିସି (ନୀତି) ଗୁଡ଼ିକୁ ପସନ୍ଦ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ୨୦୨୪ ନିର୍ବାଚନରେ କିଏ ଚାଲେଞ୍ଜ କରିପାରିବେ ବୋଲି ପଚରାଯିବାରୁ ୩୪% କହିଥିଲେ ରାହୁଲ ଗାନ୍ଧି, ୧୧% କହିଥିଲେ ଅରବିନ୍ଦ କେଜ୍ରିୱାଲ, ୫% କହିଥିଲେ ଅଖିଳେଶ ଯାଦବ ଓ ୪% କହିଥିଲେ ମମତା ବାନାର୍ଜୀ ମୋଦୀଙ୍କୁ ଚ୍ୟାଲେଞ୍ଜ କରିପାରିବେ। ୨୬% ଲୋକ ରାହୁଲ ଗାନ୍ଧିଙ୍କୁ ସବୁବେଳେ ଭଲପାଆନ୍ତି ବୋଲି କହିଥିବା ବେଳେ ୧୫% କହିଥିଲେ ଭାରତ ଯୋଡ଼ୋ ଯାତ୍ରା ପରଠାରୁ ସେମାନେ ତାଙ୍କୁ ଭଲ ପାଆନ୍ତି। ୧୬% ଲୋକ ତାଙ୍କୁ ଆଦୌ ଭଲ ପାଆନ୍ତି ନାହିଁ ବୋଲି କହିଥିଲେ। କେନ୍ଦ୍ର ସରକାରଙ୍କ କାର୍ଯ୍ୟରେ ୫୫% ଲୋକ ଖୁବ୍ ସନ୍ତୁଷ୍ଟ ବୋଲି କହିଥିବା ବେଳେ ୩୮% ସାମାନ୍ୟ ସନ୍ତୁଷ୍ଟ ଏବଂ ୨୧% ଅସନ୍ତୁଷ୍ଟ ବୋଲି କହିଥିଲେ। ସିବିଆଇ ଓ ଇଡି ଆଇନଗତ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ୩୭% ଲୋକ ମତ ଦେଇଥିବା ବେଳେ ୩୨% ଲୋକ ସେମାନେ କେନ୍ଦ୍ର ସରକାରଙ୍କ ହାତବାରିଶି ବୋଲି କହିଥିଲେ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଉତ୍ତର
ଭୁବନେଶ୍ୱର, ୨୯ ମଇ - ୪ ଜୁନ୍, ୨୦୨୩
ପରିକ୍ରମା



## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଅପରାଧିକ ମାମଲା ଥିଲେ ସରକାରୀ କର୍ମଚାରୀଙ୍କ ପଦୋନ୍ନତି ମନା



**କଟକ :** ଅପରାଧିକ ମାମଲା କୌଣସି ସରକାରୀ କର୍ମଚାରୀଙ୍କ ବିରୋଧରେ ବିଚାରାଧୀନ ଥିବାବେଳେ ସମ୍ପୃକ୍ତ କର୍ମଚାରୀଙ୍କୁ ନିୟମିତ କିମ୍ବା ଅସ୍ଥାୟୀ ପଦୋନ୍ନତି ମଞ୍ଜୁର କରାଯାଇପାରିବ ନାହିଁ। ଜଣିକିଆ ବିଚାରପତିଙ୍କ ରାୟକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାରଙ୍କ ପକ୍ଷରୁ ଦାୟର ରିଟ୍ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଏସ.ମୁରଲୀଧର ଓ ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜଣିକିଆ ବିଚାରପତିଙ୍କ ଆଦେଶକୁ ଖଣ୍ଡପୀଠ ରଦ୍ଦ କରିଦେଇଛନ୍ତି। ଖଣ୍ଡପୀଠ ନିଜ ରାୟରେ ଉଲ୍ଲେଖ କରିଛନ୍ତି ଯେ, ଏହି ପଦୋନ୍ନତି ବିଚାରାଧୀନ ମାମଲାର ନିଷ୍ପତ୍ତି ଉପରେ ନିର୍ଭର କରିବ। ଯଦି ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଥିବା ଅପରାଧିକ ମାମଲାର ରାୟ ତାଙ୍କ ସପକ୍ଷରେ ଯାଏ ଓ ତାଙ୍କ ବିରୋଧରେ ରହିଥିବା ବିଭାଗୀୟ ଶୃଙ୍ଖଳାଗତ ପ୍ରୋସିଡିଂରୁ ଦୋଷମୁକ୍ତ ହେବେ ତାହେଲେ ତାଙ୍କୁ ପଦୋନ୍ନତି ମିଳିପାରିବ। ଏପରିକି ଯଦି ବି ସମ୍ପୃକ୍ତ କର୍ମଚାରୀ ଅବସର ଗ୍ରହଣ କରିସାରିଥିବେ ତାହେଲେ ତାଙ୍କୁ ପଦୋନ୍ନତି ସମୟର ସମସ୍ତ ପ୍ରାପ୍ୟକୁ ହିସାବ କରାଯାଇ ପେନ୍‌ସନ୍ ଧାର୍ଯ୍ୟ କରାଯିବ ବୋଲି ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ମାମଲାରୁ ପ୍ରକାଶ ଯେ, ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ମାମଲା ବିଚାରାଧୀନ ଥିବାବେଳେ ଏହା ପଦୋନ୍ନତିରେ ବାଧକ ହେବ ନାହିଁ ବୋଲି ଜଣିକିଆ ବିଚାରପତି ଏକାଧିକ ମାମଲାରେ ରାୟ ପ୍ରଦାନ କରିଥିଲେ। ଏପରିକି ଅନେକ ସରକାରୀ କର୍ମଚାରୀଙ୍କ ନାମରେ ଭିଜିଲାନ୍ସ ମାମଲା ବିଚାରାଧୀନ ରହିଥିବା ସତ୍ତ୍ୱେ ଆଡହକ୍ ପଦୋନ୍ନତି ମଞ୍ଜୁର କରିଥିଲେ ଜଣିକିଆ ବିଚାରପତି। ଏହି ରାୟ ବିରୋଧରେ ସରକାର ଦୁଇଜଣିଆ ଖଣ୍ଡପୀଠରେ ଆବେଦନ କରିଥିଲେ। କେନ୍ଦ୍ର ସରକାର ବନାମ କେ.ଭି. ଜାନକୀ ତଥା ପଞ୍ଜାବ ସରକାର ବନାମ ଚମନଲାଲ ଗୋଏଲଙ୍କ ମାମଲାରେ ଥିବା ସୁପ୍ରିମକୋର୍ଟଙ୍କ ରାୟକୁ ତର୍ଜମା କରି ଅଦାଲତ ଉକ୍ତ ରାୟ ଶୁଣାଇଛନ୍ତି। ଅନ୍ୟପଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୯୯୪ରୁ ୨୦୨୧ ମଧ୍ୟରେ ଅନେକ ଥର ପ୍ରକାଶିତ ଅଫିସ ମେମୋରେଣ୍ଡା ତଥା ବିଜ୍ଞପ୍ତିର କୌଣସିଠାରେ ବିଚାରାଧୀନ ଅପରାଧିକ ମାମଲା ସ୍ଥଳେ ନିୟମିତ କିମ୍ବା ଆଡହକ୍ ପଦୋନ୍ନତି କଥା ଉଲ୍ଲେଖ ନ ଥିବା ନେଇ ସରକାରୀ ଓକିଲ ଯୁକ୍ତି ବାଢ଼ିଥିଲେ।

## ରାଜ୍ୟର ଗମନାଗମନ ବ୍ୟବସ୍ଥାରେ ଆସିବ ରୂପାନ୍ତରଣ

# ବ୍ଲକରୁ ପ୍ରତି ପଞ୍ଚାୟତକୁ ଚାଲିବ ମୋ' ବସ୍



**ଭୁବନେଶ୍ୱର :** ଗାଁରୁ ସହର ଓ ରାଜଧାନୀକୁ ଗମନାଗମନ ବ୍ୟବସ୍ଥାରେ ଆସିବ ରୂପାନ୍ତରଣ। ଗାଁରେ ପହଞ୍ଚିବ ସରକାରୀ ଗାଡ଼ି। ବଦଳିବ ସାର୍ବଜନୀନ ପରିବହନ ବ୍ୟବସ୍ଥାର ଚେହେରା। ରାଜଧାନୀ ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା ଭଳି ଆଗାମୀ ଦିନରେ ରାଜ୍ୟର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ମୋ ବସ୍ ସୁବିଧା ମିଳିପାରିବ। ଲୋକେ ନିଜ ଗ୍ରାମପଞ୍ଚାୟତ ଠାରୁ ବ୍ଲକକୁ ଯାଉଥିଲେ କମ୍ ଟଙ୍କା ଦେଇ ମୋ ବସ୍ରେ ଯିବା ଆସିବା କରିପାରିବେ। ରାଜ୍ୟ ସରକାର ଏନେଇ ଲକ୍ଷ୍ମୀ ଯୋଜନା ଆରମ୍ଭ କରିଦେଇଛନ୍ତି। ଗ୍ରାମାଞ୍ଚଳରେ ମୋ ବସ୍ ସେବା ନେଇ ପରିବହନ ସଚିବ ଉଷା ପାଢ଼ୀ ସୂଚନା ଦେଇଛନ୍ତି। ଏଣିକି ଗ୍ରାମାଞ୍ଚଳରେ ମଧ୍ୟ ଚାଲିବ 'ମୋ ବସ୍'। ବ୍ଲକରୁ ପ୍ରତି ପଞ୍ଚାୟତକୁ ଚାଲିବ ମୋ ବସ। ଲକ୍ଷ୍ମୀ ସ୍କିମରେ ଗ୍ରାମାଞ୍ଚଳରେ ପରିବହନ ସୁବିଧା ମିଳିବ। ପ୍ରଥମ ପର୍ଯ୍ୟାୟରେ ପାଇଲଟ ପ୍ରୋଜେକ୍ଟ ଭାବେ ରାଜ୍ୟର ୬ ଟି ଜିଲ୍ଲା – କୋରାପୁଟ, ନବରଙ୍ଗପୁର, ରାୟଗଡା, ମାଲକାନଗିରି,କଳାହାଣ୍ଡି ଓ ଗଜପତି ଜିଲ୍ଲାର ବ୍ଲକରୁ ପ୍ରତି ପଞ୍ଚାୟତକୁ ଗଡିବ ମୋ ବସ୍ । ରାଜ୍ୟ ପରିବହନ ସଚିବ ଉଷା ପାଢ଼ୀ ଏହି ସୂଚନା ଦେଇଛନ୍ତି। କିଛି ଦିନ ତଳେ ଗଞ୍ଜାମ, ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲା ସହରାଞ୍ଚଳରେ ମଧ୍ୟ ମୋ ବସ୍ ଚଳାଇବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ।

# ଜୁନ୍‌ରେ ମେଟ୍ରୋ ଟ୍ରେନ୍ ପାଇଁ ପଡିପାରେ ଭିତ୍ତିପ୍ରସ୍ତର

**ଭୁବନେଶ୍ୱର :** ଚଳିତ ବର୍ଷ ଶେଷ ସୁଦ୍ଧା ଆରମ୍ଭ ହେବ ମେଟ୍ରୋ କାମ। ଭୁବନେଶ୍ୱରରେ ମେଟ୍ରୋ କାମ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜୁନ ମାସରେ ମେଟ୍ରୋ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହେବ। ଭିତ୍ତିପ୍ରସ୍ତରର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମେଟ୍ରୋ ଟ୍ରେନ ପାଇଁ ସର୍ଭେ ସରି ଯାଇଛି। ଦିଲ୍ଲୀ ମେଟ୍ରୋ ରେଳ ନିଗମ ଏହାର ଡିପିଆର ପ୍ରସ୍ତୁତ କରୁଛି। ଏହା ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଗୃହ ଓ ନଗର ଉନ୍ନୟନ ବିଭାଗର ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପରେ ସାମ୍ବାଦିକ ସମ୍ମିଳନୀ ଏହି ସୂଚନା ଦେଇଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ। ସେ କହିଛନ୍ତି, ଦିଲ୍ଲୀ ମେଟ୍ରୋ ରେଳ ନିଗମ ପରାମର୍ଶରେ ଡିପିଆର୍ ପ୍ରସ୍ତୁତି ଚାଲିଛି। କେଉଁ ରୁଟରେ ମେଟ୍ରୋ ଟ୍ରେନ୍ ଯିବ ତାହା ଚିହ୍ନଟ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରରୁ କଟକ ପର୍ଯ୍ୟନ୍ତ ମେଟ୍ରୋ ଟ୍ରେନ୍ ଚାଲିବ। ପରବର୍ତ୍ତୀ ସମୟରେ ଜଟଣୀ ଓ ପୁରୀକୁ ମେଟ୍ରୋ ଟ୍ରେନ୍ ଯିବା ପାଇଁ ଯୋଜନା କରାଯାଉଛି। ଅନ୍ୟପଟେ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥନନ୍ କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପରେ ଜାଗା ମିଶନ, ଡ୍ରିଙ୍କ ଫର୍ମ ଟ୍ୟାପ, ମୁକ୍ତା ଯୋଜନା କାର୍ଯ୍ୟକାରୀ ହେଉଛି। ଏସଏଚଜି ଓ ବସ୍ତି ବାସିନ୍ଦାଙ୍କ ଉନ୍ନତି ଦିଗରେ କାର୍ଯ୍ୟ ଚାଲିଛି। ୧ ଲକ୍ଷ ୬୨ ହଜାର ୩୨୭ଟି ଘର ନିର୍ମାଣ କରାଯାଇଛି। ସମସ୍ତ ୧୧୫ ପୌରାଞ୍ଚଳର ୨୦୫୫ ୱାର୍ଡରେ ଘରକୁ ଘର ଯାଇ ଅଳିଆ ସଂଗ୍ରହ କରାଯାଉଛି।

# ବିପର୍ଯ୍ୟୟ ମୁକାବିଲାରେ ବିଶ୍ୱରେ ଉଦାହରଣ ଓଡ଼ିଶା

**ଭୁବନେଶ୍ୱର :** ଭୌଗୋଳିକ ଦୃଷ୍ଟିକୋଣରୁ ଓଡ଼ିଶା ନିୟମିତ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇଛି। ହାରାହାରି ପ୍ରତି ଦୁଇ ବର୍ଷରେ ଗୋଟିଏ ସାମୁଦ୍ରିକ ଝଡ଼ ଓଡ଼ିଶା ମୁହାଁ ହେଉଛି। କେବେ ଅତିବୃଷ୍ଟି ତ କେବେ ଅନାବୃଷ୍ଟି ଓଡ଼ିଶା ଉପରେ ଦାଉ ସାଜିଛି। ପ୍ରତି ବର୍ଷ ରାଜ୍ୟ ଏକାଧିକ ଥର ବନ୍ୟା ବାତ୍ୟାର ସମ୍ମୁଖୀ ହେଉଛି। ହେଲେ ଏହି ବିପର୍ଯ୍ୟୟକୁ ମୁକାବିଲା ନିମନ୍ତେ ମେରୁ ପରି ଠିଆ ହୋଇଛି 'ନବୀନ' ପ୍ରାଚୀର। ଗୋଷ୍ଠୀ ସହଭାଗିତାକୁ ଅସ୍ତ୍ର କରି ଶୂନ୍ୟ ଜୀବନହାନି ମନ୍ତ୍ରକୁ କାର୍ଯ୍ୟକାରୀ କରିଛନ୍ତି ଓଡ଼ିଶା ସରକାର। ପରିଣତି ସ୍ୱରୂପ ଓଡ଼ିଶା ସାରା ବିଶ୍ୱରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଅନନ୍ୟ ଉଦାହରଣ ସାଜିଛି। ଅନ୍ୟ ରାଜ୍ୟ ଓ ଦେଶ ପାଇଁ ଏ କ୍ଷେତ୍ରରେ ଆଦର୍ଶ ପାଲଟିଛି। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାତିସଂଘ ଦ୍ୱାରା ପୁରସ୍କୃତ ହେବା ସହିତ ଅନେକ ସମୟରେ ଅନ୍ୟ ରାଜ୍ୟକୁ ମଧ୍ୟ ସହାୟତା ଯୋଗାଇଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଦକ୍ଷତା ବୃଦ୍ଧି ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ବେଳେ ଗୋଷ୍ଠୀ ସହଭାଗିତାକୁ ଏହି ବିଜୟର ବଡ଼ ଅସ୍ତ୍ର କରିଛନ୍ତି। ଏବେ ଏ କ୍ଷେତ୍ରରେ ଆଉ ପାଦେ ଆଗକୁ ବଢ଼ି ଓଡ଼ିଶା ପ୍ରତି ଘରେ ବିପର୍ଯ୍ୟୟ ଯୋଦ୍ଧା ପ୍ରସ୍ତୁତ କରିବା ପ୍ରକ୍ରିୟା ଆରମ୍ଭ କରିଛି। ଏଥିପାଇଁ ପିଲାଙ୍କ ପଢ଼ା ବହିରେ ବିପର୍ଯ୍ୟୟ ମୁକାବିଲାକୁ ସ୍ଥାନ ଦେବା ସହିତ ଗୋଷ୍ଠୀସ୍ତରରେ ସଚେତନତାକୁ ମଧ୍ୟ ସୁଦୃଢ଼ କରିବାରେ ଆଗକୁ ବଢ଼ିଛି। ବନ୍ୟା ବାତ୍ୟା ମୁକାବିଲା ସହିତ କୋଭିଡ୍ ଭଳି ମହାମାରୀରୁ ରାଜ୍ୟ ଶିକ୍ଷା ଲାଭ କରି ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି। ଦ୍ରୁତ ପରିବର୍ତ୍ତନଶୀଳ ଜଳବାୟୁ ପରିପ୍ରେକ୍ଷୀରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ଦକ୍ଷତାକୁ ଅଧିକ ଦୃଢ଼ ଓ ଶାଣିତ କରିବା ନିମନ୍ତେ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ରାଜ୍ୟର ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ଓଡ୍ରାଫ, ଅଗ୍ନିଶମ ସେବା ୟୁନିଟ୍, ପାନୀୟ ଜଳ ଓ ବିଦ୍ୟୁତ ଯୋଗାଣ ୟୁନିଟ୍ ଗଡ଼ିକୁ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଉପକରଣ ଯୋଗାଇ ଦେବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଏହି ସଂସ୍ଥାରେ ମାନବ ସମ୍ବଳ ବୃଦ୍ଧି ସହ ସେମାନଙ୍କୁ ନିୟମିତ ଭାବେ ତାଲିମ ପ୍ରଦାନ କରାଯାଉଛି। ଏହା ସହିତ ଅତ୍ୟାଧୁନିକ ଯନ୍ତ୍ରପାତି ମଧ୍ୟ ଏଥିରେ ସାମିଲ କରି ଜବାନଙ୍କ ମନୋବଳ ବୃଦ୍ଧି ସାଙ୍ଗକୁ ଯକୌଣସି ପରିସ୍ଥିତିର ସମକକ୍ଷ ହେବା ପାଇଁ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି। ଯାହାର ପରିଣାମ ସ୍ୱରୂପ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ସଂସ୍ଥା ନିଜର ପାରଦର୍ଶିତା ପାଇଁ ସାରା ଦେଶରେ ୧ ନଂ ବିପର୍ଯ୍ୟୟ ମୁକାବିଲା ସଂସ୍ଥାର ମାନ୍ୟତା ପାଇବା ସହ ସୁଭାଷ ବୋଷ ଆପଦ ପ୍ରବନ୍ଧନ ଭଳି ପୁରସ୍କାର ପାଇବାରେ ଗୌରବ ଅର୍ଜନ କରିଛି। ଅନ୍ୟପଟେ ରାଜ୍ୟ ସରକାର ବାତ୍ୟା ପୂର୍ବରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଗୁରୁତ୍ୱ ଦେଉଛନ୍ତି। ବାତ୍ୟା ଯିବା ପରେ ଜରୁରୀ ରିଲିଫ୍, ମରାମତି, ପୁନଃ ସ୍ଥାପନ ଏବଂ ପ୍ରଭାବିତ ଲୋକଙ୍କୁ ବିଭିନ୍ନ ପ୍ରକାର ସହାୟତା ବଣ୍ଟନ ଆଦିଗୁ ମଧ୍ୟ ତ୍ୱରିତ କରିବା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତି କରିଛନ୍ତି। ଏଥିପାଇଁ ଗ୍ରାମାଞ୍ଚଳରେ ଆପାଦ ମିତ୍ର ଗଠନ କରାଯାଇଥିବା ବେଳେ ପ୍ରତି ପଞ୍ଚାୟତ ସ୍ତରରେ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ ହେଉଛି। ସେହିପରି ସରପଞ୍ଚଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଓ ପଞ୍ଚାୟତ କର୍ମଚାରୀଙ୍କଠାରୁ ମୁଖ୍ୟ ଶାସନ ସଚିବମାନଙ୍କ ପର୍ଯ୍ୟନ୍ତ ବିପର୍ଯ୍ୟୟ ମୁକାବିଲାର ତାଲିମ ନେବା ନେଇ ରାଜ୍ୟ ସରକାର ନିୟମ କରିଛନ୍ତି। ବର୍ତ୍ତମାନ ରାଜ୍ୟ ସରକାର ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣା, ସାପକାମୁଡ଼ା ଜନିତ ମୃତ୍ୟୁ, ବଜ୍ରପାତ ମୃତ୍ୟୁ ଓ ପୋଖରୀରେ ବୁଡ଼ି ମୃତ୍ୟୁକୁ ରୋକିବା ପାଇଁ ନିଳ ନକ୍ସା ପ୍ରସ୍ତୁତ କରିଛନ୍ତି। ବନ୍ୟା ବାତ୍ୟା କ୍ଷେତ୍ରରେ ଅସମ୍ଭବ ସଫଳତା ହାସଲ କରିଥିବା ଓସ୍ମା ଏହି ଦାୟିତ୍ୱ ମୁଣ୍ଡାଇଥିବା ବେଳେ ଆଗକୁ ଏ କ୍ଷେତ୍ରରେ ମଧ୍ୟ ଓଡ଼ିଶା ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଉଦାହରଣ ସାଜିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି।

# ୩ ବର୍ଷ ପାଇଁ ଚାଷୀଙ୍କ ଫସଲ ବୀମା ପ୍ରିମିୟମ ଦେବେ ସରକାର



**ଭୁବନେଶ୍ୱର :** ସାଧାରଣ ନିର୍ବାଚନ ପୂର୍ବରୁ ଚାଷୀଙ୍କ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ ଫସଲବୀମା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦେବେ ବୋଲି ଘୋଷଣା କରିଛନ୍ତି। ଚାଷୀଙ୍କୁ ୨୦୨୩ ଖରିଫରୁ ୨୦୨୫-୨୬ ରବି ଋତୁ ପର୍ଯ୍ୟନ୍ତ ଫସଲବୀମା ପ୍ରିମିୟମ ବାବଦରେ ଟଙ୍କାଟିଏ ବି ଦେବାକୁ ପଡ଼ିବ ନାହିଁ। ରାଜ୍ୟ ସରକାର ଏହି ପ୍ରିମିୟମ ବହନ କରିବେ ବୋଲି ରାଜ୍ୟ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ପଞ୍ଚମ ପାଳି ସରକାରର ୪ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମବାୟ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ସମୀକ୍ଷା ପରେ ରାଜ୍ୟ ସମବାୟ ମନ୍ତ୍ରୀ ଶ୍ରୀ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ, ଚାଷୀଙ୍କ ପାଇଁ ନିଆଯାଇଥିବା ଏହି ପଦକ୍ଷେପ ସମଗ୍ର ଦେଶରେ ଅନନ୍ୟ। ନିର୍ବାଚନୀ ପ୍ରତିଶ୍ରୁତି ଅନୁସାରେ ବିନା ସୁଧରେ ଚାଷୀଙ୍କୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟର ୭ଲକ୍ଷରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବାରକୁ ମୋଟ ୧୬୬୮୩.୫୭କୋଟି ଟଙ୍କାର କୃଷି ଋଣ ପ୍ରଦାନ କରାଯାଇଛି। ୨୦୦୦-୦୧ରେ ମାତ୍ର ୬.୪୦ଲକ୍ଷ ଚାଷୀଙ୍କୁ ୪୩୮.୩୬କୋଟି ଟଙ୍କା ଋଣ ଦିଆଯାଉଥିଲା। ସେହିପରି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରଦର୍ଶନର ସମୀକ୍ଷା ସମ୍ପର୍କରେ ସୂଚନା ଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ଯେ, ଗତ ୪ବର୍ଷ ମଧ୍ୟରେ ୩୫% ଅଧିକ ଚାଷୀ(ପ୍ରାୟ ୫ଲକ୍ଷ) ନିଜର ବଳକା ଧାନ ସରକାରଙ୍କୁ ବିକ୍ରି କରିବାକୁ ପଞ୍ଜିକରଣ କରିଛନ୍ତି। ଚାଷୀଙ୍କୁ ସେମାନଙ୍କ ଧାନ ବିକ୍ରି ପ୍ରାପ୍ୟ ୨୪ରୁ ୪୮ଘଣ୍ଟା ମଧ୍ୟରେ ଅନଲାଇନରେ ହସ୍ତାନ୍ତର କରାଯାଉଛି।ରାଜ୍ୟର କୌଣସି ଯୋଗ୍ୟ ଓ ଦୁସ୍ଥ ବ୍ୟକ୍ତିଙ୍କୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହେବାକୁ ଦିଆଯିବ ନାହିଁ ଓ ସେମାନଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ସାମିଲ କରିବାକୁ ନିରନ୍ତର ପ୍ରକ୍ରିୟା ଜାରି ରହିଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ସଫଳ କାର୍ଯ୍ୟାନ୍ୱୟନରେ ଓଡ଼ିଶା ଦେଶରେ ଏକ ନମ୍ବର ସ୍ଥାନରେ ରହିଛି। ଭିନ୍ନକ୍ଷମ, ବୃଦ୍ଧବୃଦ୍ଧା ହିତାଧିକାରୀଙ୍କୁ ସେମାନଙ୍କ ଘରେ ରାସନ ସାମଗ୍ରୀ ଦେବାର ବ୍ୟବସ୍ଥା ରାଜ୍ୟ ସରକାର କରିଛନ୍ତି। ରାଜ୍ୟର ସମସ୍ତ ଜିଲ୍ଲାରେ ଭିଟାମିନଯୁକ୍ତ ଚାଉଳ ବଣ୍ଟନ କରାଯାଉଛି। ଏହା ହିତାଧିକାରୀଙ୍କ ପୃଷ୍ଟିକର ଚାହିଦା ମେଣ୍ଟାଇବାରେ ସହାୟକ ହେବ ଓ ଏହି ଯୋଜନା ଲାଗୁ କରିବାରେ ଓଡ଼ିଶା ପ୍ରଥମ ବୋଲି ଶ୍ରୀ ନାୟକ କହିଛନ୍ତି। ଏହି ସମୀକ୍ଷା ବୈଠକରେ ଉଭୟ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଜ୍ୟର ସମସ୍ତ ବ୍ଲକରେ ହେବ ଗ୍ରାମୀଣ ଇଣ୍ଡଷ୍ଟ୍ରିଆଲ୍ ପାର୍କ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମୀକ୍ଷା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ବ୍ଲକରେ ଗ୍ରାମୀଣ ଇଣ୍ଡଷ୍ଟ୍ରିଆଲ୍ ପାର୍କ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମିଶନ ମୋଡରେ ମାର୍କେଟିଂ ଲିଙ୍କେଜ୍ ସହିତ ସ୍ଥାପନ ହେବ ଏହି ଗ୍ରାମୀଣ ଇଣ୍ଡଷ୍ଟ୍ରିଆଲ୍ ପାର୍କ। ଏଥି ସହିତ ଆସନ୍ତା ଏକ ବର୍ଷ ମଧ୍ୟରେ ସମସ୍ତ ବ୍ଲକରେ ମିଶନ୍ ଶକ୍ତି କାଫେ ନିର୍ମାଣ ଏବଂ କାର୍ଯ୍ୟକ୍ଷମ କରାଯିବା ନେଇ ମୁଖ୍ୟମନ୍ତ୍ରୀ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବିଭାଗୀୟ ସମୀକ୍ଷାରେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ରାଜ୍ୟର ବିଭିନ୍ନ ସ୍ଥାନରେ ଅବ୍ୟବହୃତ ହୋଇ ଖାଲି ପଡ଼ିଥିବା ସରକାରୀ ଅଟ୍ଟାଳିକାକୁ ୩ ମାସ ମଧ୍ୟରେ ସ୍ଥାନୀୟ ମିଶନ୍ ଶକ୍ତି ଗୋଷ୍ଠୀକୁ ହସ୍ତାନ୍ତର କରାଯିବ। ଓରମାସକୁ ଅଧିକ କ୍ରିୟାଶୀଳ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଘରକୁ ପାନୀୟ ଜଳ ଯୋଗାଣକୁ ଦିଅ ପ୍ରାଥମିକତା। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୬୧% ଗ୍ରାମୀଣ ପରିବାରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇଛି। ୫୭୦୦୦ କୋଟି ଟଙ୍କା ବ୍ୟୟରେ ୨୦୬ଟି ମେଗା ପାନୀୟ ଜଳ ପ୍ରକଳ୍ପ ଓ ୧୩୦୦୦ ସିଙ୍ଗଲ ଭିଲେଜ ପାଇପ ଜଳ ଯୋଗାଣ ପ୍ରକଳ୍ପ ହାତକୁ ନିଆଯାଇଛି।

# ଏଣିକି ବାଘ ଓ ହାତୀ ଗଣନା କରିବେ ରାଜ୍ୟ ସରକାର




**ଭୁବନେଶ୍ୱର :** ଏଣିକି ରାଜ୍ୟ ସରକାର ନିଜସ୍ୱ ପ୍ରଚେଷ୍ଟାରେ ବାଘ ଓ ହାତୀ ଗଣନା କରିବେ। ଆଉ କେନ୍ଦ୍ର ସରକାରଙ୍କ ସଂସ୍ଥା ଉପରେ ନିର୍ଭର ନକରି ଓଡ଼ିଶାର ଜଙ୍ଗଲରେ ରହୁଥିବା ବାଘ ଓ ହାତୀ ଗଣନା କାର୍ଯ୍ୟ ନିଜସ୍ୱ ଖର୍ଚ୍ଚରେ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି କେନ୍ଦୁପତ୍ର ଉପରେ କେନ୍ଦ୍ର ସରକାର ନେଉଥିବା ଜିଏସଟି ବୋଝକୁ ହାଲକା କରିବା ପାଇଁ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠି' ନାଁରେ ୫୦କୋଟି ଟଙ୍କାର ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ପଞ୍ଚମ ପାଳି ସରକାରର ଚତୁର୍ଥ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଙ୍ଗଲ ଓ ପରିବେଶ ବିଭାଗର ଗତ ୪ବର୍ଷର କାର୍ଯ୍ୟର ସମୀକ୍ଷା କରିବା ପରେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ଅମାତ୍ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ୨୦୧୯ ମସିହା ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ପରିବେଶ ପର୍ଯ୍ୟଟନ ବିକଶିତ କରାଯାଇଛି। ଏହି ବିଭାଗର ଅଧୀନରେ ୪୯ ଗୋଟି ପରିବେଶ ପର୍ଯ୍ୟଟନ କେନ୍ଦ୍ର ବିକାଶ କରାଯାଇ କାର୍ଯ୍ୟକ୍ଷମ କରାଯାଇଛି ଓ ଆଉ ୬ ଗୋଟି ନୂତନ କେନ୍ଦ୍ରର କାର୍ଯ୍ୟକ୍ଷମ କରାଯିବାର ଅଛି। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ୬୫୦ ସ୍ଥାନୀୟ ବାସିନ୍ଦାଙ୍କୁ ସିଧାସଳଖ ରୋଜଗାର ମିଳିପାରିଛି। ଏହି ପ୍ରକଳ୍ପ ମାଧ୍ୟମରେ ଏବେ ବାର୍ଷିକ ୧୩ କୋଟି ଟଙ୍କାର ରାଜସ୍ୱ ଆଦାୟ ସମ୍ଭବ ହୋଇପାରିଛି। ବୋଲି ମନ୍ତ୍ରୀ ଶ୍ରୀ ଅମାତ ପ୍ରକାଶ କରିଛନ୍ତି। ଓଡ଼ିଶା ଜଙ୍ଗଲ ବିଭାଗ କୋଡ୍ ସଂଶୋଧନ, ପରିବେଶ ପର୍ଯ୍ୟଟନର ବିକାଶ, ଭରତପୁର ଓ ଚନ୍ଦକା ଅଭୟାରଣ୍ୟ ଠାରେ ପ୍ରାକୃତିକ ଉଦ୍ୟାନର ବିକାଶ, ମଣିଷ ଓ ହାତୀ ଲଢେଇର ପ୍ରତିକାର, ପ୍ଲାଷ୍ଟିକର ଏକକ ବ୍ୟବହାର ଉପରେ କଟକଣା, ୧୪୦୦୦ ହେକ୍ଟର ଲ୍ୟାଣ୍ଡ ବ୍ୟାଙ୍କ ପ୍ରତିଷ୍ଠା ,ବିଗତ ୪ ବର୍ଷ ମଧ୍ୟରେ ରାଜ୍ୟରେ ମୋଟ ୩,୭୧,୧୬୩ ହେକ୍ଟର ଜମିରେ ନୂତନ ବନୀକରଣ ଓ ପଥପାର୍ଶ୍ୱ ବନୀକରଣ ଯୋଜନାରେ୧୬,୩୪୬ ରନିଂ କି.ମି.ର ବନୀକରଣ କରାଯାଇଛି। ଏପର୍ଯ୍ୟନ୍ତ ୨୬୫ ଗୋଟି ଜଙ୍ଗଲ ବ୍ଲକର ପୁନଃ-ବିଜ୍ଞପ୍ତି କରିବାରେ ଓଡ଼ିଶା ଦେଶରେ ପ୍ରଥମ। ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶନାମାର ପ୍ରାବଧାନ ବ୍ୟତୀତ ୫ ଲକ୍ଷ ଟଙ୍କାର ଅତିରିକ୍ତ ଅନୁଦାନ ପ୍ରଦାନ କରାଯାଇ ୮୨୦ ପରିବାରଙ୍କୁ ଜାତୀୟ ଉଦ୍ୟାନ ଏବଂ ଅଭୟାରଣ୍ୟ ମଧ୍ୟରୁ ସ୍ୱଇଚ୍ଛାରେ ସ୍ଥାନାନ୍ତରିତ କରାଯାଇପାରିଛି। ସେହିପରି ୨ଟି ପର୍ଯ୍ୟାୟରେ ପ୍ରାୟ ୮ ଲକ୍ଷ ୧୫ ହଜାର କେନ୍ଦୁପତ୍ର ହିତାଧିକାରୀମାନଙ୍କ ନିମନ୍ତେ ମୋଟ ୧୯୪ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ବିଶ୍ୱସ୍ତରୀୟ ଉଦ୍ୟାନ ଭାବରେ ବିକଶିତ କରାଯିବ। ସେହିପରି ଗୋଷ୍ଠୀ ସହଭାଗିତାରେ ପରିବେଶ ପର୍ଯ୍ୟଟନକୁ ଆହୁରି ଉନ୍ନତ କରାଯିବ।

# ୩ ବର୍ଷରେ ୫,୧୮୨ କୋଟି ବ୍ୟୟରେ ୯୪୬ ସେତୁ ନିର୍ମାଣ



**ଭୁବନେଶ୍ୱର:** ଉତ୍ତମ ଗମନାଗମନ ହିଁ ବିକାଶର ଚାବି କାଠି। ବାଧାବିହୀନ ସୁଗମ ପରିବହନ ଦ୍ୱାରା ସାଧାରଣ ଲୋକଙ୍କ ବିକାଶ ସମ୍ଭବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ଆହ୍ୱାନକୁ ସାକାର କରିବା ଲକ୍ଷ୍ୟରେ ରାଜ୍ୟ ସରକାର ନେଇଥିବା ପଦକ୍ଷେପ ଆଜି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଉତ୍ତମ ଗମନାଗମନ ବ୍ୟବସ୍ଥା ଲୋକଙ୍କ ସାମାଜିକ ଓ ଆର୍ଥିକ ବିକାଶ ଆଭିମୁଖ୍ୟକୁ ସୁନିଶ୍ଚିତ କରିବା ସହ ଦେଶ ବିଦେଶର ପୁଞ୍ଜିପତିଙ୍କୁ ଓଡ଼ିଶାରେ ନିବେଶ ପାଇଁ ଆକୃଷ୍ଟ କରୁଛି। ଦିନ ଥିଲା ଗୋଟିଏ ଜିଲ୍ଲାରୁ ଆଉ ଗୋଟିଏ ଜିଲ୍ଲାରେ ପହଞ୍ଚିବା ପାଇଁ ଦିନ ଦିନ ସମୟ ଲାଗୁଥିଲା; ଆଜି ସେ ପରିସ୍ଥିତି ନାହିଁ। ରାଜ୍ୟରେ ବାଧାବିହୀନ ପରିବହନ ବ୍ୟବସ୍ଥା ସୁନିଶ୍ଚିତ କରିବା ଦାୟିତ୍ୱ ରହିଛି ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ଉପରେ। ସମସ୍ତଙ୍କୁ ବିକାଶ ପର୍ବରେ ଅନ୍ତର୍ଭୁକ୍ତ କରିବା ଦିଗରେ ସଡ଼କ ଓ ସେତୁ ନିର୍ମାଣ ନୂଆ ଦିଗନ୍ତ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଭଲ ସଡ଼କ ଯୋଗାଯୋଗ ବ୍ୟବସ୍ଥା ଗ୍ରାମାଞ୍ଚଳର ଜନସାଧାରଣ ବିଶେଷକରି ମହିଳା ସଶକ୍ତିକରଣ ଦିଗରେ ବେଶ୍ ଉପାଦେୟ ସାବ୍ୟସ୍ତ ହୋଇଛି। ଗ୍ରାମାଞ୍ଚଳରୁ ରାଜଧାନୀ ପର୍ଯ୍ୟନ୍ତ ଗମନାଗମନ ଓ ପରିବହନ ବ୍ୟବସ୍ଥାକୁ ସୁଗମ କରିବା ଲକ୍ଷ୍ୟରେ ପରିବହନ ବିଭାଗ ଚଳିତ ବର୍ଷରୁ ଆରମ୍ଭ କରିଛି ଇନୋଭେଟିଭ୍ ଲୋକେସନ୍ ଆକ୍ସେସିବଲ୍ ମଲ୍ଟିମୋଡାଲ ଇନିସିଏଟିଭ୍ (ଲକ୍ଷ୍ମୀ) କାର୍ଯ୍ୟକ୍ରମ। ରାଜ୍ୟ ସରକାରଙ୍କର ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ଦ୍ୱାରା ଗାଁରୁ ଜିଲ୍ଲା ଓ ଜିଲ୍ଲାରୁ ରାଜଧାନୀକୁ ବସ୍ ଚଳାଚଳରେ ବାଧା ଦୂର ହୋଇପାରିବ।ଉପକୂଳରୁ କେବିକେ ପର୍ଯ୍ୟନ୍ତ ସବୁଠି ଆଜି ବିକାଶର ପଥ ପରିଷ୍କାର ହୋଇଛି। ମାଲକାନଗିରିର ସ୍ୱାଭିମାନ ଅଞ୍ଚଳରୁ ପଶ୍ଚିମବଙ୍ଗ ସୀମା ପର୍ଯ୍ୟନ୍ତ ରାସ୍ତାର ଚିତ୍ର ବଦଳିଛି। ଗ୍ରାମାଞ୍ଚଳରେ ସୁବିଧାଜନକ ଗମନାଗମନ ଲକ୍ଷ୍ୟ ପୂରଣରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଗ୍ରାମକୁ ସବୁ ଋତୁକାଳୀନ ସଡ଼କ ନିର୍ମାଣ କରାଯାଉଛି। ଆଗାମୀ ୫ ବର୍ଷ ଭିତରେ ବିଭାଗ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା (ଏମ୍ଏମ୍ଏସ୍ୱାଇ) ୧୨୦୦୦ କୋଟି ଟଙ୍କା ବ୍ୟୟରେ ୧୫୦୦୦ କିମି ସଡ଼କ ନିର୍ମାଣ ପାଇଁ ଲକ୍ଷ୍ୟ ରଖିଛି। ସେହିପରି ୬୦୦୦ କୋଟି ଟଙ୍କା ବ୍ୟୟରେ ୧୫୦୦ ସେତୁ ନିର୍ମାଣ କରାଯିବ। ଏବେ ସୁଦ୍ଧା ଗ୍ରାମ୍ୟ ଉନ୍ନୟନ ବିଭାଗ ୧୨୫୪ଟି ସେତୁ ନିର୍ମାଣ କରିଥିବା ବେଳେ ୯୦୦ଟି ସେତୁର ନିର୍ମାଣ ଜାରି ରହିଛି। ଚଳିତ ଆର୍ଥିକ ବର୍ଷରେ ୧୯୦୦ କୋଟି ଟଙ୍କା ବ୍ୟୟରେ ୫୨୬ଟି ନୂଆ ସେତୁ ନିର୍ମାଣ କରାଯିବ। ଏକ ନୂଆ ପଦକ୍ଷେପ ସ୍ୱରୂପ ଭୂତଳ ଜଳ ଧାରଣ କ୍ଷମତା ବୃଦ୍ଧି ଏବଂ ଇନଷ୍ଟ୍ରିମ୍ ଷ୍ଟୋରେଜ୍ ପାଇଁ ୫୦ କୋଟି ଟଙ୍କା ବ୍ୟୟରେ ୧୦୦ଟି ପ୍ରକଳ୍ପ ହାତକୁ ନିଆଯିବ। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨୦୬୧ କୋଟି ଟଙ୍କା ବ୍ୟୟରେ ୬୦୦୦ କିମି ରାସ୍ତାର ନିର୍ମାଣ ଓ ମରାମତି କରାଯିବ। ମୁଖ୍ୟମନ୍ତ୍ରୀ ସଡକ ଯୋଜନା, ରାସ୍ତାର ଉନ୍ନତିକରଣ, ସ୍ଥାନାନ୍ତରିତ ରାସ୍ତାର ଉନ୍ନତିକରଣ, ଦୁର୍ଗମ ଅଞ୍ଚଳର ଯୋଗାଯୋଗବିହୀନ ଗ୍ରାମଗୁଡିକର ସଂଯୋଗୀକରଣ,ରାସ୍ତା ନଥିବା ଗ୍ରାମଗୁଡିକର ସଂଯୋଗୀକରଣ ଆଦି ପ୍ରମୁଖ ଯୋଜନାରେ ୬୦୦୦ କିଲୋମିଟର ରାସ୍ତା ନିର୍ମାଣ ନିମନ୍ତେ ୨୦୬୧ କୋଟି ଟଙ୍କା ବ୍ୟୟ କରାଯିବ। ବର୍ତ୍ତମାନ ସୁଦ୍ଧା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ୧୦୬୨୧ କିଲୋମିଟର ରାସ୍ତା ନିର୍ମାଣ କରିସାରିଛି। ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳ, ଦୁର୍ଗମ ମାଓ ପ୍ରବଣ ଅଞ୍ଚଳ ଏବଂ ଅନ୍ୟାନ୍ୟ ରାସ୍ତା ସଂଯୋଗ ନଥିବା ଅଞ୍ଚଳର ସଂଯୋଗୀକରଣ ନିମନ୍ତେ ୨୦୦ କିଲୋମିଟର ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଉଛି। ପିଏମ୍ଜିଏସ୍ୱାଇ ଅଧୀନରେ ଗ୍ରାମାଞ୍ଚଳରେ ଭଲ ସଡ଼କ ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କେନ୍ଦ୍ର ସରକାର ଓଡ଼ିଶାକୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ତିନିଟି ପୁରସ୍କାର ପ୍ରଦାନ କରିଛନ୍ତି। ଗତବର୍ଷ ସୁଦ୍ଧା ଓଡ଼ିଶା ସରକାର ଅନୁମୋଦନ ଲାଭ କରିଥିବା ୬୯,୩୭୩ କିମି ସଡ଼କରୁ ୬୪,୫୮୮ କିମି ସଡ଼କ ନିର୍ମାଣ ଶେଷ କରିଥିଲେ। ଏହା ସମୁଦାୟ ୧୬,୩୮୩ଟି ଜନବସତିରୁ ୧୬,୩୧୮ଟି ଜନବସତିକୁ ସଂଯୋଗ କରୁଛି। ଗତ ମାସରେ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ୮୬୬ ନୂଆ ସେତୁ ନିର୍ମାଣ ପାଇଁ ୩୫୯୭ କୋଟି ଟଙ୍କାର ବ୍ୟୟ ଅଟକଳକୁ ମଞ୍ଜୁରୀ ପ୍ରଦାନ କରିଥିଲେ। ବିଜୁ ସେତୁ ଯୋଜନାରେ ଏହି ପ୍ରକଳ୍ପ ଆରମ୍ଭ ହେବ। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରୁ ବାଦ୍ ପଡ଼ିଥିବା ସଡ଼କର ବିକାଶ ଲକ୍ଷ୍ୟରେ ୨୦୧୧-୧୨ରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ସରକାର ୨୦୨୧ରୁ ଅଦ୍ୟାବଧି ୯୪୬ ସେତୁ ନିର୍ମାଣ ବାବଦରେ ୫୧୮୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୯ ମଇ - ୪ ଜୁନ୍, ୨୦୨୩

# ସବୁଠି ଷଡଯନ୍ତ୍ର ଓ ଅବିଶ୍ୱାସ

ସମ୍ପାଦକୀୟ

ତାରକ ମହାନ୍ତି



ପୂର୍ବଭଳି ମଣିଷ-ମଣିଷ ମଧ୍ୟରେ ସୁସମ୍ପର୍କ ରହୁନାହିଁ। ପ୍ରତି କଥାରେ ଜଣେ ଜଣଙ୍କ ଉପରେ ଦୋଷ ଲଦିବା, ଅତ୍ୟଧିକ ପ୍ରତିକ୍ରିୟାଶୀଳ ହୋଇପଡିବା ଦ୍ୱାରା ସମ୍ପର୍କରେ ଫାଟ ସୃଷ୍ଟି ହେଉଛି। ଏହାର ମୂଳ କାରଣ, ଯେତେବେଳେ ଜଣେ ଜଣଙ୍କୁ ବିଶ୍ୱାସକୁ ନେଉନାହିଁ, ସେତେବେଳେ ଭଲ କାର୍ଯ୍ୟ ହେବାର ସମ୍ଭାବନା କ୍ଷୀଣ। ଅଧସ୍ତନ କର୍ମଚାରୀଙ୍କୁ ବିଶ୍ୱାସକୁ ନନେଇ ଉଚ୍ଚ ପଦବୀରେ ଥିବା ପ୍ରଶାସକ କାର୍ଯ୍ୟ ସହଜରେ କରିପାରିବେ କି? ତେଣୁ ପ୍ରତି କଥାରେ ଜିରାରୁ ଶିରା କାଢ଼ିବା ଲୋକ ରହିଲେ ବିବାଦ ଉପୁଜିବ ନିଶ୍ଚୟ। ତେବେ ଏହାର କାରଣ ସେହି ଅବିଶ୍ୱାସ। କେଉଁଠି ନା କେଉଁଠି ଘପଲତି ରହୁଛି ବୋଲି ଅଧିକ ଯାଞ୍ଚ କରିବା ଦରକାର ପଡୁଛି। ତେଣୁ ଯାଞ୍ଚକାରୀ ସ୍ୱଚ୍ଛ ରହିଲେ ହଡପକାରୀ ରାଗିବା ସ୍ୱାଭାବିକ। ଶାସନ କ୍ଷେତ୍ରରେ ମଧ୍ୟ ଅନୁରୂପ ଅବସ୍ଥା ଦେଖିବାକୁ ମିଳେ। ମୁଖ୍ୟ ଲୋକଙ୍କ ବିରୋଧରେ ଚକ୍ରାନ୍ତ ଧରାପଡିଲେ ପରିସ୍ଥିତି ବିଗିଡେ। ଏଥିପାଇଁ ଜଣେ ଜଣକୁ ବିଶ୍ୱାସକୁ ନେବା ବଦଳରେ କିଏ କାହାର କେମିତି କ୍ଷତି କରିପାରିବ ଚକ୍ରାନ୍ତ ଆରମ୍ଭ ହୋଇଯାଏ। ବେଳେବେଳେ ଏଥିପାଇଁ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇପାରେ। ଯାହାର ପରିଣତି ମଧ୍ୟ ସାଙ୍ଘାତିକ ଅବସ୍ଥା ସୃଷ୍ଟି କରିଥାଏ। ଏଥିରେ ଶାସନ ପରିବର୍ତ୍ତନ ମଧ୍ୟ ଅସମ୍ଭବ ନୁହେଁ। ବିରୋଧୀ ଶାସକ ଦଳକୁ ବିଶ୍ୱାସକୁ ନନେଲେ ବିକାଶ ବାଧାପ୍ରାପ୍ତ ଭଳି ତଳ ସ୍ତରରେ ଏହାର ପ୍ରଭାବ ପଡିଥାଏ। ଗାଁ ଗାଁରେ ଏଥିପାଇଁ କନ୍ଦଳ ସୃଷ୍ଟି ହୋଇ କେତେକ ସ୍ଥଳେ ହାତାହାତି ପର୍ଯ୍ୟନ୍ତ କଥା ଯାଏ। ରାଜନୈତିକ ହିଂସା ପଛରେ ଏଭଳି ଅନେକ କାରଣ ଅଛି। ଯେଉଁଥିପାଇଁ ବିବାଦ ପରବର୍ତ୍ତୀ ଘଟଣା ହିଁ ହିଂସା ବୋଲି କହିହେବ। ଅତୀତରେ ସ୍ୱର୍ଗତଃ ପ୍ୟାରୀମୋହନ ମହାପାତ୍ରଙ୍କ କଥାକୁ ସ୍ମରଣ କଲେ ଏହା ସହଜରେ ବୁଝିହେବ। ଯେଉଁ ପ୍ୟାରୀବାବୁ ଦିନେ ଗୋଟେ ଦଳର ଅତ୍ୟନ୍ତ ପ୍ରଭାବଶାଳୀ ଥିଲେ, ତାଙ୍କ ନିର୍ଦ୍ଦେଶ ବିନା ଦଳରେ ପତ୍ର ହଲୁନଥିଲା ଶେଷରେ ସେହି ଅବିଶ୍ୱାସର ଶିକାର ହୋଇ କିଭଳି ଦଣ୍ଡ ଭୋଗିଲେ। ଯେଉଁ ନେତା ମନ୍ତ୍ରୀ ତାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରୁଥିଲେ, ସେମାନେ କିଭଳି ବାଟ କାଟି ଚାଲିଲେ। ଏପରିକି ପ୍ୟାରୀଙ୍କ ମୁହଁ ଚାହିଁଲେ ପାପ ଲାଗିବ ଭଳି ଅବସ୍ଥା ହୋଇଗଲା। ଜୀବନରେ ଏଭଳି ଅନେକ ଭଲ ଖରାପ ଆସିଥାଏ। ମଣିଷ ଏହାରି ମଧ୍ୟ ଦେଇ ଜୀବନ ଅତିବାହିତ କରିବାବେଳେ କେତେବେଳେ ସମୟର ତାଡନା ତ ଆଉ କେତେବେଳେ ପରିସ୍ଥିତିର ଦାସ ହେବାକୁ ବାଧ ହୋଇପଡେ। ସର୍ବେ ଭବନ୍ତୁ ସୁଖୀନଃ ଭଳି ଭାବନା ରହିତ ଜୀବନ ତୁଚ୍ଛ ହୋଇଥିଲେ ବି ଏହାକୁ ଜାବୁଡି ଧରି କେତେକ ଛଳନାପୂର୍ଣ୍ଣ ଭାବେ ବଞ୍ଚିବାକୁ ଭଲ ପାଆନ୍ତି। ଏହାର କାରଣ ମଧ୍ୟ ଏଇ ସମାନ। ଏମାନେ ଅବିଶ୍ୱାସର ପାହାଡ଼ ଉପରେ ଥାଇ ଜଗତକୁ ଏଭଳି ଦେଖନ୍ତି ଯେ, ଜଗତ ତାଙ୍କ ପାଇଁ ହିଂସାର ସମୁଦ୍ର ପାଲଟିଯାଏ। ବିଶ୍ୱର ଅନେକ ସଙ୍କଟ ଏହି ଅବିଶ୍ୱାସ ମଧ୍ୟରୁ ହିଁ ଜନ୍ମ ନେଇଛି। ପରସ୍ପର ମଧ୍ୟରେ ବିଶ୍ୱାସ ଅଭାବରୁ ଜଣେ ଆର ଜଣଙ୍କ ପ୍ରତି କ୍ରୋଧ ଭାବନା ପ୍ରକାଶ କରୁଛି। ଏଥିରେ ନିଜ ଦେଶର ହିତ କି ଅହିତ ତାହା ଭାବିବାକୁ ସମୟ ନଦେଇ ପ୍ରତିହିଂସାର ବଳୟ ରଚନା କରାଯାଉଛି। ଯଦ୍ୱାରା ବ୍ୟବସାୟ, ବିକାଶ ଓ ବୁଝାମଣାରେ ଫାଟ ସୃଷ୍ଟି ହୋଇ ପରେ ଶତ୍ରୁତା ଆଚରଣ ଆରମ୍ଭ ହୋଇଯାଉଛି। ଏଥିରେ ଅପରାଧିକ ଷଡଯନ୍ତ୍ର କରାଯାଇ ଗୋଟିଏ ପକ୍ଷର ସ୍ୱର ଦାବିଦେବାକୁ ଚେଷ୍ଟା କରାଯାଉଛି। ସେହିଭଳି ଦେଶ-ଦେଶ ମଧ୍ୟରେ ଏଭଳି ଅବିଶ୍ୱାସର ବାତାବରଣ ଅନେକ ବର୍ଷରୁ ଚାଲିଆସିଥିଲେ ବି ବିଶ୍ୱସନୀୟତା ଦିଗରେ କୌଣସି ଦେଶ କାର୍ଯ୍ୟ କରୁନାହାନ୍ତି। ଯେପରିକି ଆମର ପଡୋଶୀ ଦେଶ ପାକିସ୍ତାନ, ଚୀନ ସହ ଆମର ବିଶ୍ୱାସ ସଙ୍କଟ ରହିଛି। ପାକିସ୍ତାନ କୌଣସି ପରିସ୍ଥିତିରେ ଭାରତର ହିତ ଦେଖୁନଥିଲା ବେଳେ ଚୀନ ସର୍ବଦା ଭାରତୀୟ ସୀମାରେ ଦ୍ୱନ୍ଦ୍ୱ ସୃଷ୍ଟିକରୁଛି। ଭାରତ ସୀମାରେ ଥିବା ଘାଟି ଗୁଡିକ ଦଖଲ କରିବା ଚିନ୍ତାରେ ଚୀନ ଷଡ଼ଯନ୍ତ୍ର କରୁଥିଲା ବେଳେ ପାକିସ୍ତାନ ଆତଙ୍କବାଦୀ ପଠାଇ ଭାରତକୁ କ୍ଷତି ପହଞ୍ଚାଉଛି। ଏମିତିରେ ତ ପାକିସ୍ତାନ ବିଶ୍ୱରେ ଏକ ନିନ୍ଦିତ ରାଷ୍ଟ୍ର ଭାବେ ପରିଗଣିତ ହୋଇସାରିଛି। ବିକାଶ ଅପେକ୍ଷା ଆତଙ୍କବାଦ ଯେମିତି ପାକିସ୍ତାନର ମୂଳ ଲକ୍ଷ୍ୟ। ଚୀନର ବିସ୍ତାରବାଦୀ ଚିନ୍ତାଧାରା ସମସ୍ତେ ଜାଣିଛନ୍ତି। କେତେବେଳେ ଚକ୍ରାନ୍ତ କରି ନେପାଳ, ଉତ୍ତରାଖଣ୍ଡ ସୀମାରେ ଗାଁ ତିଆରି କରି ଭାରତ ବିରୁଦ୍ଧରେ ନୂଆ ନୂଆ ଜାଲ ବିଛାଇ ଚାଲିଛି। ନିକଟରେ କାଶ୍ମୀରରେ ଜି-୨୦ ବୈଠକରେ ଯୋଗ ନଦେଇ ଚୀନ୍ ତା'ର ଅସଲ ଚେହେରାକୁ ପଦାରେ ପକାଇ ଦେଇଛି। ଯେଉଁ ସମ୍ମିଳନୀରେ ବିଶ୍ୱର ବଡବଡ ରାଷ୍ଟ୍ର ବା କ୍ଷମତାଶାଳୀ ରାଷ୍ଟ୍ର ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ସୁଯୋଗ ପାଇଲେ ସେଭଳି ସୁଯୋଗକୁ ହାତଛଡା କରି ଚୀନ୍ ପାକିସ୍ତାନ ପ୍ରେମକୁ ଛାଡିପାରିଲା ନାହିଁ।

ଗାନ୍ଧିଜୀଙ୍କ କଲମରୁ...

# ହିନ୍ଦୁ-ମୁସଲମାନ ସମସ୍ୟା ଓ ଇତିହାସ

ଅଧ୍ୟାପକ ନୀଳମଣି ସାହୁ

...ହିନ୍ଦୁ-ମୁସଲମାନ୍ ସମସ୍ୟାର ବିଚ଼ାର କରିବା। ଏହି ବିଷ ଏପରି ଏକ ଭୟଙ୍କର ରୂପ ଧାରଣ କଲାଣି ଯେ ଏହା ଭବିଷ୍ୟତରେ ଆମକୁ କେଉଁଠି ପହଞ୍ଚେଇବ, ଆଜି କହିବା ସମ୍ଭବ ନୁହେଁ। ଧରାଯାଉ ଏକ ଅସମ୍ଭବ କଥା ସମ୍ଭବ ହେଇଗଲା: ଭାରତରେ ଜଣେ ବି ମୁସଲମାନ୍ ନିରାପଦରେ ସମ୍ମାନସହ ବଞ୍ଚି ପାରିଲାନି, ସେପଟେ ପାକିସ୍ଥାନରେ ହିନ୍ଦୁ ଓ ଶିଖ୍‌ମାନଙ୍କର ଅବସ୍ଥା ବି ସେୟା। ତେବେ ଆମର ଶିକ୍ଷା ଏକ ବିଷମୟ ରୂପ ଧାରଣ କରିବ। ଅନ୍ୟ ପକ୍ଷରେ, ହିନ୍ଦୁ, ମୁସଲମାନ୍ ଓ ଅନ୍ୟମାନେ, ବିଭିନ୍ନ ଧର୍ମରେ ବିଶ୍ୱାସ କରୁଥିଲେ ବି, ଯଦି ଉଭୟ ରାଜ୍ୟରେ ସମ୍ପୂର୍ଣ୍ଣ ନିରାପତ୍ତା ଓ ସମ୍ମାନ ସହ ବଞ୍ଚି ପାରିବେ ତେବେ ଆମର ଶିକ୍ଷା ସ୍ୱାଭାବିକ ରୀତିରେ ଏକ ଅତ୍ୟନ୍ତ ସନ୍ତୋଷଜନକ ରୂପ ନେବ। ସମାଧାନର ଦୁଇଟି ଦିଗ। ଗୋଟିଏ ହେଲା: ବିଭିନ୍ନ ଧର୍ମର ଲୋକେ ଏକ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣରେ ବାସ କରି ବିଭିନ୍ନ ସଂସ୍କୃତିର ଯେଉଁ ସୁନ୍ଦର ସଂଯୋଗ ସୃଷ୍ଟି କରିଛନ୍ତି, ତାକୁ ଆମେ ଚିରସ୍ଥାୟୀ କରିବା ଉଦ୍ଦେଶ୍ୟରେ ଅଧିକରୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଚେଷ୍ଟା କରିବା। ଅନ୍ୟଟି: ଆମେ ଏପରି ଏକ ସମୟ ଆଡ଼କୁ ନଜର ବୁଲେଇବା ଯେତେବେଳେ ଭାରତରେ କେବଳ ଗୋଟିଏ ହିଁ ଧର୍ମ ଥିଲା ଓ ପଶ୍ଚାତ୍‌ଗାମୀ ହୋଇ ତାର ସେଇ ନିର୍ଦ୍ଦିଷ୍ଟ ସଂସ୍କୃତି ଆଡ଼କୁ ମୁହାଁଇବା। ଏହା ବି ପ୍ରାୟ ସମ୍ଭବ ଯେ ଆମେ ଏପରି କୌଣସି ଐତିହାସିକ ସମୟ ପାଇ ପାରିବାନି। ଏବଂ ଯଦି ପାଉ ଓ ପଶ୍ଚାତ୍‌ଗାମୀ ହେଉ, ତେବେ ଆମେ ଆମ ସଂସ୍କୃତିକୁ ସେଇ କଦାକାର ଯୁଗ ମଧ୍ୟକୁ ଫୋପାଡ଼ି ଦେବା ଏବଂ ଆମର ପ୍ରାପ୍ୟଭାବେ ସାରା ବିଶ୍ୱର ଅଭିଶାପ ପାଇବା। ଉଦାହରଣ ସ୍ୱରୂପ, ମୁସମଲମାନ୍ ଯୁଗକୁ ଯଦି ବିଲୋପ କରିବା ଅପଚେଷ୍ଟା ଆମେ କରୁ ତେବେ ଆମକୁ ଭୁଲିଯିବାକୁ ହେବ ଯେ ପୃଥିବୀର ଅଦ୍ୱିତୀୟ ବିଶାଳ ଜୁମା ମସଜିଦ୍ ଦିଲ୍ଲୀରେ ଥିଲା, ଅବା ଆଲିଗଡ଼ରେ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟ ଥିଲା, ଅବା ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଏକ ଭାବେ ମାନ୍ୟତା ପାଇଥିବା ତାଜ୍ ଆଗ୍ରାରେ ଥିଲା, ଅବା ମୋଗଲ ଜମାନାରେ ତୋଳା ଯାଇଥିବା ବିରାଟ ବିରାଟ ଦୁର୍ଗଗୁଡ଼ିକ ଦିଲ୍ଲୀ ଓ ଆଗ୍ରାରେ ଥିଲା। ସେହି ଲକ୍ଷ୍ୟ ଦୃଷ୍ଟିରୁ ଆମ ଇତିହାସକୁ ପୁଣି ଲେଖିବାକୁ ହେବ। ଏହା ନିଶ୍ଚିତ ଯେ ଏହି ବିବଦମାନ ପସନ୍ଦକୁ ନେଇ ଏକ ସଠିକ ନିଷ୍ପତ୍ତିରେ ପହଞ୍ଚିବା ପାଇଁ ଆଜିର ପରିସ୍ଥିତି ଆମକୁ ସୁଯୋଗ ଦେବନି। ଦୁଇ ମାସ ହୋଇଥିବା ଆମର ସ୍ୱାଧୀନତା ନିଜକୁ ଏକ ଆକାର ଦେବା ପାଇଁ ସଂଘର୍ଷ କରୁଛି। ପରିଶେଷରେ ଏହା କେଉଁ ରୂପ ନେବ ଆମକୁ ଜଣା ନାହିଁ।...

[...Then take the Hindu-Muslim question. The poison has assumed such dangerous proportions, that it is difficult to forecast where it will land us. Assume that the unthinkable has happened and that not a single Muslim can remain in the Union safely and honourably and that neither Hindu nor Sikh can do likewise in Pakistan. Our education will then wear a poisonous form. If, on the other hand, Hindus, Muslims and all the others who may belong to different faiths can live in either Dominion with perfect safety and honour, then in the nature of things our education will take a shape altogether pleasing. Either people of different faiths having lived together in friendship have produced a beautiful blend of cultures, which we shall strive to perpetuate and increasingly strengthen, or we shall cast about for the day when there was only one religion represented in Hindustan and retrace our steps to that exclusive culture. It is just possible that we might not be able to find any such historical date and if we do and we retrace our steps, we shall throw our culture back to that ugly period and deservedly earn the execration of the universe. By way of example, if we make the vain attempt of obliterating the Muslim period, we shall have to forget that there was a mighty Jama Masjid in Delhi second to none in the world, or that there was a Muslim University in Aligarh, or that there was the Taj in Agra, one of the seven wonders of the world, or that there were the great forts of Delhi and Agra built during the Mughal period. We shall then have to re-write our history with that end in view. Surely today we have not the atmosphere which will enable us to come to a right conclusion about the conflicting choices. Our two-months-old freedom is struggling to get itself shaped. We do not know what shape it will ultimately take...(M. K. Gandhi, "Of New Universities", The Collected Works Of Mahatma Gandhi, Vol. 89, pp. 403-04)]

ସତ୍ୟ ନାରାୟଣ ସାହୁ ଇଣ୍ଟରନେଟ୍‌ରେ ପ୍ରକାଶିତ ତାଙ୍କର ଏକ ଲେଖା — "Gandhi's Prediction That Communal Polarisation Would Erase Mughal Rule from our History Has Come True" — ରେ ଗାନ୍ଧିଜୀଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଲେଖା — "Of New Universities" — ପ୍ରତି ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରିଥିବାରୁ ମୁଁ ତାଙ୍କ ନିକଟରେ ପ୍ରଥମେ କୃତଜ୍ଞତା ଜ୍ଞାପନ କରୁଛି। ୧୯୪୭ ମସିହା ସ୍ୱାଧୀନତା ପ୍ରାପ୍ତି ବେଳକୁ ଦେଶର ବିଭିନ୍ନ ଭାଷାଭାଷୀ ଅଞ୍ଚଳରେ ନୂଆ ନୂଆ ବିଶ୍ୱବିଦ୍ୟାଳୟ ଖୋଲିବା ପାଇଁ ଦାବି ହେଉଥିଲା। ଏହି ଦାବିକୁ ଦୃଷ୍ଟିରେ ରଖି ଗାନ୍ଧିଜୀ ତାଙ୍କ ଲେଖାଟି ଲେଖିଥିଲେ। ତିନୋଟି ବିଷୟ ଉପରେ ସେ ଆଲୋକପାତ କରିଥିଲେ। (୧) ସେତେବେଳେ ସ୍ଥିତ ବିଶ୍ୱବିଦ୍ୟାଳୟ ତଳ ସ୍ତରର ଶିକ୍ଷାନୁଷ୍ଠାନଗୁଡ଼ିକ ସ୍ୱାଧୀନତା ପ୍ରାପ୍ତି ପରେ କିପରି ହୋଇ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଛାତ୍ର ଯୋଗେଇବେ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ କିପରି ହେବା ଉଚ଼ିତ, ଇତ୍ୟାଦି, (୨) ହିନ୍ଦୁ-ମୁସଲମାନ୍ ସମସ୍ୟା ଓ ଶିକ୍ଷା ଉପରେ ତାର ପ୍ରଭାବ, ଓ (୩) ମୌଳିକ ଶିକ୍ଷା। ହିନ୍ଦୁ-ମୁସଲମାନ୍ ସମସ୍ୟା ଓ ଶିକ୍ଷା ଏବଂ ଇତିହାସ ଉପରେ ତାର ପ୍ରଭାବ ସମ୍ପର୍କରେ ଗାନ୍ଧିଜୀ ତାଙ୍କ ଲେଖାଟିରେ ଯାହା କହିଛନ୍ତି କେବଳ ସେଇ ଅଂଶଟିର ଭାବାନୁବାଦ ମୁଁ କରିଛି। ଗାନ୍ଧିଜୀଙ୍କ ପ୍ରତି ବି ମୋର କୃତଜ୍ଞତା ଜ୍ଞାପନ କରୁଛି।

ପଞ୍ଚସ୍ତରୀ ବର୍ଷ ପୂର୍ବେ ଗାନ୍ଧିଜୀ ଲେଖିଥିଲେ, ହିନ୍ଦୁ-ମୁସଲମାନ୍ ସମସ୍ୟା ରୂପକ "ବିଷ ଏପରି ଏକ ଭୟଙ୍କର ରୂପ ଧାରଣ କଲାଣି ଯେ ଏହା ଭବିଷ୍ୟତରେ ଆମକୁ କେଉଁଠି ପହଞ୍ଚେଇବ, ଆଜି କହିବା ସମ୍ଭବ ନୁହେଁ।" ସ୍ୱାଧୀନତାର ପଞ୍ଚସ୍ତରୀ ବର୍ଷ ପରେ ଆଜି ବି ଭବିଷ୍ୟତ କଥା କହିବା ଆମ ପକ୍ଷରେ ଅସମ୍ଭବ। ଏହି ସମୟ ମଧ୍ୟରେ ସମସ୍ୟାଟି ଅପସରି ଯିବା ପରିବର୍ତ୍ତେ ବେଳକୁ ବେଳ ଆହୁରି ଗୁରୁତର ହେଉଥିବା ଜଣାପଡ଼େ, ବିଷଟି ହଳାହଳରେ ପରିଣତ ହେଉଥିବା ମନେ ହୁଏ। ଗାନ୍ଧିଜୀଙ୍କର ସଂଶୟ ଆଜି ବାସ୍ତବରେ ପରିଣତ ହେବାକୁ ଯାଉଥିବା ଦେଖା ଯାଉଛି। ଇତିହାସର ପୁନର୍ଲ୍ଲିଖନର ଅପଚେଷ୍ଟା ହେଉଥିବା ଦେଖା ଯାଉଛି। ଏହି ଅପଚେଷ୍ଟାକୁ ସଫଳ ହେବାକୁ ଦେବେ ନା ତାକୁ ବିଫଳ କରେଇବେ ଭାରତର ସଚେତନ ନାଗରିକ ହିସାବରେ ଆପଣମାନଙ୍କ ଉପରେ ନିର୍ଭର କରୁଛି। ଆପଣମାନେ ବାଛିବା ପାଇଁ ଦୁଇଟି ବାଟ ଥିବା କଥା ଗାନ୍ଧିଜୀ କହୁଛନ୍ତି। ଗୋଟିଏ ହେଲା: ଘୃଣା, ବିଦ୍ୱେଷ ଓ ଅସହିଷ୍ଣୁତାର ବାଟ — ଭାରତରେ ଜଣେ ବି ମୁସଲମାନ୍‌କୁ ନିରାପଦରେ ସମ୍ମାନସହ ବଞ୍ଚିବା ପାଇଁ ନ ଦେବାର ବାଟ। ଅନ୍ୟଟି ହେଲା: ବନ୍ଧୁତା ଓ ଭାଇଚ଼ାରାର ବାଟ — ସମସ୍ତେ ନିରାପଦରେ ସମ୍ମାନସହ ଭାଇଚ଼ାରା ଭିତ୍ତିରେ ବଞ୍ଚିବା ପାଇଁ ଦେବାର ବାଟ।

ପ୍ରଥମଟିକୁ ଯଦି ବାଛିବେ ଓ ଆପଣମାନେ ନିଜେ ସୁଖ ଶାନ୍ତିରେ ନିରାପଦରେ ବଞ୍ଚିବା ପାଇଁ ଚାହିଁବେ, ତେବେ ମୁସଲମାନ ସମୁଦାୟକୁ, କାହାକୁ ବି ନ ଛାଡ଼ି, ନେଇ ପାକିସ୍ଥାନ ଓ ବଙ୍ଗଳାଦେଶରେ ଛାଡ଼ି ଦେବାକୁ ହେବ। ଆଜିକାଲି ତାହା କରି ହେବନି। ସେମାନେ ଏହି ଦେଶରେ ହିଁ ରହିବେ। ତାଙ୍କୁ ଆପଣମାନେ ଏହା କହି ପାରନ୍ତି ଯେ ଆମେ ବହୁ ସଂଖ୍ୟକ, ବାଡ଼ଉଥିବୁ, ଆଉ ତୁମେ ଅଳ୍ପସଂଖ୍ୟକ, ପିଠି ଦେଖଉଥିବ। କିନ୍ତୁ ସେମାନେ ଆପଣମାନଙ୍କ କଥା ନ ଶୁଣିଲେ, ଆପଣମାନେ ବି ନିଜେ ସୁଖ ଶାନ୍ତିରେ ନିରାପଦରେ ବଞ୍ଚି ପାରିବେ ନି। ଏହି ଅଶାନ୍ତି ଅନନ୍ତ କାଳ ଚଲିଲା ଭଳି ଚଲିଥିବ। ପୁଣି ଏହାର ଅନ୍ୟ ଦିଗ କଥା ବିଚ଼ାର କରନ୍ତୁ। ଭାରତରେ ବହୁସଂଖ୍ୟକ ହିନ୍ଦୁମାନେ ଅଳ୍ପସଂଖ୍ୟକ ମୁସଲମାନ୍‌ମାନଙ୍କୁ ସୁଖଶାନ୍ତିରେ ରହିବାକୁ ଦେବେ ନି। ଏହାର ପ୍ରତିକ୍ରିୟା ସ୍ୱରୂପ ପାକିସ୍ଥାନ ଓ ବଙ୍ଗଳାଦେଶରେ ଥିବା ଅଳ୍ପସଂଖ୍ୟକ ହିନ୍ଦୁ ଓ ଶିଖ୍‌ମାନଙ୍କ ଉପରେ ଅତ୍ୟାଚ଼ାର ହେବ। ସେମାନଙ୍କ ଉପରେ ଅତ୍ୟାଚ଼ାର ହେଲେ ହେଉ ଆମ ଅତ୍ୟାଚ଼ାର ଆମେ ଚଲୁ ରଖିବା ବୋଲି ନିଷ୍ପତ୍ତି କରି ହେବ କି? ଧର୍ମ ଛଡ଼ା ଆହୁରି ଅନେକ ଦୃଷ୍ଟିକୋଣରୁ ବହୁ ସଂଖ୍ୟକ ବିପଦରେ କହି ସବୁ ଦେଶରେ ଯଦି ଅଳ୍ପସଂଖ୍ୟକଙ୍କ ଉପରେ ଅତ୍ୟାଚ଼ାର ହୁଏ, ସେମାନଙ୍କୁ ଶରବ୍ୟ କରି ଦଙ୍ଗା ହୁଏ, ତେବେ ଆଜିକାଲି ବିଭିନ୍ନ ଦେଶରେ ବହୁ ସଂଖ୍ୟାରେ ରହୁଥିବା ଭାରତୀୟମାନେ ସେହି ଅତ୍ୟାଚ଼ାର ଓ ଦଙ୍ଗାର ଶିକାର ହୋଇଯାଇ ପାରନ୍ତି, କେତେକଙ୍କର ପ୍ରାଣ ବି ଯାଇପାରେ। ଆଜିକାଲି ଯେଉଁ ଭାରତୀୟମାନେ ଭାରତ ବାହାରକୁ ଯାଉଛନ୍ତି, ସେମାନେ ଉତ୍କୃଷ୍ଟ ଭାରତୀୟମାନଙ୍କର ଏକ ଅଂଶ କହିଲେ ଚଳେ। ସେମାନେ ଯଦି କ୍ଷତିଗ୍ରସ୍ତ ହୁଅନ୍ତି ତେବେ ଭାରତର ପ୍ରଭୂତ କ୍ଷତି ହୋଇ ପାରେ।

ମଧ୍ୟ ଯୁଗରେ ଯୁଦ୍ଧ ହେଲେ ରାଜାମହାରାଜାମାନେ ଯୁଦ୍ଧକ୍ଷେତ୍ରକୁ ଯାଉଥିଲେ, ଯୁଦ୍ଧ କରୁଥିଲେ। ରଜା ହାରିଲେ ବା ମଲେ ଯୁଦ୍ଧ ଶେଷ। ଆଜିକାଲି ନେତାମାନେ ଯୁଦ୍ଧକ୍ଷେତ୍ର ଠାରୁ ବହୁ ଦୂରରେ ଅତି ନିରାପଦ ସ୍ଥାନରେ ରହି ଯୁଦ୍ଧ ପରିଚ଼ାଳନା କରନ୍ତି। ଯୁଦ୍ଧକ୍ଷେତ୍ରରେ କଅଣ ହେଉଛି ହେଉ, ସେମାନେ ସୁରକ୍ଷିତ ଥାଆନ୍ତି। ସହିଦ ଭଗତ ସିଂ କହୁଥିଲେ ଦଙ୍ଗା ବେଳେ କେବଳ ପୁଞ୍ଜିପତିମାନଙ୍କର ମୁଣ୍ଡ ଠିକ୍ ଥାଏ। ସାଧାରଣ ଲୋକମାନେ ଦଙ୍ଗାରେ ମାତିଥାନ୍ତି, ପରସ୍ପରକୁ ଆଘାତ କରନ୍ତି, ପରସ୍ପରର ଜୀବନ ନିଅନ୍ତି, ଧନସମ୍ପଦ ନଷ୍ଟ କରନ୍ତି। କିନ୍ତୁ ଦଙ୍ଗାର ମଦତ୍‌କାରମାନଙ୍କର ଦଙ୍ଗାରେ ଦେଖା ନଥାଏ। ସେମାନଙ୍କର ଧନଜୀବନ ନିରାପଦ ଥାଏ। ମଦତ୍‌କାରମାନଙ୍କର ଏହି ଭୂମିକାକୁ ହିଁ ଦଙ୍ଗାକାରୀମାନେ ହୃଦୟଙ୍ଗମ କରିବା କଥା। ମଦତ୍‌କାରମାନଙ୍କର ସ୍ୱାର୍ଥରେ ସେମାନେ କିପରି ବ୍ୟବହୃତ ହେଉଛନ୍ତି ଖୋଦ୍ ଦଙ୍ଗାକାରୀମାନେ ବୁଝିବା କଥା।

ଅନ୍ୟଟି ବାଟଟି ହେଲା: ବନ୍ଧୁତା ଓ ଭାଇଚ଼ାରାର ବାଟ — ସମସ୍ତେ ନିରାପଦରେ ସମ୍ମାନସହ ଭାଇଚ଼ାରା ଭିତ୍ତିରେ ବଞ୍ଚିବା ପାଇଁ ଦେବାର ବାଟ। କିନ୍ତୁ ଏଠି ପ୍ରଶ୍ନ ହେଲା: ଏହି ବନ୍ଧୁତା, ଭାଇଚ଼ାରା ଓ ଶାନ୍ତିର ବାଟରେ ବାଟ କଢ଼େଇ ନେବ କିଏ? କେବଳ ବଳଶାଳୀ ହିଁ ଅଭୟ ବର ଦେଇପାରେ। ସାଧାରଣତଃ ଗୋଟିଏ ଦେଶରେ ବହୁସଂଖ୍ୟକ ହିଁ ବଳଶାଳୀ। ଭାରତରେ ହିନ୍ଦୁମାନେ ବଳଶାଳୀ। ସେମାନେ ମୁସଲମାନ୍ ଓ ଅନ୍ୟାନ୍ୟ ଧର୍ମର ଲୋକଙ୍କୁ ଅଭୟ ବର ଦିଅନ୍ତୁ। ପାକିସ୍ଥାନ ଓ ବଙ୍ଗଳାଦେଶରେ ମୁସଲମାନ୍‌ମାନେ ବଳିୟାନ। ସେମାନେ ସେଠିକାର ହିନ୍ଦୁ, ଶିଖ୍ ଓ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକମାନଙ୍କୁ ଅଭୟ କରନ୍ତୁ। ଏହି ଭାବେ ସାରା ବିଶ୍ୱରେ ସବୁ ଦେଶରେ ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟ ସଂଖ୍ୟାଲଘୁ ସମ୍ପ୍ରଦାୟଗୁଡ଼ିକର ଅଭୟଦାତା ହୁଅନ୍ତୁ। ବିଶ୍ୱ ଦଙ୍ଗାହୀନ ହେଉ। ଶାନ୍ତି ବିରାଜୁ।

# ବିମୁଦ୍ରିକରଣ ପଛରେ ଉଦ୍ଦେଶ୍ୟ କ'ଣ ?



ଅସିତ ମହାନ୍ତି

କୌଣସି ମୁଦ୍ରାର ବୟସ ଏତେ କମ ହୁଏନାହିଁ ଯେତେ ୨୦୦୦ ଟଙ୍କିଆ ନୋଟ୍‌ର ହୋଇଛି। ଠିକ୍ ସାଡେ ଛଅ ବର୍ଷ ପୂର୍ବେ ଯେତେବେଳେ ବିମୁଦ୍ରୀକରଣ ଘୋଷଣା କରାଯାଇଥିଲା, ସେଠାରେ କଳା ଟଙ୍କା ଏବଂ ନକଲି ନୋଟ୍ ବିଷୟରେ ଉଲ୍ଲେଖ କରାଯାଇଥିଲା। ବର୍ତ୍ତମାନ ଏହାର ମୁକାବିଲା କରାଯିବ ବୋଲି କୁହାଯାଇଥିଲା। ମାତ୍ର ସାଡେ ଛଅ ବର୍ଷ ପରେ, ଯେତେବେଳେ ଅରବିଆଇ ୨୦୦୦ ଟଙ୍କିଆ ନୋଟ୍ ନିଷେଧ ଘୋଷଣା କଲେ, ସେତେବେଳେ ଏଭଳି ପରିସ୍ଥିତିରେ ମଧ୍ୟ ଏକ ପ୍ରଶ୍ନ ଉଠିଛି - ଆରବିଆଇର ନିଜସ୍ୱ ରିପୋର୍ଟରେ କୁହାଯାଇଛି, ୨୦୦୦ ଟଙ୍କିଆର ନୋଟ୍, ଯାହାର ମୂଲ୍ୟ ୧ ଲକ୍ଷ କୋଟିରୁ ଅଧିକ ମୂଲ୍ୟ ଶରକୁଲେସନ ହେଉନାହିଁ। ତେବେ ଏହି ଟଙ୍କା କଣ କଳା ଧନରେ ପରିଣତ ହୋଇଯାଇଛି କି? ଏହାର ମୁକାବିଲା କରିବାକୁ ସରକାର ଆରବିଆଇ ମାଧ୍ୟମରେ ଏହି ପଦକ୍ଷେପ ନେଇଛନ୍ତି। ଯଦି ହଁ, ତେବେ ୫୦୦ ଟଙ୍କିଆ ନୋଟ୍ ମଧ୍ୟ ବହୁ ସଂଖ୍ୟାରେ ଶରକୁଲେସନ ରୁ ବଞ୍ଚିତ ହେଉଛି ଏବଂ ସେମାନଙ୍କର ମୋଟ ମୂଲ୍ୟ ୮ ଲକ୍ଷ କୋଟିରୁ ଅଧିକ। ତେଣୁ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ - ୫୦୦ ଟଙ୍କା ନୋଟ ଉପରେ ମଧ୍ୟ ନିଷେଧାଦେଶ ରହିବା ଉଚିତ୍ ଥିଲା। ଏହା ସହିତ ଆରବିଆଇ ଅନୁଯାୟୀ, ଏହି ସମୟ ମଧ୍ୟରେ ବହୁ ସଂଖ୍ୟକ ନକଲି ନୋଟ୍ ମଧ୍ୟ ଜବତ କରାଯାଇଛି ଏବଂ ଏଥିରେ ୫୦୦ ଟଙ୍କା ନୋଟ୍ ଏବଂ ୨୦୦୦ ଟଙ୍କା ନୋଟ୍ ଅନ୍ତର୍ଭୁକ୍ତ। ତେବେ ଏଠାରେ ଏକ ପ୍ରଶ୍ନ ଉଠେ - ଏହି ସମୟରେ, ନୋଟଗୁଡିକ ଯାହା ନିର୍ବାଚନ ମାଧ୍ୟମରେ ରରାଜନୈତିକ ଭାବରେ ବଣ୍ଟନ କରାଯାଇଥାଏ, ଅତୀତରେ ଏହା ଦେଖାଯାଇଥିଲା ଯେ ଏଥିରେ ୨୦୦୦ ଟଙ୍କାର ଅଧିକ ନୋଟ୍ ଥିଲା। ସେହି ସମୟରେ ଉତ୍ତରପ୍ରଦେଶର ନିର୍ବାଚନ ୨୦୧୭ ଫେବୃଆରୀ ମାସରେ ହେବାର ଥିଲା। ଠିକ ଚାରି ମାସ ପୂର୍ବରୁ ନୋଟ ବନ୍ଦୀ ହୋଇଥିଲା, ଅର୍ଥାତ ୨୦୧୬ ର ଶେଷ ମାସରେ।

ତେବେ ପ୍ରଶ୍ନ ହେଉଛି - ରାଜନୈତିକ ଦଳଗୁଡିକୁ ଗରିବ କରିବା ପାଇଁ କିମ୍ବା ରାଜନୈତିକ ଦଳଗୁଡିକ ଥିବା କଳା ଟଙ୍କାକୁ ଦମନ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ପରବର୍ତ୍ତୀ ପ୍ରଶ୍ନ ସାମ୍ପ୍ରତିକ ସମୟ ସହିତ ଜଡିତ ହେବ, ଏହା ପ୍ରକୃତରେ ଏହି ନୋଟ୍ ବ୍ୟାନ୍ ବିଷୟରେ ଯାହାକି ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ସମୟ ଦିଆଯାଇଛି, ଏହା ପରେ ଠିକ ଅକ୍ଟୋବର ମାସରେ ମଧ୍ୟପ୍ରଦେଶ, ଛତିଶଗଡ ଏବଂ ରାଜସ୍ଥାନ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରାଯିବ। ଏବଂ ଏହା ପରେ ତେଲେଙ୍ଗାନା ନିର୍ବାଚନ ବାଟଦେଇ ୨୦୨୪ ଲୋକସଭା ନିର୍ବାଚନରେ ପହଞ୍ଚିବ। ତେବେ ଏହି ସମୟରେ ୨୦୦୦ ଟଙ୍କିଆ ନୋଟ୍ ଅଦୃଶ୍ୟ ହୋଇଯାଇଛି ନା ରାଜନୈତିକ ଦଳମାନଙ୍କ ପାଖରେ ଏହି ନୋଟ ଗୁଡିକ ରଖାଯାଇଛି? ଏହା ଏକ ପ୍ରଶ୍ନ। ବାସ୍ତବରେ, ଆରବିଆଇ ଦ୍ୱାରା ମୁଦ୍ରିତ ନୋଟଗୁଡ଼ିକ ଭାରତର ୪ ଟି ସ୍ଥାନରେ ମୁଦ୍ରିତ ହୁଏ। ମହାରାଷ୍ଟ୍ରର ନାଶିକ୍, ମଧ୍ୟପ୍ରଦେଶର ଦେଓ୍ୱାସ, କର୍ଣ୍ଣାଟକର ମହିଶୁର ଏବଂ ପଶ୍ଚିମବଙ୍ଗର ସାଲଓ୍ୱାନି। ମୁଦ୍ରଣ ପରେ, ଆରବିଆଇ ୧୯ଟି ସହରରେ ମୁଦ୍ରା ଜାରି କରେ। ଏହା ବ୍ୟତୀତ ଦେଶର ୩୦୫୪ ବ୍ୟାଙ୍କ ମାଧ୍ୟମରେ ଏହି ନୋଟ୍ ଦିଆଯାଏ। କିନ୍ତୁ ଏଠାରେ ଏକ ପ୍ରଶ୍ନ ହେଉଛି, ଅରବିଆଇ ୨୦୧୯ରୁ ୨୦୦୦ ଟଙ୍କିଆ ନୋଟ୍ ଛାପିବା ବନ୍ଦ କରିଦେଇଛି। ୨୦୧୬ ରେ, ବହୁ ସଂଖ୍ୟକ ୨୦୦୦ ଟଙ୍କିଆ ନୋଟ୍ ଛପା ହୋଇଥିଲା ଯାହା ଅନ୍ୟ ନୋଟ ର ୫୦ % ଥିଲା। ଧିରେ ଧିରେ ପ୍ରଶ୍ନ ଉଠିବାକୁ ଲାଗିଲା ଯେ ୨୦୦୦ ଟଙ୍କିଆ ନୋଟ୍ ଛାପିବା ଦ୍ୱାରା କ'ଣ ଚମତ୍କାର ହେଲା, ବର୍ତ୍ତମାନ ମଧ୍ୟ କଳା ଟଙ୍କା ଧରାପଡୁଛି। ତେଣୁ ଧୀରେ ଧୀରେ ଏହାର ମୁଦ୍ରଣ କମ କରାଯାଇଥିଲା। ଉଦାହରଣ ସ୍ୱରୂପ, ୨୦୧୬ -୧୭ ରେ, ୩୫୦ କୋଟି ୨୦୦୦ ଟଙ୍କିଆ ନୋଟ୍ ଛପାଯାଇଥିଲା, ୨୦୧୭ -୧୮ ରେ ୧୫ କୋଟି ୧୦ ଲକ୍ଷ ଏବଂ ୧୮-୧୯ ରେ ୪ କୋଟି ୭୦ ଲକ୍ଷ ନୋଟ୍ ଛପା ହୋଇଥିଲା। ଏସବୁକୁ ମିଶାଇ ୩୭୦ କୋଟି ଟଙ୍କା ବାହାରକୁ ଆସେ। ଏହି ନୋଟଗୁଡିକ ମଧ୍ୟରୁ ଅନେକ ନଷ୍ଟ ହୋଇଯାଏ। ଆରବିଆଇ ଅନୁଯାୟୀ ଏହି ପରିମାଣ ହେଉଛି ୧୦୨ କୋଟି ନୋଟ୍। ଅର୍ଥାତ୍ ୩୭୦ କୋଟି ନୋଟ୍ ଛପାଯାଇଥିଲା ଏବଂ ୧୦୨ କୋଟି ନୋଟ୍ ନଷ୍ଟ ହୋଇଯାଇଥିଲା। ବାକି ୨୬୮ କୋଟି ଶେଷ ରହିଲା। ଏହି ୨୬୮ କୋଟି ଟଙ୍କା ଭାରତରେ ଶରକୁଲେସନ ହୋଇଛି, ଅର୍ଥାତ ଏହା ବଜାରରେ ହେବା ଉଚିତ, ଯାହାର ମୋଟ ମୂଲ୍ୟ ପ୍ରାୟ ୫ ଲକ୍ଷ ୩୬ ହଜାର କୋଟି ହେବ। ବଜାର ପ୍ରକୃତରେ ଏତେ ନୋଟ୍ ଅଛି କି? ଆରବିଆଇ ଅନୁଯାୟୀ, ସରକୁଲେସନ ରେ ପ୍ରକୃତରେ କମ୍ ନୋଟ୍ ଅଛି। ତାଙ୍କ କହିବାନୁସାରେ, ପ୍ରାୟ ୫୪ କୋଟି ନୋଟ୍ ସରକୁଲେସନରୁ ଅଦୃଶ୍ୟ ହୋଇଯାଇଥିଲା ଏବଂ ଏହି ୫୪ କୋଟି ନୋଟ୍ ର ମୂଲ୍ୟ ପ୍ରାୟ ୧ ଲକ୍ଷ ୮ ହଜାର କୋଟି ଟଙ୍କା ଅଟେ। ତାହେଲେ ପ୍ରଶ୍ନ ଉଠୁଛି - ଏହି ରାଶି କଳା ଟଙ୍କା ରେ ରୂପାନ୍ତରିତ ହୋଇଥିଲା, ଯେଉଁ କାରଣରୁ ଏହି ନିଷ୍ପତ୍ତି ନିଆଯାଇଛି? ଯଦି ନୋଟ୍ ଗୁଡିକ ଅଦୃଶ୍ୟ ହୋଇଯାଉଛି, ଏବଂ ସରକୁଲେସନ ରେ ନାହିଁ, ଏହାର ଅର୍ଥ ନିଶ୍ଚିତ ଭାବରେ କେହି ଏହାକୁ ଦବାଇ ରଖିଥିବେ।

ତାହେଲେ ସେମାନେ କିଏ ଯେଉଁମାନଙ୍କ ପାଖରେ ଏହି ୨୦୦୦ ଟଙ୍କିଆ ନୋଟ ରହିଛି? ସେମାନେ କଣ ଦେଶର ସାଧାରଣ ଜନତା? କଳା ଧନ ଉଲ୍ଲେଖ ହେବା ମାତ୍ରେ ଗୋଟିଏ କଥା ନିଶ୍ଚିତ ଭାବେ ମନକୁ ଆସେ ଯେ ୨୦୧୬ ପରେ ସ୍ୱିସ୍ ବ୍ୟାଙ୍କଗୁଡିକରେ ଭାରତୀୟଙ୍କ ଜମା ଦ୍ୱିଗୁଣିତ ହୋଇଛି। କିନ୍ତୁ ସରକାର କିଛି କରିନାହାଁନ୍ତି। ତେବେ ପ୍ରଶ୍ନ ହେଉଛି କଳା ଟଙ୍କାର, କଥାଟି ଏଭଳି ନୁହେଁ କି, ସରକାର ପୁରା ମୁଦ୍ରାକୁ ହାତରେ ରଖି ସେହି ରାଜନୀତି ଅଭ୍ୟାସ କରିବାର ଶକ୍ତି ଚଳାଉଛନ୍ତି କି? ୨୦୧୬ ରେ ନିଜର ସୁବିଧା ଅନୁଯାୟୀ ଏକ ମୁଦ୍ରାକୁ ଜାରି କରିବା ଏବଂ ୨୦୧୯ ପରେ ସେହି ନୋଟର ମୁଦ୍ରଣ ବନ୍ଦ କରିବା ଏବଂ ତା'ପରେ ୨୦୨୩ରେ କହିବା ଯେ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ସମୟ ଅଛି, ଏହି ନୋଟକୁ ବଦଳାଇ ଦିଅନ୍ତୁ, ଅନ୍ୟଥା ସେହି ନୋଟର କୌଣସି ମୂଲ୍ୟ ରହିବ ନାହିଁ। ମୋଟ ଉପରେ, କଥା ହେଉଛି ସରକାର ଆରବିଆଇ ମାଧ୍ୟମରେ ଏହି ବାର୍ତ୍ତା ଦେଇଛନ୍ତି ଯେ - ଯେକୌଣସି ସମାଜ ମଧ୍ୟରେ ମୁଦ୍ରା ଉପରେ ନିୟନ୍ତ୍ରଣ ରଖିଥିବା ବ୍ୟକ୍ତିଙ୍କ ପାଖରେ ଶକ୍ତି ରହିବ କିମ୍ବା ଯାହାର କ୍ଷମତା ଅଛି, ସେ ମୁଦ୍ରା ଉପରେ ନିୟନ୍ତ୍ରଣ ରଖିବେ। ଏହା ହେଉଛି ଗଣତନ୍ତ୍ରର ଏକ ନୂଆ ରୂପ।

ସୁଜନପୁର , ଯାଜପୁର
ଦୂରଭାଷ : ୯୩୪୮୭୬୮୮୧୨

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


## ଧାରାବାହିକ ଉପନ୍ୟାସ

# ବିଶୃଙ୍ଖଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୬୧




*(ପୂର୍ବପ୍ରକାଶ ଉତ୍ତାରୁ)*

ସାନବାବୁଙ୍କୁ ସେ ପୂର୍ବଠାରୁ ବି ଆହୁରି ବେଶୀ ଭଲ ପାଇଛି। ଜେଜେମା' ତାରି ଚିନ୍ତାରେ ହିଁ ଚାଲିଗଲା ସଂସାରରୁ। ସାନବାବୁ କଣ ତା ଜେଜେମା'ଙ୍କୁ ଠିକ୍ ସେଇଭଳି ଫେରାଇଦେଇ ପାରିବେ? ଏତେ ସବୁ ଅକୁହା ବେଦନା ଭିତରେ ଥାଇ ଲୀନା କିଛି ପ୍ରତିକ୍ରିୟା ପ୍ରକାଶ କରିନଥିଲା। ସେ ହତବମ୍ଭ ପାଲଟିଯାଇଥିଲା।

ଇଏ କଣ ସେଇ ସାନବାବୁ..ଯାହାଙ୍କ ପାଇଁ ଅସଂଖ୍ୟ ତପସ୍ୟା..। କିନ୍ତୁ ସେ କଣ ଜାଣନ୍ତି ସେସବୁକୁ? ସେ କଣ ଆଗରୁ ତା ମନକୁ ପଢିଛନ୍ତି କେବେ। ସେ ତ କେବେକେବେ ଭାବେ ସାନବାବୁ ତାକୁ ଘର ବାହାରେ ଦେଖିଲେ କେବେ ଚିହ୍ନି ପାରିବେ ତ? କାରଣ ସାନବାବୁ ତ ସବୁବେଳେ ଚୁପଚାପ୍। ଆବଶ୍ୟକ ନହେଲେ କିଛି କହନ୍ତି ନାହିଁ। କିଛି କହିଲେ ବି ମୁହଁକୁ ସ୍ପଷ୍ଟଭାବେ ଚାହାନ୍ତି ନାହିଁ। ସତେଯେପରି ତାକୁ ଚାହିଁଦେଲେ ସେ ପାପୀଟିଏ ହୋଇଯିବେ। ଯେମିତି ଜୀବହତ୍ୟା ପାପରେ ଭାଗୀ ହୋଇପଡିବେ। ହେଲେ ଆଜି ଏତେକଥା କହି ପାରୁଛନ୍ତି କିପରି? ଇଏ ବି କଣ ତାର ଏକ ଅନ୍ୟତମ ମଧୁର ସ୍ୱପ୍ନ?

ନିବିଡ ରାତିର ଘନାନ୍ଧକାର ଭିତରେ ଘରର ଆଲୋକ ଦେଖି ହୁଏତ ଝର୍କାଦେଇ ମହୁମାଛିଟିଏ ବଗିଚାରୁ କେତେବେଳୁ ଘର ଭିତରକୁ ଉଡିଆସିଥିଲା। ଆଉ ସେ କେତେବେଳେ ଲୀନାର ଅଲକ୍ଷ୍ୟରେ ତା କାନ୍ଧ ଉପରେ ନୀରବରେ ବସି ପଡିଥିଲା।

ପିଲାବେଳେ ମହୁମାଛି, ଭଅଁରମାନଙ୍କୁ ସେ କେତେ ଭୟ କରେ! ଅଥଚ ସେ ଭୟ ଆଜିନାହିଁ ମନରେ। ଆଜି ସେ ଭିନ୍ନ ଏକ ଇଲାକାରେ..। ଜୀବନର କେତେ ଦଂଶନ ସେ ସହିଛି। ଆଉ ଗୋଟେ ସାମାନ୍ୟ ମହୁମାଛିର ଦଂଶନକୁ ସହିପାରିବ ନାହିଁ? ସେ ତ ଖାଲି ଦଂଶିତ ହେବାକୁ ଜନ୍ମିଛି! ଏମିତି ଭାବରେ ସେ ଆଗରୁ ଦଂଶିତା ହୋଇଛି ଆଜି ଯାଏଁ! ସେ ଅନୁଭବ ଆଜି ବି ଏ ଦେହରେ ଜୀବିତ। ଆଜୀବନ ରହିବ ବି ଘୃଣ୍ୟ ଅନୁଭବ ହୋଇ! ତା ପାଇଁ ଏ ଦଂଶନ କିବା କଥାଟାଏ!

ହଠାତ୍ ମହୁମାଛି ଦଂଶନରୁ ଏତିକି ଜାଣି ପାରିଲା ଯେ ସେ ସ୍ୱପ୍ନ ଦେଖୁନି,ବାସ୍ତବତାର ସାମ୍ନା କରୁଛି। ସାନବାବୁଙ୍କ ମୁହଁରୁ ତାଙ୍କ ମନକଥା ଆଜି ସେ ମନ ଦେଇ ଶୁଣୁଛି। ଏମିତି ବି ଆଉ ଥରେ ସେ ବିହ୍ୱଳିତ ହୋଇ ତା ଆଗରେ କହିଥିଲେ ମାଲିକାଣୀଙ୍କ ସହିତ ତାଙ୍କ ସଂପର୍କର ଇତିକଥା। କିନ୍ତୁ ଆଜି ସେ ପୁରାପୁରି ଭିନ୍ନ କଥା କହୁଛନ୍ତି। ସେତେବେଳେ ସେ ଛୋଟ ଥିଲେ ବି ତାର ମନଟା ବେଶ୍ ପରିପକ୍ୱ ହୋଇସାରିଥିଲା। ଆଉ ଆଜି ସେଇ ମନ ସ୍ଥିର ପାଲଟିଛି। ମନତଳେ କୌଣସି ଆକାଂକ୍ଷା ନାହିଁ କି ଅଭିପ୍ସା ନାହିଁ। ଖାଲି ସାନବାବୁ ସୁସ୍ଥ, ନୀରୋଗ ଓ ଭଲ ରୁହନ୍ତୁ। ୟା'ବ୍ୟତୀତ ଆଉ କଣ ଅଛି ତା ଜୀବନରେ ମାଗିବାକୁ!

ଯେତେ ଶୀଘ୍ର ମନ ପରିପକ୍ୱ ହୋଇଛି ସେତେ ଶୀଘ୍ର ସେ ଯେପରି ବୃଦ୍ଧା ପାଲଟି ଯାଉଛି। ଆଉ କିଛି ନାହିଁ ଜୀବନରେ..ନା ଅଛି ଉଦ୍‌ବେଗ ନା ଅଛି କୌଣସି ଗୁପ୍ତ କାମନା। ହେଲେ ଜୀବନର ଏଭଳି ମୋଡରେ ସାନବାବୁ ଏସବୁ କଣ କହିଯାଉଛନ୍ତି? ସେ କଣ ନିଶାଗ୍ରସ୍ତ? ଜୀବନର ଏଭଳି ସ୍ଥିତିର ସାମ୍ନା କରିନପାରି ସେ କଣ ଆଜିକାଲି ତାଲୁ ଲୁଚାଇ ନିଶାର ସାହାରା ନେଉଛନ୍ତି? କାହିଁ ସେ ତ ଜାଣିପାରିନି କିଛି! ତାକୁ ଲୁଚି ପ୍ରଜାପତିଟିଏ କି ପିମ୍ପୁଡିଟିଏ ଆବିର୍ଭାବ ଏ ଘରେ ହୁଏ ନାହିଁ। ଅଥଚ ନିଶା.. ନା ନା ସେସବୁ ଅସମ୍ଭବ। ଏ ଘରେ ବାସ୍ନା ତ କିଛି ନାହିଁ। ବରଂ ବାହାର ବଗିଚାରେ ରାଧାତମାଳ ବାସ୍ନା ଝର୍କାଦେଇ ପଶିଆସୁଛି ଜୋର୍ ଜବରଦସ୍ତ। ତାହେଲେ..ସେ କଣ ତା ମନକୁ ଆଗରୁ ପଢି ସାରିଛନ୍ତି? ଏତିକି କଥା ଜାଣିବାରେ ଓ ବୁଝିବାରେ ଏତେ ବିଳମ୍ବ..ହୋଇଗଲା? ସବୁ ଜାଣିସାରି ବି ସେ ଲାନ୍ଛିତା ହୋଇଛି ତାଙ୍କ ପାଖରେ।

ତାଙ୍କର ଏ ଦୁର୍ଦ୍ଦଶା ପାଇଁ ସେ ତାହେଲେ କଣ ସଂପୂର୍ଣ୍ଣ ଦାୟୀ? ତାରି ପାଇଁ ତାହେଲେ ସାନବାବୁ ସାନ ମାଲିକାଣୀଙ୍କ ସହିତ ସାଲିସ୍ କରି ପାରିନାହାନ୍ତି? ଜୀବନକୁ ମନଭରି ଉପଭୋଗ କରିପାରି ନାହାନ୍ତି? ସେ ତାହେଲେ ତାଙ୍କର ସବୁ ଅନର୍ଥର ମୂଳ? ଆଜିଯାଏଁ ସେ ସାନ ବାବୁଙ୍କର ଅହିତ ହିଁ କରିଆସିଛି ତା ଅଲକ୍ଷ୍ୟରେ? ଠାକୁରଙ୍କ ପାଖରେ କେତେ କଣ ଶୁଭମନାସି ଅସଂଖ୍ୟ ସ୍ୱପ୍ନ ଦେଖି ତାହେଲେ କଣ ସେ ଖାଲି ନିଜକୁ ପ୍ରତାରଣା କରିଛି? ନିଜ ଅଜାଣତରେ ହିଁ ତାଙ୍କ ପଥରୁଦ୍ଧ କରି ସୁଖରୁ ତାଙ୍କୁ ବଂଚିତ କରିଛି? ଜୀବନର କଳାଛାଇ ପରି ତାଙ୍କୁ ଅନ୍ଧାରରେ ବୁଡାଇ ଚାଲିଛି ନିର୍ଦ୍ଧୁମ୍। ଅଥଚ ତାଙ୍କର ଏକମାତ୍ର ହିତାକାଂକ୍ଷୀ ବୋଲି ମନତଳେ ଦାବୀ କରି ମନକୁ ବି ଠକିଛି?

ଇସ୍, ତାହେଲେ କି ଜୀବନଟେ ଜୀଇଁଛି ସେ? ନିଜକୁ ଧିକ୍କାରିଲା ନୀରବରେ। ଆଃ,ଆଗରୁ ସେ କେବେ ଭେଟିନଥାନ୍ତା ସାନବାବୁଙ୍କୁ! ଜେଜେମା' ତାଙ୍କ ଘରେ କାମ କରୁ ନଥାନ୍ତା..କି! ତାହେଲେ ଆଜିକାର ଜୀବନ ହୁଏତ ଅନ୍ୟପ୍ରକାରର ହୋଇଥାନ୍ତା। ହେଲେ ଜୀବନର ଏ ଘୋର ବିପର୍ଯ୍ୟୟ ପାଇଁ..ସେ ତାହେଲେ ଏକାବେଳକେ ଦାୟୀ! ତା ଆଖିତଳୁ ଲୁହମାନେ ନିଃଶବ୍ଦରେ ଝରି ପଡିଲେ। ସାନବାବୁ କିନ୍ତୁ ତାର ନିକଟତର ହେଉଥିଲେ। ମହୁମାଛିର ଦଂଶନ ଓ ତାର ପ୍ରତିକ୍ରିୟା ସ୍ୱରୂପ ଲୀନାର କିଛି ସମୟର ବ୍ୟତିବ୍ୟସ୍ତତା ଦେଖି ସେ ତା କାନ୍ଧରେ ହାତ ରଖିଲେ। ମହୁମାଛି ଏବେଯାଏଁ ବି ମୁକୁଳି ପାରିନି ତାଠାରୁ। ତା ନାହୁଡ ସହିତ ସେ ଛଟପଟ ହେଉଛି। ତାପରେ ସେ ମୃତ୍ୟୁ ଲଭିବ!

ଏଇ ତ ଜୀବନର ବିଡମ୍ବନା। ନିଜଠାରୁ ନାହୁଡକୁ ଅଲଗା କଲେ ତା ଜୀବନର ସମାପ୍ତି ଘଟିବ। ଏଇଆ ହିଁ ତାର କପାଳ ଲିଖନ। ଯେପରି ଲୀନାକୁ ନିଜଠାରୁ ଅଲଗାକଲେ ସେ ବି ଜୀବନରୁ ବିଚ୍ୟୁତ ହୋଇପଡିବେ! ସଂସାରରୁ ବିଚ୍ୟୁତ ହୋଇଯିବେ! ହୁଏତ ମୃତ ପାଲଟିବେ! ଲୀନା ତାଙ୍କ ଶରୀର ଓ ମନର ଅବିଚ୍ଛେଦ୍ୟ ଅଙ୍ଗ। ଠିକ୍ ମହୁମାଛି ଓ ତାର ନାହୁଡ ପରି! ତାକୁ ଛାଡି ସେ ବଂଚିବେ କିପରି? ମହୁମାଛିଟିକୁ ସେ ମୁକ୍ତ କରିଦେଲେ ଲୀନା ଦେହରୁ। ତା ଦେହ ଭିତରେ ନିବିଡ ଭାବରେ ଲାଖିଯାଇଥିବା ସେ ନାହୁଡକୁ ଆସ୍ତେ କରି କାଢିଦେଲେ। ସେ ସ୍ଥାନଟିରୁ ରକ୍ତ ଝରୁଛି। ବିନ୍ଦୁଟିଏ ରକ୍ତଝରି ବ୍ଲାଉଜ୍‌ର କିଛି ସ୍ଥାନ ଭିଜିଯାଇଛି। ଠିକ୍ ସେ ସ୍ଥାନରେ ସାନବାବୁଙ୍କ ହାତର ସ୍ପର୍ଶ। ଲୀନା ଦେହରେ ବିଜୁଳିର ଚମକ ପରି ସଂଚରିଯାଉଛି ସେ ସ୍ପର୍ଶ!..ଆଜି ପ୍ରଥମ କରି ଅଚାନକ୍ ସାନବାବୁ ତାକୁ ଛୁଇଁ ପକାଇଛନ୍ତି।

କାଲିଯାଏଁ ସେ ଅଛୁଆଁ ଥିଲା। ଆଜି ସେ ଦୋଷ ହୁଏତ ସାନବାବୁଙ୍କ ଦୃଷ୍ଟିରେ କଟିଯାଇଛି! ଆଉ ବିଶେଷ ଯନ୍ତ୍ରଣା ଅନୁଭୂତ ହେଉନି କାହିଁକି ସେ ଦଂଶିତ ଯାଗାରେ! କାହିଁକି ସେ ଅକଥନୀୟ ଯନ୍ତ୍ରଣାଟି ଅପସାରିତ ସେ ଜାଗାଟିରୁ..। ଏବେ ସଂଚରି ଯାଉଛି ଅକୁହା ଶୀହରଣ..ସାରାଦେହରେ। ସାନବାବୁଙ୍କ ନିଃଶ୍ୱାସ ପ୍ରଶ୍ୱାସକୁ ସେ ଏବେ ସେ ସ୍ପଷ୍ଟଭାବେ ଅନୁଭବ କରିପାରୁଛି ନିଜ ଭିତରେ। ଠିକ୍ ଭାବେ ବ୍ୟକ୍ତ କରିପାରୁନି ମନକୋଣର ସେ ବ୍ୟଥାକୁ। ହେଲେ ୟା'କୁ କଣ ବ୍ୟଥା କୁହନ୍ତି? ଧୀରେଧୀରେ ଗୋଟେ ଆଶ୍ଳେଷ ତା ଚାରିପଟେ ଜମାଟ ବାନ୍ଧୁଛି। ସେ ହଜିଯାଉଛି ତା ଭିତରେ!

ମନେପଡିଲା ସେ କାଳରାତ୍ରିର କଥା..ତା ଉପରେ ଝପଟି ପଡିଥିବା ଦଳେ ରାକ୍ଷସମାନଙ୍କ କଥା। ସେ ଆହତ ଯନ୍ତ୍ରଣା ଓ କୀଟଦଂଷ୍ଟ୍ରା ଫୁଲଟିର ବ୍ୟଥା! ତା ଆଖିରୁ ଲୁହଝରିଲା ଶ୍ରାବଣର ବାରିଧାରା ପରି! ସେତକ ନିଜ ଭିତରେ ଲୁଚାଇ ସଂକୁଚିତ ହୋଇଗଲା ସେ ନିଜ ଭିତରେ। ସାନବାବୁଙ୍କଠାରୁ ନିଜକୁ ଅଲଗା କରି ଘୁଂଚିଗଲା ସେ ଦୂରକୁ। ଗୋଟେ ପତିତାର ଯନ୍ତ୍ରଣାକୁ ସେ କେମିତି କହିବ ଆଉ କେମିତି ବି ଲୁଚାଇବ?

ଯାହା ଆଜି ଯାଏଁ ନିଜ ଛାତି ତଳେ ବୋହିଚାଲିଛି ନୀରବରେ, ଯାହାପାଇଁ ସେ ରାତିରାତି ଭୟରେ ଜାକି ହୋଇଯାଇଛି ନିଜଭିତରେ, ତା ଆଖିରୁ ଲୁହ ନୁହେଁ ଲହୁ ଝରୁଛି ଆଜିକାଲି। ଯାହାପାଇଁ ସେ ଟୋକେଇଟିଏ ପାଲଟି ଯାଉଛି। ସାଂକୁଳି ପଡିଯାଉଛି ଭିତରେ, ସେ ହାରିଯାଉଛି ଜୀବନରଯୁଦ୍ଧ। ସେଦିନର ସେ ଅତ୍ୟାଚାର ଆଜି ବି ସଂଘଟିତ ହେଉଛି ତା ଭାବନା ରାଜ୍ୟରେ। ସେ ଅପବିତ୍ରା! ସାନବାବୁଙ୍କ ଯୋଗ୍ୟା ନୁହେଁ। ସାନବାବୁଙ୍କୁ ସେ କେବଳ ମନମନ୍ଦିରରେ ଠାକୁରଙ୍କ ପରି ପୂଜା କରିପାରିବ। ଅତଚ ତାଂକୁ ସ୍ଥୁଳ ଭାବରେ ଚାହିଁବାର ଧୃଷ୍ଟତା କରିବନି। କିପରି ଜାଣିଜାଣି ତା ଠାକୁରଙ୍କ ଉପରେ ଅନ୍ୟାୟ କରିବ! ଆଜିକୁ ଢେର୍ ଦିନ ବିତିଗଲେ ବି ଆଜିଯାଏଁ ସେ ଦାଗ ଲିଭିନି ମନତଳୁ।

ବର୍ତ୍ତମାନ ବି ସମଗ୍ର ଦେହରେ ସେ ବିରକ୍ତିକର, କୁତ୍ସିତ ଅନୁଭବ। ଆଜି ବି ସେ ନିତିନିତି ମୁଣ୍ଡାଇ ଚାଲିଛି ସେଦିନର ଅକଥନୀୟ ଯନ୍ତ୍ରଣା, ଅକୁହା ବେଦନାର ବୋଝ..ଯାହାପାଇଁ ସେ ନା ବଂଚିପାରିଛି ନା ସେ ମରିପାରୁଛି। ସେ ତ ଜଡ ଅବା ମୃତା ପାଲଟିଛି। ଖାଲି ସାନବାବୁଙ୍କ ମୋହରେ ଚାବିଦିଆ କାଠ କଣ୍ଢେଇଟେ ପରି କିଛି କାମ କରିଯାଉଛି। ନହେଲେ ସେ ତ କୋଉକାଳରୁ ମୃତା। ପିଲାଟି ଦିନରୁ କିଛି କିଛି ମରିବା ପରେ ଆଜି ସେ ପ୍ରକୃତରେ ମୃତ! କେତେବେଳେ ଭାଗ୍ୟ ମାରିଛି ତ କେତେବେଳେ ସମୟ, କେତେବେଳେ ନିଜର ଦୁର୍ଗତି ତ କେତେବେଳେ ଅସଂଖ୍ୟ ଅସହାୟତା, କେବେକେବେ ଜେଜେମାଆର ଦୁଃଖ ଯନ୍ତ୍ରଣା ତ କେତେବେଳେ ସାନବାବୁ..ଓ ତାଙ୍କ ସଂପର୍କିତ ଦୁଃଖରାଜି! *(କ୍ରମଶଃ)*

---

# ମକର ଆସିଛି ଫେରି

## ବିଜୟ କୁମାର ପଣ୍ଡା



*(ପୂର୍ବପ୍ରକାଶ ଉତ୍ତାରୁ)*

କୁସୁମ ବି କବେ କେବେ ଯାଇଛି ସେଇ ରାସ୍ତା ଦେଇ ମା ସହ ଖଣିକୁ।

ଟିଫିନ ବାକ୍ସଟା କୁସୁମ ହାତରୁ ନେବାବେଳେ ସାବି ବିବ୍ରତ ହୋଇ କହୁଥିଲା 'ଏତେ ଖରାରେ ତୁ ଏଠିକି ଆସିବୁନି ଆଉ ମା। ମୁଁ ମୋ ଲାଗି କିଛି ଯୋଗାଡ଼ କରିଦେବି। ପିଲାଟା ମୋର ଖରାରେ ଝାଉଁଳି ଯାଉଛି। ତା ଛଡ଼ା ନିଛାଟିଆ ରାସ୍ତା..ସବୁବେଳେ ସମୟ ସମାନ ନାହିଁ।'

ମା'ର ମମତା ପିଲାର ମୁହଁ ଦେଖି ତାର କୌଣସି ଦୁଃଖ ବା ଆସନ୍ନ ଦୁଃଖର କଳନା କରିପାରେ।

କୁସୁମ ଖରାରେ ଫେରିଲା।

କିଛି ସମୟ ପରେ ତାକୁ ମଟର ଗାଡ଼ିର ଶବ୍ଦ ଶୁଭିଲା। କୁସୁମ ତା ବାଟରେ ଚାଲିଲା ଆଗକୁ। କିଛି ବାଟ ଗଲାପରେ କୁସୁମ ଦେଖିଲା ଠିକାଦାର ତା ମଟର ଗାଡ଼ିରେ ଆସୁଛି।

ତା ମନରେ ପ୍ରଶ୍ନ ଆସୁଥାଏ 'ଏଇଟା ତ ବସ୍ତିକୁ ଯିବା ବାଟ। ଠିକାଦାର ଟା ଇଆଡ଼େ କାହିଁକି! ତା' ଛଡ଼ା ସେ ତ କେବେ ତାକୁ ବସ୍ତିକୁ ଆସିବାର ଦେଖିନି! କେବଳ ଯେବେ ସେ ଖଣିକୁ ଯାଇଛି ତାକୁ ଦେଖିଛି।'

ଠିକାଦାର ଟିକେ ଆଗକୁ ଯାଇ ଗାଡ଼ି ରଖି କୁସୁମକୁ କହିଲା 'ମୋ ଗାଡ଼ିରେ ବସ୍। ମୁ ତୋତେ ତୋ ଘରେ ଛାଡ଼ି ଦେଇ ଆସିବି। ବହୁତ ଖରା, ଛୋଟ ପିଲାଟା..ଏତେ ବାଟ ଚାଲିକି କେମିତି ଯିବୁ? ଆସ ମୋ ଗାଡ଼ିରେ ଛାଡ଼ିଦେବି।'

କୁସୁମ ସିଧା ସିଧା ମନା କରିଦେଲା।

'ଦେଖ ବାବୁ, ଏଇ ଖଣିକୁ ଯିବା ଆସିବା ଆମର ଅଭ୍ୟାସ। ମୋ ମା' କାହିଁ କେତେ ବର୍ଷରୁ ଯାଉଛି। ତମେ ଜମା ବ୍ୟସ୍ତ ହୁଅନି। ତା ଛଡ଼ା..ମୋର ତମ ସହ ପରିଚୟ କିଛି ନାହିଁ। ମୁଁ ତୁମ ଗାଡ଼ିରେ କାହିଁକି ବସିବି?' କୁସୁମ ଉତ୍ତର ଦେଲା।

ଠିକାଦାର କହିଲା 'ତୁ ସିନା ମୋତେ ଭଲକି ଚିହ୍ନିନୁ ..ହେଲେ ତୋ ମା ସହ ମୋର ଅନେକ ଦିନର ପରିଚୟ। ତୁ ଭଲ ପଢୁଛୁ ବୋଲି ମୋତେ ତୋ ମା କହେ। ସିଏ ପରା ମୋତେ ପଠେଇଛି ତୋତେ ଘରେ ଛାଡ଼ିଦେବା ପାଇଁ!'

କୁସୁମ ପାଠ ପଢୁଆ ପିଲା, ଜାଣିଗଲା ଇଏ ଡ଼ାହା ମିଛ କହୁଛି।

'ବାବୁ ଆମେ ତ ଗରିବ ଲୋକ, ଦିନ ମଜୁରିଆ। ଆମ ପ୍ରତି କାହିଁକି ଏତେ ଦରଦ! ଆମ ପାଖରେ କଣ ଅଛି!'

'ଖାଲି ଧନ ନଥିଲେ କଣ ହେବ, ତମ ପାଖେ ମନ ଅଛି ବାକି ବହୁତ କିଛି ଅଛି। ତୁ ଛୋଟପିଲା ସେ କଥା ବୁଝିବୁନି। ଆସ ମୋ ଗାଡ଼ିରେ।' ଠିକାଦାର କୁସୁମର ହାତ ଧରି ତାକୁ ଧିରେ ତା ଆଡ଼କୁ ଟାଣି ଆଣିଲା।

କୁସୁମ ଠିକାଦାରର ଏମିତି ବ୍ୟବହାରକୁ ଠିକ ବୁଝିପାରୁଥିଲା। ତା ହାତଟା ଛାଟି ଦେଇ ଜୋରରେ ପାଦ ଉଠେଇ ଚାଲିବାକୁ ଲାଗିଲା।

ଆଗକୁ ଛୋଟିଆ ବଣଟିଏ ଥାଏ ଯାହାକୁ ପାର ହେଲେ ବସ୍ତି ଆସେ। ନାନା ପ୍ରକାର ଗଛ, ଝାଡ଼ି ଇତ୍ୟାଦି ବଣକୁ ଟିକେ ଘଞ୍ଚ କରି ଦେଇଥାଏ। ହେଲେ ଏବେ ସେତେ ସବୁଜିମା ନାହିଁ, ବଣରେ ଲୁଚିବାକୁ ଚେଷ୍ଟାକଲେ ଧରାପଡ଼ିଯିବାର ଭୟ। ସେ କିନ୍ତୁ ଜାଣିଥିଲା ଠିକାଦାରକୁ ଏ ଜାଗା ନୂଆ।

କୁସୁମ ସାହସ ଜୁଟାଇ ବଣ ଆଡକୁ ଦଉଡ଼ିଲା। ପାଦ ଉଠାଇଲା ବେଳେ ଶୁଖିଲା ପତ୍ରର ଖସ୍ ଖସ୍ ଶବ୍ଦ। କାଠହଣା ଚଢ଼େଇର ଠକ ଠକ ଶବ୍ଦ ସବୁ ଯେମିତି ତା ପାଦ ଶବ୍ଦ ସହ ମିଶିଯାଇ ତାର ଅବସ୍ଥିତିକୁ ଆକଳନ କରିବାରେ ସାହାଯ୍ୟ କରୁଥିଲେ। ହେଲେ ବି ସାହସ ହାରିଲାନି ସେ। ଗୋଟିଏ ଝାଡ଼ି ପଛରେ ଲୁଚିଗଲା।

ଠିକାଦାର ବି ସେଇ ଶବ୍ଦ ସବୁକୁ ଆକଳନ କରି ବଣ ଭିତରକୁ ପଶୁଥାଏ କୁସୁମର ଅନୁସନ୍ଧାନରେ।

ଏତେ ସବୁ ଦୌଡ଼ା ଦୌଡ଼ିରେ କୁସୁମ ଥକି ଯାଇଥିଲା। ଏ ଖରାଟା ବି ଜୋରରେ ହେଉଛି। ଶୋଷ ହେଲାଣି, ଭୋକ ବି ଲାଗିଲାଣି। ହାଲିଆ ମାରି ବସିଯାଇଥିଲା। ଗୋଡ଼ ଆଉ ଉଠୁନଥିଲା।

ଏଇ ସମୟରେ ମନେ ପଡ଼ିଲା ମିନି ଆଉ ତା ସାଙ୍ଗ ମାନେ ବଣଭୋଜି ଯିବା କହୁଥିଲେ।

: 'ମିନି ମିନି.. ବଞ୍ଚା ମୋତେ..ମିନି ..ମିନି..' ରଡ଼ି ଛାଡୁଥିଲା କୁସୁମ।

ମନରେ ଡର ଘାରୁଥାଏ..ତାର ଚିତ୍କାର ଶୁଣି କାଳେ ସେ ଠିକାଦାରଟା ତାକୁ ଧରିପକେଇବ କି!

ତା ଡର ସତ ହେଲା। ଠିକ ପାଞ୍ଚ ମିନିଟ ଭିତରେ ଠିକାଦାର ତା ପିଛାକରି ତା ପାଖେ ପହଞ୍ଚି ଯାଇଥିଲା।

ଠିକାଦାରର ଲମ୍ବା ହାତଟା ତା ଦେହ ଆଡ଼କୁ ଲମ୍ବି ଆସୁଥିଲା। କଞ୍ଚା ମାଂସର ଭୋକରେ ଠିକାଦାରଟା ଘାଇଲା ବାଘ ଶିକାର ଉପରକୁ ଝାମ୍ପି ପଡିଲା କୁସୁମ ଉପରକୁ।

କୁସୁମ କୌଶଳରେ ଖସି ଯାଇ, ପାଖରେ ଥିବା ଝାଡ଼ିରୁ ଶୁଖିଲା କାଠ ଖଣ୍ଡେ ଟାଣିଆଣି କ୍ରିକେଟ ବ୍ୟାଟ ଭଳି ବୁଲେଇ ଠିକାଦାରକୁ ପାହାରେ ଦେଲା। ଠିକାଦାରଟା ତଳେ ପଡ଼ି ପୁଣି ଉଠିଲା।

ବଞ୍ଚାଅ ବଞ୍ଚାଅ ଚିତ୍କାରରେ ବଣଟା ଫାଟି ପଡୁଥିଲା।

ଚିତ୍କାର ଶୁଣି ମିନି ଆଉ ତାର ସାଙ୍ଗ ଆସି ପହଞ୍ଚିଲେ। ମିନିର ସାଙ୍ଗମାନେ ଠିକାଦାରକୁ ନିର୍ଦ୍ଧୁମ ମାଡ଼ ଦେଲେ। ମାଡ଼ ଖାଇ ଠିକାଦାର ସେଠୁ ପଳେଇଲା।

: 'ମୋତେ କ୍ଷମା କରିଦେ ସାଙ୍ଗ। ଆଜି ମୁଁ ତୋ ସାଙ୍ଗରେ ଥିଲେ ହୁଏତ ଏମିତି କିଛି ଘଟି ନଥାନ୍ତା।'

ମିନି ଆଉ କୁସୁମ ପରସ୍ପରକୁ ଆଲିଙ୍ଗନ କରି କାନ୍ଦୁଥିଲେ।

କୁସୁମକୁ ନେଇ ମିନି ଘରକୁ ଗଲା।

ମିନି କୁସୁମକୁ ପ୍ରତିଶ୍ରୁତି ଦେଲା ଆମେ ଦୁହିଁଙ୍କ ମକର ବଉଳ ସମ୍ପର୍କ ଆହୁରି ସୁଦୃଢ ହେବ। ଆମେ ଗତ ଥର ଭଳି ସାଥିହୋଇ ମେଳାକୁ ଯିବା। ଏ ମକର ସଂକ୍ରାନ୍ତିରେ ତା ମକରକୁ ଫେରି ପାଇଛି ବୋଲି କୁସୁମ ଖୁସିରେ ବିଭୋର ହେଉଥିଲା

ସମ୍ପାଦକ-କନକପ୍ରଭା,
ସବଙ୍ଗ,ସିମୁଳିଆ,ବାଲେଶ୍ୱର
ଦୂରଭାଷ : ୯୭୩୯୫୯୧୮୧୬




---

## କିଶୋର କବିତା



# ଚିଠିର ଠିକଣା....

## ପ୍ରଫେସର ଶାନ୍ତନୁ କୁମାର ସର



ମୁଁ ହଠାତ୍ ଦେଖିଲି
ମୋର ଅନ୍ତରଙ୍ଗ ଚିଠିସବୁ
ଛିନ୍ନଭିନ୍ନ ହୋଇ ପଡିଛନ୍ତି
ବିପର୍ଯ୍ୟସ୍ତ ଫୁଲ ବଗିଚାରେ
ରକ୍ତର ଉଷ୍ମତା ଯେବେ ଶବ୍ଦଖୋଜେ
ମନର ଅଗଣାରେ ଅପ୍ରାପ୍ତିର ଦୀର୍ଘଶ୍ୱାସ
ଯେବେ ହଜିଯାଏ ଆବେଗର ନୀଳ ଆବର୍ତ୍ତରେ
ଯେତେବେଳେ ପ୍ରାପ୍ତିର ପୁଲକରେ
ଭିଜିଯାଏ ସମଗ୍ର ଶରୀର
ସ୍ୱପ୍ନମୟ ଆକାଶରେ ଦିଶେ ଖାଲି ଇନ୍ଦ୍ରଧନୁ
ସୁରଭିତ କାମନାର ନୀଳ ଇସ୍ତାହାର
ସେତେବେଳେ ଚିଠି ମୋର ଭରିଯାଏ
ଏହିପରି କମନୀୟ ଶବ୍ଦର ଧାଡ଼ିରେ
ମୁଁ ଯେତେବେଳେ ତୋଳିବାକୁ ଚେଷ୍ଟାକରେ
ପାରିଜାତ
କମନୀୟ ରୂପଶ୍ରୀର ଦିବ୍ୟ ରୂପାନ୍ତର
ସେତେବେଳେ ଚିଠି ମୋର ସ୍ୱପ୍ନିଳ ପୃଷ୍ଠାରେ
ବୋହିଯାଏ ଏହିପରି ଶବ୍ଦ ଶବ୍ଦାନ୍ତର
ଯେତେବେଳେ ଚାଲୁଥାଏ ଜୀବନ କେନ୍ଦ୍ରରୁ
ପ୍ରାପ୍ତିର ପ୍ରଲମ୍ବିତ ପରିଧି ପର୍ଯ୍ୟନ୍ତ
ସେତେବେଳେ କେଉଁ ଦୂର ଗହନବନରୁ
ପୁଲକିତ ଶବ୍ଦମାନେ ଭାସିଯାନ୍ତି
ମୋ ଚିଠି ପୃଷ୍ଠାରେ।
କୁହୁକ ରୁମାଲ ପରି ଚିଠି ମୋର
ଖୋଜିବୁଲେ ପ୍ରାପକ ଠିକଣା
ଡେଇଁ ଡେଇଁ କାଶତଣ୍ଡି ବଣ, ପ୍ରୀତିର ଆକାଶ
ଓ ଯେତେସବୁ ଲକ୍ଷ୍ମଣର ଗାର
ମୁଁ ଜାଣେନା ଯା ପାଇଁ ଚିଠି ସବୁ
ସେ ଏବେ ସୂକ୍ଷ୍ମ ଅବା ସ୍ଥୁଳ ଶରୀରରେ
ଚିଠିର ସେ ପ୍ରାଣକେନ୍ଦ୍ର
ସୁରଭିତ ବାସନାର ରୋମାଞ୍ଚିତ ସ୍ୱର
ଚିଠିର ଅକ୍ଷର ସବୁ କମ୍ପିତ ଅଧର
ପରି ଛଟପଟ ଅବ୍ୟକ୍ତ ମୋହରେ
ବିପର୍ଯ୍ୟସ୍ତ ବଗିଚାରୁ ଚିଠିର ଶବ୍ଦସବୁ
ବାଷ୍ପୀଭୂତ ହୋଇଯିବେ ଆକାଶର
ଅନନ୍ତ ବ୍ୟାପ୍ତିରେ ବର୍ଷିଯିବେ
ଗାଇ ଗାଇ ଚିରନ୍ତନ ପ୍ରେମର ବିଜୟ...।

ପ୍ରାକ୍ତନ ଅଧକ୍ଷ
ସରକାରୀ ମହାବିଦ୍ୟାଳୟ (ସ୍ୱୟଂଶାସିତ),
ଅନଗୁଳ

# ସଞ୍ଜ

## ସୁଶ୍ରୀ ସଙ୍ଗୀତା ସେଠୀ



ଗ୍ରୀଷ୍ମର ପାଖୁଡ଼ାରେ କୋଇଲିର କୁହୁରେ
ଅସରା ଅସରା ଝଟକା ପବନ ସ୍ପର୍ଶରେ
ସେ ସଞ୍ଜ ଭାରି ନିଆରା।
ସଞ୍ଜବତୀର ତୀକ୍ଷ୍ଣ ସରୁ ଆଲୁଅରେ
ବିଶ୍ୱାସ, ଭକ୍ତିଭରା ସେ କୀର୍ତ୍ତନରେ
ସେ ସଞ୍ଜ ଭାରି ନିଆରା।
ଦୋହଲୁଥିବା ମଲ୍ଲିକଢ଼ିର ଆକାଙ୍କ୍ଷାରେ
ଫୁଟିବାର ଉନ୍ମାଦ ଭରା ଆବେଗରେ
ସେ ସଞ୍ଜ ଲାଗେ ନିଆରା।
ଭାସି ଆସୁଥିବା ଚମ୍ପାର ମହକରେ
ଗାଁ ଦାଣ୍ଡେ ମେଳି ହେଇ ମିଠା ଗପରେ
ସେ ସଞ୍ଜ ଭାରି ନିଆରା।
ମିଠା ପରିବେଶର ବିଚ୍ଛୁରିତ ମାୟାରେ
ଅସରାଏ ବର୍ଷା ଛାଡ଼ିଗଲା ପରେ
ସେ ସଞ୍ଜ ଭାରି ନିଆରା।
ଜେଜେ ମା କୋଳେ ଶୋଇ ଗପ ଶୁଣିବାରେ
ସଞ୍ଜବେଳର ସେ ଅମୃତ ବେଳାରେ
ସେ ସଞ୍ଜ ଲାଗେ ଭାରି ନିଆରା।
ଓଡ଼ିଆ ମାଟିରେ ସଞ୍ଜ ବାସେ ଝୁଣା, କର୍ପୂରରେ
ଶଙ୍ଖର ସେ ପବିତ୍ର ନାଦରେ,
ସରଳ ମନର ବିଶ୍ୱାସରେ
ସେ ସଞ୍ଜ ସବୁଦିନ ହୁଏ ନିଆରା।

ବିଲିପଡା, ଯାଜପୁର

# ଅଫେରା ବେଳ

## ରାଜେଶ ପୂଜାରୀ



ଥର ଥର ମନେ ପଡ଼େ ମୋର
ଦୁଷ୍ଟାମିରେ ଭରା ପିଲା ବେଳ,
କୁଆଡ଼େ ଗଲା ସେ ହସ ଖୁସି
ଧୂଳିଖେଳ ସାଙ୍ଗସାଥୀ ମେଳ!
କି'ଏ କଲା ଚୋରି ହୁଏ ଝୁରି
ପ୍ରଶନ୍ନତା ମୋ ଅଚିନ୍ତନୀୟ,
ଇଚ୍ଛା ରାଇଜ ଅଧୀଶ୍ୱର
ନିର୍ଭୟ ସ୍ୱଚ୍ଛନ୍ଦ ଶାନ୍ତିମୟ!
ମିଠା ମିଠା ସେଇ ଚଗଲାମି
ଅତୁଳିତ ସରାଗରେ ଭରା,
କେମିତି ପାଶୋରି ପାରିବି ମୁଁ
ଅମୂଲ୍ୟ ସଂପତ୍ତି ତାହା ପରା।
ଖରା ବର୍ଷା ଶୀତ ସବୁ ଭଲ
ମିଳେ ସବୁ ଇଚ୍ଛିତ ଦରବ,
ଥିଲି କା' ଜହ୍ନ ଥିଲି କା' ତାରା
ହୁଏ ଭାରି ଗର୍ବ ଅନୁଭବ।
ସମୟ ସୁଅରେ ଗଲା ଭାସି
ସ୍ନେହ ଶରଧାର ବାଲିଘର,
ହେବାକୁ ଚାହିଁଲି ମୁକ୍ତ ପକ୍ଷୀ
ନଜାଣି କି ଏତେ ଭୟଙ୍କର।
ଅଳ୍ପ ଦିନ ମୁଁ ଡେଣା ମେଲିଲି
ସୁଖର ସୁନ୍ଦର ନଭ ତଳେ,
ଅଦିନ ଝଡେ ପଡ଼ିଲି ଲୋଟି
ଶୁଷ୍କତରୁ ପ୍ରାୟ ମରୁଥଳେ।
ପରମ ସତ୍ୟକୁ ଜାଣି ସାରି
ସ୍ମୃତିଧାରେ ଖୋଜେ ପିଲାବେଳ,
ସେ ବେଳେ ବାହୁଡ଼ି ଯିବା ପାଇଁ
ଅନିଶ୍ଚିତ ସ୍ୱପ୍ନେ ହୋଇ ଭୋଳ।
ହେଲେ ଉଷୁନା ଧାନ କି ଗଜା
ହୋଇଅଛି ଅବା ହେବ କେବେ,
ଆଖିରୁ ଝରେ ଅସରା ଲୁହ
ଅଫେରା ବେଳ ହସଇ ଯେବେ।

କୁଶମେଲ, ଝାରସୁଗୁଡ଼ା
ମୋ-୮୧୪୪୭୭୯୦୬୧

# ସ୍ୱପ୍ନାବେଶ

## ପ୍ରଣତି ଆଚାର୍ଯ୍ୟ ମିଶ୍ର



ସରସୀ କୋଳରେ ସଂରଚନା ପାଇଁ
ସଂଜୁଆ ବେଳାରେ ବସି
ଶଶୀ ସହ ମିଶି ଭାବିଲି ଲେଖିବି
ମୋହିତ କବିତା କସି।
ସମୀର, ଶମ୍ଭୁକ, ସାରସ ସିଞ୍ଜନ
ଯୋଗଦେଲା ସାଥେ ଆସି
ଶିତାଦ୍ରୀ କୋଳରେ ସମର୍ପିତ ହେଲା
ଲାଜେଇ ସରୋଜ, ନିଶି।
ଶାଳ ନିର୍ଯ୍ୟାସରେ ସୁଗନ୍ଧିତ ହେଲା
ସର୍ବତ୍ର ସଂନ୍ଧ୍ୟାର ବତୀ
ଷୋଳବୟା ସିନ୍ଥି ସିନ୍ଦୂର ସାଜିଲା
ଅସ୍ତଗାମୀ ସୂର୍ଯ୍ୟ ତାତି।
ଶେଫାଳୀ ଆଣିଲା ସହଯାତ୍ରୀ କରି
ଶୟନର ପଦ୍ମଗନ୍ଧା
ସଂଶୟ ମନରେ ସିକ୍ତ ସମ୍ମୋହନ
ଭରିଲା ଶାମ୍ବରୀ ସୁଧା।
ସରମୀ ଓଠରେ ସଜଫୁଲ ହସ
ସାଇତା ସୁନୀଳ ସ୍ୱପ୍ନ
ସୁନ୍ଦରୀ ସ୍ନିଗ୍ଧ ସକାଳ ସ୍ୱରୂପ
ସତେବା ସଙ୍ଗିନୀ ମନ।
ଶୃଙ୍ଗାର ରସରେ ଶ୍ରୀମତୀ ରାଧିକା
ସୁଗନ୍ଧି ମଲ୍ଲି ପରସେ
ସଂଜମି ସଳିତା ସଜ୍ଜିତ କରଇ
ରଜନୀଗନ୍ଧାର ବାସେ।
ସଂଗିନୀ ସିନ୍ଦୁରା ସିଞ୍ଚିଣ ସିନ୍ଦୁର
ସରସୀ ଦେହରେ ଖେଳେ
ଶୁଭ୍ର ଶର୍ବରୀରେ ସୌନ୍ଦର୍ଯ୍ୟ ବିଛାଏ
ସୁଧାକର ତାରା ମେଳେ।
ସିଲିସିଲି ବାଆ ଶିହରିତ କଲା
ସୁଦେହ ସିକ୍ତ ଶରୀର
ସର୍ଜନ ଶୀଳତା ସଫଳ ନୋହିଲା
ଉଜାଗର ହେଲା ସାର।

ନୟାଗଡ଼
ଦୂରଭାଷ : ୯୪୩୭୬୪୨୯୪୭



## କୋଣାର୍କ କଲେଜରୁ ମହିଳା କିରାଣୀଙ୍କ ଅର୍ଥ ହରିଲୁଟ୍

# ବର୍ଷ ବର୍ଷ ଧରି ଚାଲିଥିବା ଠକାମୀର ଆଂଶିକ ପର୍ଦ୍ଦାଫାଶ

**କୋଣାର୍କ :** ଗତ ଡିସେମ୍ବର ମାସରେ ପ୍ରମୋଶନ ପାଇ କାକଟପୁର ମଙ୍ଗଳା ମହାବିଦ୍ୟାଳୟକୁ ବଦଳି ହୋଇଥିବା କୋଣାର୍କ ଭଗବତୀ ମହାବିଦ୍ୟାଳୟର ପୂର୍ବତନ କିରାଣି ଶିଳାକାର୍ତ୍ତି ପାତ୍ର ନକଲି ରସିଦ୍ କାଟି ଛାତ୍ରଛାତ୍ରୀମାନଙ୍କର ପ୍ରାୟ ୧୦ଲକ୍ଷ ଟଙ୍କା ହଡ଼ପ କରିଥିବା ଲୋକଲୋଚନକୁ ଆସିଛି। ସଂପ୍ରତି କୋଣାର୍କ କଲେଜରେ ଦାୟିତ୍ୱ ନିର୍ବାହ କରୁଥିବା ଅଧକ୍ଷ ଅବତାର ମିଶ୍ରଙ୍କ ନଜରକୁ ଏହି ଠକେଇ ମାମଲା ଆସିବା ପରେ ସେ ୨୦୧୭ମସିହାରୁ ୨୦୨୨ମସିହା ଡିସେମ୍ବର ମାସ ପର୍ଯ୍ୟନ୍ତ ମନି ରିସିପ୍ଟ ଯାଞ୍ଚ କରିବା ପାଇଁ ଏକ କମିଟି ଗଠନ କରିଛନ୍ତି। ଏ ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରାଥମିକ ଖବର ପ୍ରକାଶ ପରେ କିରାଣୀ ଶିଳାକାର୍ତ୍ତି ପାତ୍ର କଲେଜ୍ ଆକାଉଣ୍ଟରେ ୧ଲକ୍ଷ ୫୨ହଜାର ୯୦୭ଟଙ୍କା ଡିପୋଜିଟ୍ କରି ସହିତ ନିଜର ଦୋଷ ସ୍ୱୀକାର କରିଥିବା କୋଣାର୍କ କଲେଜ ଅଧକ୍ଷ ଅବତାର ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବିଂଗତ ଅଧାପକ ବିଜୟ ପାତ୍ରଙ୍କ ମୃତ୍ୟୁପରେ ତାଙ୍କ କନ୍ୟା ଶିଳାକାର୍ତ୍ତି ୨୦୧୪ ମସିହାରେ ଅନୁକମ୍ପାମୂଳକ ନିଯୁକ୍ତି ପାଇଥିଲେ। ବିଭିନ୍ନ ଶିକ୍ଷାବର୍ଷରେ ଶିଳାକାର୍ତ୍ତି ନକଲି ରସିଦ୍ ବ୍ୟବହାର କରି ଛାତ୍ରଛାତ୍ରୀମାନଙ୍କଠାରୁ ନାମଲେଖା, ପୁନଃ ନାମଲେଖା, ପରୀକ୍ଷା ଫର୍ମପୂରଣ



ନିମନ୍ତେ ଅର୍ଥ ଆଦାୟ କରି ହଡ଼ପ କରିଥିବା ଜଣାପଡିଛି। ଏହି ଠକାମୀର ଚିଠିନିଷ୍ଠ ଆକାଉଣ୍ଟ ଯାଞ୍ଚ କରୁଥିବା କମିଟିରେ କଲେଜର ଇଂରାଜୀ ଅଧାପକ ନୟନ କୁମାର ଦତ୍ତ, ଗଣିତ ଅଧାପକ ଅଶୋକ ଦେଇ, ଓଡ଼ିଆ ଅଧାପକ ଦୁର୍ଗାଚରଣ ମୁଦୁଲି ଓ କମର୍ସ ଅଧାପକ ସରୋଜ କୁମାର ଶତପଥୀ ରହିଛନ୍ତି। ପ୍ରତିବର୍ଷ ରସିଦରେ ଜାଲିଆତି କରାଯାଇ ପିଲାମାନଙ୍କଠାରୁ ଆଦାୟ କରାଯାଇଥିବା ଆକାଉଣ୍ଟ ଯାଞ୍ଚ କମିଟି ଅଧକ୍ଷ ନୟନ କୁମାର ଦତ୍ତ ଓ କଲେଜ ଅଧକ୍ଷ ଅବତାର ମିଶ୍ରଙ୍କଠାରୁ ସୂଚନା ମିଳିଛି। ସଂପ୍ରତି ୨୦୧୭ରୁ ୨୦୨୨ମସିହା ପର୍ଯ୍ୟନ୍ତ ବିଗତ ୫ବର୍ଷର ଅର୍ଥ ହେରଫେର ସଂପର୍କରେ ଯାଞ୍ଚ ଚାଲିଛି ଏବଂ ହଡ଼ପ ଅର୍ଥର ସଠିକ୍ ହିସାବ ମିଳିବା ପରେ ଅସାଧୁ କିରାଣୀ ଶିଳାକାର୍ତ୍ତିଙ୍କ ବିରୋଧରେ କୋଣାର୍କ ଥାନାରେ ଅପରାଧିକ ମାମଲା ଦାୟର କରାଯିବ ବୋଲି ଅଧକ୍ଷ ଶ୍ରୀ ମିଶ୍ର କହିଛନ୍ତି। +୩ ଛାତ୍ରଛାତ୍ରୀଙ୍କ ଦ୍ୱିତୀୟ ବର୍ଷ କଲେଜ୍ ଫିସ ବଦଳରେ ଯାହା ସଂପର୍କରେ ଅବଗତ କରାଯିବା ସମୟରେ ଛାତ୍ରଛାତ୍ରୀମାନେ କଲେଜ ଦେୟ ପୈଠ କରିସାରିଥିବା କହିଥିଲେ। ଏହାର ପ୍ରମାଣସ୍ୱରୂପ ଛାତ୍ରଛାତ୍ରୀମାନେ ଦେଖାଇଥିବା ରସିଦ୍ ନକଲି ବୋଲି ଜଣାପଡିବା ପରେ ଏହି ଠକାମୀର ପର୍ଦ୍ଦାଫାସ ହୋଇଛି। ପୂର୍ବତନ ତଥା ଅବସରପ୍ରାପ୍ତ ଅଧକ୍ଷ ବିଷ୍ଣୁଚରଣ ମିଶ୍ରଙ୍କ କାର୍ଯ୍ୟକାଳ ସମୟରେ ଏହି ଠକେଇ ଚରମସୀମାରେ ପହଞ୍ଚିଥିବା ଆକାଉଣ୍ଟସ ଯାଞ୍ଚ କମିଟି ସଦସ୍ୟଙ୍କଠାରୁ ସୂଚନା ମିଳିଛି। ୨୦୧୭ମସିହାରେ କଲେଜର ତତ୍କାଳୀନ ଅଧକ୍ଷା ବନ୍ଦନା ରାୟ କିରାଣୀ ଶିଳାକାର୍ତ୍ତିଙ୍କର ଏକ ଠକେଇ ମାମଲାକୁ ଧରିଥିଲେ। ସେକେଣ୍ଡ ସିଲେକ୍ସନରେ ଟିସିନେଇ ଅନ୍ୟ କଲେଜକୁ ନାମଲେଖା ନିମନ୍ତେ ଯାଉଥିବା ଜଣେ ଛାତ୍ରଙ୍କ ଅର୍ଥକୁ କଲେଜ୍ ଆକାଉଣ୍ଟ ଚେକରେ ନିଜ ନାମ ଲେଖି ଶିଳାକାର୍ତ୍ତି ହରିଲୁଟ୍ କରିବା ପାଇଁ ଯୋଜନା କରୁଥିବା ବେଳେ ଅଧକ୍ଷା ବନ୍ଦନା ରାୟଙ୍କ ହାତରେ ଧରା ପଡ଼ିଥିଲେ। ସେତେବେଳେ ନିଜର ଭୁଲ୍ ସ୍ୱୀକାର କରି ଅଧକ୍ଷାଙ୍କର ପାଦଧରି ଶିଳାକାର୍ତ୍ତି ବିଭାଗୀୟ କାର୍ଯ୍ୟାନୁଷ୍ଠାନରୁ ର୍ତ୍ତି ଯାଇଥିଲେ। କୋଣାର୍କ କଲେଜ ପ୍ରାରମ୍ଭରୁ ସରକାରୀ ଅନୁଦାନ ପାଇନଥିବା ସମୟରେ କାର୍ଯ୍ୟ କରିଥିବା ପୂର୍ବତନ ତଥା ଦିବଂଗତ ଅଧାପକ ବିଜୟ କୁମାର ପାତ୍ରଙ୍କର ରାସ୍ତା ଦୁର୍ଘଟଣାରେ ଅକାଳ ବିୟୋଗ ହୋଇଥିବାରୁ ତାଙ୍କ ପରିବାରକୁ କୋଣାର୍କବାସୀ ଅନୁଷ୍ଠ ଆର୍ଥିକ ସହଯୋଗ କରିଥିଲେ। ପରେ ୨୦୧୪ମସିହାରେ ସ୍ୱର୍ଗୀୟ ବିଜୟ ପାତ୍ରଙ୍କ କନ୍ୟା ଶିଳାକାର୍ତ୍ତିଙ୍କୁ ରିଗ୍ରିଜିଟେସନ ସ୍କିମରେ କନିଷ୍ଠ କିରାଣୀ ଚାକିରୀ ମିଳିଥିଲା। ତେବେ କୋଣାର୍କବାସୀଙ୍କ ଅନୁକମ୍ପାର ପ୍ରତିଦାନରେ ଗରିବ ଛାତ୍ରଛାତ୍ରୀଙ୍କ ଅର୍ଥହଡପ ଭଳି ଶିଳାକାର୍ତ୍ତିଙ୍କ ଏପରି ନିନ୍ଦନୀୟ କାର୍ଯ୍ୟକୁ ନେଇ ସାଧାରଣରେ ତର୍କ ଜୋର୍ ଧରିଛି। ଏହି ମହାଘୋଟାଲାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହିତ ଅର୍ଥ ହଡପକାରୀ କିରାଣୀ ଶିଳାକାର୍ତ୍ତିଙ୍କ ବିରୋଧରେ କଲେଜ ଅଧକ୍ଷ ତୁରନ୍ତ ଅପରାଧିକ ମାମଲା ଦାୟର କରିବାକୁ ଦାବି କରିଛି ପୁରାତନ ଛାତ୍ର ସଂଘ। କଲେଜର ପୁରାତନ ଛାତ୍ର ଭାଗିରଥି ସ୍ୱାଇଁ, ମନୋରଞ୍ଜନ ପଣ୍ଡା, ଏନ୍.ଏ.ଖାନ ଅନସାରୀ, ସ୍ୱାଧୀନ କୁମାର ନାୟକଙ୍କ ସମେତ ଶତାଧିକ ବ୍ୟକ୍ତି ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ବିଭାଗୀୟ ସଚିବ, ନିର୍ଦ୍ଦେଶକ ଓ ପୁରୀ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ପଠାଇ ସାତଦିନ ମଧ୍ୟରେ ଅସାଧୁ କିରାଣୀ ଶିଳାକାର୍ତ୍ତିଙ୍କୁ ନିଲମ୍ବନ କରିବା ସହିତ ଗିରଫଦାରୀ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରହସ୍ୟରେ ...

କ୍ରାଇମବ୍ରାଞ୍ଚ ନିଜେ ଦେଇଥିବା ତଥ୍ୟ ଅନୁସାରେ ନବ ଦାସଙ୍କୁ ଗୁଳି କରିବା ପରେ ଘଟଣାଦିନ ବ୍ରଜରାଜନଗର ଥାନାରେ କେସ୍ ନମ୍ବର ୩୪ରେ ଅଭିଯୁକ୍ତ ଗୋପାଳ ଦାସ ନାଁରେ ଆଇପିସିର ଧାରା ୩୦୭ (ଜଣେ ବ୍ୟକ୍ତିଙ୍କ ଦ୍ୱାରା ହତ୍ୟା ଉଦ୍ୟମ) ଓ ଆମର୍ସ ଆକ୍ଟ-୨୭(୧)ରେ ମାମଲା ପୋଲିସ ରୁଜୁ କରିଥିଲା। ଆଉ କ୍ରାଇମବ୍ରାଞ୍ଚ ଉକ୍ତ ଦିନ ହିଁ ଏହି ତଦନ୍ତକୁ ନିଜ ହାତକୁ ନେଇଥିଲେ ମଧ ୨୦୨୩ ମେ' ୨୪ତାରିଖରେ ଏହି ହତ୍ୟା ଘଟଣାରେ କ୍ରାଇମବ୍ରାଞ୍ଚ ଥାନାରେ ଆଇପିସି ଧାରା-୩୦୭,୩୦୨ ଓ ଆମର୍ସ ଆକ୍ଟ-୨୭(୧)ରେ ଚୂଡ଼ାନ୍ତ ମାମଲା ରୁଜୁ କରିଥିଲା। ଅର୍ଥାତ୍ ଏପ୍ରିଲ ୨୯ରୁ ମେ' ୨୪ ମଧ୍ୟରେ କ୍ରାଇମବ୍ରାଞ୍ଚ ଯାହାବି ତଦନ୍ତ କରିଥିଲା ସେଥିରେ କେବଳ ଆଇପିସିର ଗୋଟିଏ ଧାରା-୩୦୨ (ହତ୍ୟା)କୁ ସାମିଲ କରାଇଥିଲା। ୧୦ଟି ତଦନ୍ତକାରୀ ଟିମ୍ ଝାରସୁଗୁଡ଼ା, ଭୁବନେଶ୍ୱର, ବ୍ରହ୍ମପୁରଠୁ ଆରମ୍ଭ କରି ବିଭିନ୍ନ ସ୍ଥାନକୁ ଯାଇ ତଦନ୍ତ କରିଥିଲେ ମଧ୍ୟ ସାଧାରଣ ଲୋକ, ବିରୋଧୀ ଦଳ, ନବଙ୍କ ସମ୍ପର୍କୀୟ ଦାଦା ଏହି ହତ୍ୟା ପଛରେ ଷଡ଼ଯନ୍ତ୍ର ରହିଥିବା ନେଇ ଯାହା ସନ୍ଦେହ କରୁଥିଲେ ତାକୁ ଦୂର ପାଇଁ କ୍ରାଇମବ୍ରାଞ୍ଚ ସାମାନ୍ୟତମ ଆଗ୍ରହ ଦେଖାଇନାହିଁ। କ୍ରାଇମବ୍ରାଞ୍ଚ ନିଜର ୧୦ଟି ତଦନ୍ତକାରୀ ଟିମ୍ ଲଗାଇ ୮୯ଜଣ ସାକ୍ଷୀଙ୍କ ବୟାନକୁ ରେକର୍ଡ କରିବା ସହ ଏ ସଂକ୍ରାନ୍ତରେ ମୌଖିକ, ମେଡିକାଲ ରିପୋର୍ଟ, ସାଇବର ଫୋରେନ୍ସିକ ଓ ବାଲାଷ୍ଟିକ ରିପୋର୍ଟ, ଦସ୍ତାବିଜ ସହ ପଲିଗ୍ରାଫ ଓ ନାର୍କୋ ଟେଷ୍ଟ, ଏଲଭିଏ ଟେଷ୍ଟ, ଫାରୋ କ୍ୟାମେରାରେ ରେକର୍ଡିଂ ଆଦି ଅତ୍ୟାଧୁନିକ ତଦନ୍ତ କୌଶଳ ଆପଣାଇଥିଲେ ମଧ ଆଶ୍ଚର୍ଯ୍ୟଜନକ ଭାବେ ହତ୍ୟା ପଛର ରହସ୍ୟକୁ ଉନ୍ମୋଚନ କରିବାରେ ସଫଳ ହୋଇନି। କ୍ରାଇମବ୍ରାଞ୍ଚର ତଦନ୍ତ କେବଳ ଗୋପାଳ ମଧ୍ୟରେ ସୀମିତ ରହିଥିଲା। ନବଙ୍କ ରାଜନୀତିକ ଓ ବ୍ୟବସାୟିକ ଅସହିଷ୍ଣୁତାର ଦିଗକୁ କ୍ରାଇମବ୍ରାଞ୍ଚ କାହିଁକି ତଦନ୍ତ ପରିସରଭୁକ୍ତ କଲାନି, ଆଉ ପଶ୍ଚିମଓଡ଼ିଶାର ଯେଉଁ ବିଜେଡି ବିଧାୟକଙ୍କ ନାଁ ହତ୍ୟା ପଛରେ ରହିଥିବା ନେଇ ବିରୋଧୀଙ୍କଠୁ ଆରମ୍ଭ କରି ନବଙ୍କ ସମର୍ଥକମାନେ ଅଭିଯୋଗ କରୁଥିଲେ ତାଙ୍କୁ କିମ୍ବା ତାଙ୍କ ଗଡ଼ଫାଦରଙ୍କୁ ନଛୁଇଁବା ହିଁ ଖୋଲାଖୋଲି ଭାବେ କ୍ରାଇମବ୍ରାଞ୍ଚ ଉପରେ ଆରମ୍ଭରୁ ଚାପ ଥିବା ସ୍ପଷ୍ଟ ହୋଇଛି। ବ୍ରଜରାଜନଗର ଥାନା ଓ କ୍ରାଇମବ୍ରାଞ୍ଚ ଥାନାରେ ଯେଉଁ ସବୁ ଧାରାରେ ମାମଲା ରୁଜୁ ହୋଇଛି ସେଥିରେ ଷଡ଼ଯନ୍ତ୍ରର ଦିଗ ସମ୍ପର୍କରେ ସାମାନ୍ୟତମ ଉଲ୍ଲେଖ ନାହିଁ। ନବଙ୍କ ହତ୍ୟା ପଛରେ ଷଡ଼ଯନ୍ତ୍ର ରହିଛି କି ନାହିଁ ସେ ଦିଗରେ କାହିଁକି କ୍ରାଇମବ୍ରାଞ୍ଚ ତଦନ୍ତ କଲାନି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଉଭୟ ଲିଖିତ ଭାବେ ନବ ଦାସ ହତ୍ୟା ପଛରେ ଯଦି ଷଡ଼ଯନ୍ତ୍ର ଥାଏ ତା'ହେଲେ ତା'ର ତଦନ୍ତ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ତା' ସତ୍ତ୍ୱେ କ୍ରାଇମବ୍ରାଞ୍ଚ ଏହି ହତ୍ୟା ପଛର ଷଡ଼ଯନ୍ତ୍ରର ତଦନ୍ତ ନକରି 'ଷଡ଼ଯନ୍ତ୍ର ନାହିଁ' ବୋଲି କିଭଳି ଏତେ ଦମ୍ଭୋକ୍ତି ବାଢ଼ିଲା, ଯାହାକି ଦାଖଲ ହୋଇଥିବା ଚାର୍ଜସିଟ୍ ଓ ଲାଗିଥିବା ଦଫାରୁ ସ୍ପଷ୍ଟ ହେଉଛି। କେବଳ ସେତିକି ନୁହେଁ କ୍ରାଇମବ୍ରାଞ୍ଚ ଅତନ୍ତ ଚତୁରତାର ସହ ଗୋପାଳକୁ ଖସାଇବା ପାଇଁ ମାର୍ଗ ପ୍ରଶସ୍ତ କରିଛି। ନବ ଓ ତାଙ୍କ ସମର୍ଥକଙ୍କ ଆଡୁ ତା' ଜୀବନ ପ୍ରତି ବିପଦ ଥିବା ଧାରଣା କରି ଗୋପାଳ ଏଭଳି ହତ୍ୟା କରିଛି। ଅର୍ଥାତ୍ କ୍ରାଇମବ୍ରାଞ୍ଚ ପରୋକ୍ଷରେ ଗୋପାଳ ନିଜର ଆତ୍ମରକ୍ଷା ପାଇଁ ଆଗୁଆ ନବଙ୍କୁ ହତ୍ୟା କରିଥିବା ନେଇ କହିବାକୁ ପଛାଇ ନାହିଁ। ବିରୋଧୀ ଦଳ ଓ ସାଧାରଣ ଲୋକଙ୍କ ଚାପରେ ଗୋପାଳକୁ ମାନସିକ ରୋଗୀ ଦର୍ଶାଇ ନଥିଲେ ବି ଏହି 'ଆତ୍ମରକ୍ଷା ପାଇଁ ହତ୍ୟା' କଥା ଉଲ୍ଲେଖ କରିଥିବାରୁ ତାହା ଗୋପାଳକୁ କୋର୍ଟରେ ଖଲାସ କରାଇବାରେ ସକ୍ଷମ ହେବ। ଏହାସହିତ ଷଡ଼ଯନ୍ତ୍ର ସମ୍ପର୍କରେ କ୍ରାଇମବ୍ରାଞ୍ଚ କୌଣସି ତଦନ୍ତ କରିନଥିବାରୁ ସେ ଦିଗ ସବୁଦିନ ପାଇଁ ରହସ୍ୟାବୃତ ହୋଇ ରହିଯିବ।

### ମଦକୁ ହଁ ...

ଶୈବପୀଠରେ ଗଞ୍ଜେଇ ନିଷେଧକୁ ମୁଁ ସ୍ୱାଗତ କରୁଛି। ଗଞ୍ଜେଇ ସେବନ ଦ୍ୱାରା ମଣିଷ ରୋଗାଗ୍ରସ୍ତ ହୁଏ। ଏହା ଟାଣିବା ଅନୁଚିତ। ଗଞ୍ଜେଇ ଟାଣିବା ଦ୍ୱାରା ଯୁବପିଢ଼ି ବେମାରିଆ, ଅଳ୍ପ ଆୟୁଷ ହେଉଛନ୍ତି। ଶିବଙ୍କ ଭୋଗରେ ଭାଙ୍ଗ ପଡେ, ଗଞ୍ଜେଇ ପଡେ ବୋଲି ମୁଁ ଜାଣିନି। ଏହାକୁ ନେଇ ଆଖଣ୍ଡଳମଣୀ ମନ୍ଦିରର ମୁଖ୍ୟ ପୂଜକ କହିଛନ୍ତି, ବାବା ଆଖଣ୍ଡଳମଣୀଙ୍କ ପୀଠରେ ଘର୍ଷଣ ପରମ୍ପରା ରହିଛି। ସେଥିରେ ଦଧି, ଘୃତ, ମଧୁ, ସର୍କରା ଓ ବିଭିନ୍ନ ଫଳମୂଳ ସହ ଟିକିଏ ଗଞ୍ଜେଇ ପଡିଥାଏ। ଏହା ହେଉଛି ଶହ ଶହ ବର୍ଷର ପରମ୍ପରା। ଏହା ପ୍ରଭୁଙ୍କ ପାଖରେ ଲାଗିହୁଏ। କଥା ଉଠୁଛି ଯଦି ବାବା ବଳିଆଙ୍କ ପରାମର୍ଶରେ ରାଜ୍ୟର ଶୈବପୀଠ ମାନଙ୍କରେ ଗଞ୍ଜେଇ ସେବନ ନିଷେଧ କରାଯାଉଛି ତେବେ ନିକଟରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଥିବା କଥା - 'ଓଡ଼ିଶା ହେଉ ନିଶାମୁକ୍ତ' ଏହାକୁ ପାଳନ କରିବେ କି ରାଜ୍ୟ ସରକାର? ତେବେ ରାଜ୍ୟରେ ଆଉ ନୂଆ ମଦ ଦୋକାନ ଖୋଲିବ ନାହିଁ ବୋଲି ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ସରକାର ଅବକାରୀ ନୀତି ଆଣିଛନ୍ତି। ଏଥିରେ ମୁଖ୍ୟତଃ ତିନିଟି ଦିଗ ଯଥା- ଆର୍ଥିକ, ସାମାଜିକ ଏବଂ ଦାୟିତ୍ୱବୋଧକୁ ଗୁରୁତ୍ୱ ଦିଆଯାଇଛି। ମଦ୍ୟପାନ ଜନିତ ସ୍ୱାସ୍ଥ୍ୟ ଅପକାରିତା ସମ୍ପର୍କରେ ସଚେତନତା ସୃଷ୍ଟି ସହିତ ଦାୟିତ୍ୱବୋଧ ଜାଗରଣ ଦିଗରେ ଅବକାରୀ ବିଭାଗ କାର୍ଯ୍ୟ କରିବ ବୋଲି କୁହାଯାଇଛି।

### ଫୋକସରେ ...

ଲୋକସଭା ନିର୍ବାଚନ ହେଲେ ତାହା ତାଙ୍କ ଦଳ ବିଜେଡି ନିମନ୍ତେ ମହଙ୍ଗା ସାବ୍ୟସ୍ତ ହେଉଛି। ଦଳର ସମ୍ପୂର୍ଣ୍ଣ ଫୋକସ୍ ବିଧାନସଭା ଆସନ ଉପରେ ରହୁଥିବା ତଥା ବିଧାୟକ ଓ ନେତାମାନେ ବିଧାନସଭା ନିର୍ବାଚନ ଜିତିବା ଉପରେ ଗୁରୁତ୍ୱ ଦେଉଥିବାରୁ ଲୋକସଭା ନିର୍ବାଚନରେ ଦଳକୁ କ୍ଷତି ସହିବାକୁ ପଡୁଛି। ତେଣୁ ଦଳ ଗତ କିଛିମାସ ଧରି ଆଗୁଆ ନିର୍ବାଚନ ପାଇଁ ନିଜକୁ ପ୍ରସ୍ତୁତି କରିବାରେ ଲାଗିଛି। ଅବଶ୍ୟ ମୁଖ୍ୟ ବିରୋଧୀ ଦଳ ବିଜେପିର ବରିଷ୍ଠ ନେତାମାନେ ଓଡ଼ିଶାରେ ଆଗୁଆ ବିଧାନସଭା ନିର୍ବାଚନ ପାଇଁ ନବୀନ ସଜବାଜ ହେଉଥିବା ନେଇ ଗଣମାଧ୍ୟମରେ ବୟାନ ଦେଇସାରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନରେ ୧୪୭ ଆସନ ବିଶିଷ୍ଟ ବିଧାନସଭାରେ ବିଜେଡିକୁ ୧୧୨ଟି ସିଟ୍ ମିଳିଥିଲା। କିନ୍ତୁ ସମାନୁପାତରେ ଲୋକସଭା ଆସନ ଜିତିବାରେ ବିଜେଡି ସକ୍ଷମ ହୋଇନଥିଲା। ଦଳକୁ ମାତ୍ର ୧୨ଟି ଲୋକସଭା ଆସନରେ ସୀମିତ ହେବାକୁ ପଡ଼ିଥିଲା। ଯଦିଓ ବିଜେପିକୁ ମାତ୍ର ୨୩ଟି ବିଧାନସଭା ଆସନ ମିଳିଥିଲା, କିନ୍ତୁ ବିଜେପି ୮ଟି ଲୋକସଭା ଆସନ ଜିଣିବାରେ ସଫଳ ହୋଇଥିଲା। କଂଗ୍ରେସ ୯ଟି ବିଧାନସଭା ଓ ୧ଟି ଲୋକସଭା ସିଟ୍ ଜିତିଥିଲା। ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ନବୀନ ଆଗୁଆ ବିଧାନସଭା ନିର୍ବାଚନ କରାଇ ରାଜ୍ୟରେ ଉଭୟ ବିଧାନସଭା ଓ ଲୋକସଭା ସିଟଗୁଡ଼ିକ ଉପରେ ନିଜର ଏକଚାଟିଆ ପ୍ରଭାବ ବିସ୍ତାର କରିବାକୁ ଯୋଜନା କରିଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ଅବସରେ ବିଜେଡି ଆଗାମୀ ନିର୍ବାଚନରେ ଏକାକୀ ଲଢ଼ିବ ଓ ତୃତୀୟ ସାମ୍ମୁଖ୍ୟରେ ସାମିଲ ହେବନି ବୋଲି କହି ଆଭିମୁଖ୍ୟ ସ୍ପଷ୍ଟ କରିସାରିଛନ୍ତି। ବିଜେଡିର ଏଭଳି ଆଭିମୁଖ୍ୟ ପରୋକ୍ଷରେ ବିଜେପି ପାଇଁ ସହାୟକ ହେଉଥିବାରୁ ନବୀନଙ୍କ ଆଗୁଆ ନିର୍ବାଚନ ଯୋଜନାରେ କେନ୍ଦ୍ର ସରକାର ବିଶେଷ ସମସ୍ୟା ସୃଷ୍ଟି କରିବେ ନାହିଁ ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି।

### ଜୁନ୍‌ରେ ...

ସମ୍ଭାବନା ନାହିଁ। ଆକଳନ ଅନୁସାରେ ମୌସୁମୀ ଚଳିତ ବର୍ଷ ସ୍ୱାଭାବିକ ରହିବ। ତେବେ ଉତ୍ତର ପଶ୍ଚିମ ଭାରତରେ ମୌସୁମୀ ସ୍ୱାଭାବିକ ଠାରୁ କମ ବର୍ଷିବ। ଆସନ୍ତା ଗୋଟିଏ ସପ୍ତାହ ଯାଏ ଆରବ ସାଗରରେ କୌଣସି ବାତ୍ୟାର ସଙ୍କେତ ନାହିଁ। ପଶ୍ଚିମା ଝଡ଼ ଯୋଗୁ ଏବେ ଭାରତର ଉତ୍ତର ଭାଗରେ ବର୍ଷା ହେଉଛି। ପବନ ମଧ ବୋହୁଛି। ଯଦି ଏଭଳି ପାଗ ରହିଲା, ତା'ହେଲେ ମୌସୁମୀ ସକ୍ରିୟ ହେବାରେ କୌଣସି ଅସୁବିଧା ନାହିଁ। ବରଂ ଏହା ମୌସୁମୀ ଗତିକୁ ତୀବ୍ର କରିବ। ଉତ୍ତର ପଶ୍ଚିମ ଭାରତରେ ୯୨%ରୁ କମ ବର୍ଷାର ଆକଳନ କରାଯାଇଥିବା ବେଳେ ଭାରତର ଅନ୍ୟ ୩ ପ୍ରାନ୍ତରେ ୯୪%ରୁ ୧୦୪% ମଧ୍ୟରେ ବର୍ଷା ହେବ। ଏହାର ଅର୍ଥ ଏଠାରେ ସ୍ୱାଭାବିକ ବର୍ଷା ହେବ। ମୌସୁମୀ ଯୋଗୁ ଦକ୍ଷିଣ ଭାରତର ଅଧିକାଂଶ ସ୍ଥାନରେ ସ୍ୱଭାବିକ ଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଏହାବାଦ ପୂର୍ବ କେନ୍ଦ୍ରୀୟ ଭାରତର କିଛି ଅଂଶ ଓ ଉତ୍ତର ପୂର୍ବ ଓ ଅତ୍ୟନ୍ତ ଉତ୍ତରରେ ଥିବା କିଛି ଅଞ୍ଚଳରେ ମଧ ସ୍ୱାଭାବିକ କିମ୍ବା ତା'ଠାରୁ ଅଧିକ ବର୍ଷା ହେବ। ଜୁନରେ ମୌସୁମୀ କେରଳ ଛୁଇଁବାର ସମ୍ଭାବନା ଥିଲେ ହେଁ ଦେଶର ଅଧିକାଂଶ ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକ ଠାରୁ ଅଧିକ ରହିବ। ତେବେ ଅତ୍ୟନ୍ତ ଉତ୍ତର ଓ ଦକ୍ଷିଣ ଭାରତର ପର୍ବତ ସଲଗ୍ନ ଅଞ୍ଚଳରେ ତାପମାତ୍ରା କମ ରହିବ ବୋଲି ବିଭାଗ ପୂର୍ବାନୁମାନ କରିଛି।

### ତୁରନ୍ତ ଗୃହ ...

ଦକ୍ଷତା ରିପୋର୍ଟ ସମୀକ୍ଷା କରାଯାଉଛି କିନ୍ତୁ ଗୃହ ବିଭାଗ ଦାୟିତ୍ୱରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟ ସମୀକ୍ଷା କରୁଛି କିଏ? ରାଜ୍ୟରେ ବଢୁଥିବା ଅପରାଧ ରୋକିବାରେ ପୋଲିସର ବିଫଳତା ଯୋଗୁଁ ମୁଖ୍ୟମନ୍ତ୍ରୀ ନିଜ ଅଧିନରେ ଥିବା ଗୃହବିଭାଗ ଛାଡିଦେଇ ଅନ୍ୟ କାହାକୁ ଦାୟିତ୍ୱ ଦେବା ଉଚିତ ବୋଲି ଶ୍ରୀ ମହାପାତ୍ର ଦାବି କରିଛନ୍ତି। ସେହିପରି ରାଜଧାନୀର ୟୁନିଟ୍-୧ ଅଞ୍ଚଳରେ ଘଟିଥିବା ହତ୍ୟାକାଣ୍ଡକୁ ଯଦି ସମୀକ୍ଷା କରାଯାଏ ତାହେଲେ ରାଜ୍ୟରେ ଆଇନର ଶାସନ ନଥିବା ସ୍ପଷ୍ଟ ହେଉଛି। ହତ୍ୟାର ଶିକାର ହୋଇଥିବା ମୃତବ୍ୟକ୍ତି ନିଜର ଝିଆରୀ ପ୍ରତି ହୋଇଥିବା ଅସଦାଚରଣ ସମ୍ପର୍କରେ ଗତ ଏପ୍ରିଲ ୨୬ରେ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ କ୍ୟାପିଟାଲ ଥାନାରେ ଏତଲା ଦେଇଥିଲେ। ସେହି ମାମଲା କ୍ରମେ ଥାନାରେ କେଶ ନଂ ୨୬୨/୨୩ ପଞ୍ଜିକୃତ ହୋଇଛି। କ୍ୟାପିଟାଲ ପୋଲିସ ଘଟଣାକୁ ଚପାଇଦେବାର ଉଦ୍ୟମକୁ ବିରୋଧ କରି ମୃତବ୍ୟକ୍ତିଙ୍କ ପରିବାର ଡିସିପିଙ୍କୁ ମଧ ଅଭିଯୋଗ କରିଥିଲେ। ନ୍ୟାୟ ପାଇବା ଓ ସୁରକ୍ଷା ପାଇଁ ପୋଲିସର ଆଶ୍ରୟ ଦେଇଥିବା ଲୋକଙ୍କୁ ହତ୍ୟାର ଶିକାର ହେବାକୁ ପଡୁଛି। କ୍ୟାପିଟାଲ ଥାନା ଅଧିକାରୀଙ୍କ ସମେତ କମିଶନରେଟ ପୋଲିସର ଅଭିଯୁକ୍ତମାନଙ୍କ ପ୍ରତି କୋହଳ ମନୋଭାବ ଏ ହତ୍ୟାକାଣ୍ଡର କାରଣ ହୋଇପାରେ। ଅସଦାଚରଣ ମାମଲାର ଠିକ୍ ମାସେ ଭିତରେ ସେହି ଅଭିଯୁକ୍ତମାନେ ପିଡୀତା ପରିବାର ସଦସ୍ୟଙ୍କୁ ହତ୍ୟା କରିଛନ୍ତି। ହତ୍ୟାକାଣ୍ଡ ଘଟିଥିବା ୨୦୦ମିଟର ଦୂରତାରେ ପୋଲିସ କମିଶନର, ପୋଲିସ ଡିଜି ଓ କ୍ୟାପିଟାଲ ଥାନା ରହିଛି। ଏଇଠୁ ସ୍ପଷ୍ଟ ଅନୁମେୟ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି କେତେ ବିପର୍ଯ୍ୟସ୍ତ। ଯଦି ରାଜ୍ୟରେ ଉତରଦାୟୀ ସରକାର ଚାଲିଛି ତା'ହେଲେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯାଉ ଓ ପୋଲିସ ଅଧିକାରୀଙ୍କ ବିରୁଦ୍ଧରେ ତୁରନ୍ତ ଫୌଜଦାରୀ ମାମଲା ରୁଜୁ କରି ତାଙ୍କୁ ଚାକିରୀରୁ ବହିଷ୍କାର କରିବାକୁ ଶ୍ରୀ ମହାପାତ୍ର ଦାବି କରିଛନ୍ତି।

### ଆଗ ସ୍ଲଟ୍ ବୁକିଂ ...

ଆଗୁଆ ସ୍ଲଟ୍ ବୁକିଂ କରିବାକୁ ପଡ଼ିବ। ସ୍ଲଟ୍‌ରେ ମିଳିଥିବା ସମୟ ଅନୁସାରେ ଜମି ପଞ୍ଜୀକରଣ ହେବ। ଅନଲାଇନ୍‌ରେ ପୂର୍ବରୁ ପଞ୍ଜୀକରଣ କରି ସ୍ଲଟ୍ ନେଇ ନଥିଲେ ଜମି କିଣାବିକା ପାଇଁ ଅନୁମତି ମିଳିବ ନାହିଁ। ବିଶେଷ କ୍ଷେତ୍ରରେ ଅନଲାଇନ୍‌ରେ ପଞ୍ଜୀକରଣ କରାଇ ତତ୍କାଳ ସୁବିଧା ବା ସ୍ଲଟ୍ ଦିଆଯିବାର ବ୍ୟବସ୍ଥା ବି ରହିବ ବୋଲି ଆଇଜିଆରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏଭଳି ନିୟମ କାର୍ଯ୍ୟକାରୀ କରିବାରେ ଓଡ଼ିଶା ପ୍ରଥମ ରାଜ୍ୟ ହେବାକୁ ଯାଉଛି। ଅନ୍ୟପଟେ ଜଣେ ବ୍ୟକ୍ତି ବିଶ୍ୱର ଯେକୌଣସି ସ୍ଥାନରେ ଥିଲେ ବି ତାର ଜମିଜମା କିଣାବିକା ପଞ୍ଜୀକରଣ ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ନାମ ପଞ୍ଜୀକରଣ କରି ସ୍ଲଟ ନେଇପାରିବେ। ମିଳିଥିବା ସ୍ଲଟ୍ ଅନୁଯାୟୀ ସେହି ନିର୍ଦ୍ଦିଷ୍ଟ ଦିନ ବା ସମୟରେ ସବ ରେଜିଷ୍ଟ୍ରାର ଅଫିସ ଆସି ସେମାନଙ୍କ ପଞ୍ଜୀକରଣ କରାଇପାରିବେ। ଅନ୍‌ଲାଇନ୍ ବ୍ୟବସ୍ଥାରେ ପଞ୍ଜୀକରଣ କରୁଥିବା ବ୍ୟକ୍ତିଙ୍କ ସଂପର୍କରେ ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରିବାକୁ ପର୍ଯ୍ୟାପ୍ତ ସମୟ ପାଇବେ। ଫଳରେ ଜାଲିଆତି କରି ଜମି କିଣାବିକା ଉପରେ ମଧ ଏହାଦ୍ୱାରା ଅଙ୍କୁଶ ଲାଗି ପାରିବ। ହେଲେ ଗେଜେଟ୍ ନୋଟିଫିକେସନ ଅନୁସାରେ ଜାଲିଆତି ଉପରେ ରୋକ ଲାଗିବ କିପରି ଏନେଇ କିଛି ସ୍ପଷ୍ଟ ଚିତ୍ର ନାହିଁ। ଜନୈକ ବ୍ୟକ୍ତି ଏହାକୁ ନେଇ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିବା ବିଶେଷ ସୂତ୍ରରୁ ଜାଣିବାକୁ ମିଳିଛି। ଏହାର ରାୟ ଏପର୍ଯ୍ୟନ୍ତ ପ୍ରକାଶ ପାଇନଥିଲା ବେଳେ ଜୁନ୍ ୨୮ରେ ଡବଲ ବେଞ୍ଚରେ ଶୁଣାଣି ହେବ। ଯାହା ଶୁଣିବାକୁ ମିଳୁଛି ସ୍ଲଟ୍ ବୁକିଂ ସହିତ ସମାନ ଭାବେ ସବ୍‌ରେଜିଷ୍ଟ୍ରାର ଚାହିଁଲେ ଜଣେ ବ୍ୟକ୍ତିଙ୍କୁ ଜରୁରୀକାଳୀନ ମାନୁଆଲ ଭାବେ ଜମି ପଞ୍ଜିକରଣ କରାଇପାରିବେ। ତେଣୁ ଗେଜେଟ୍ ନୋଟିଫିକେସନ ପରେ ଜମି କିଣାବିକାକୁ ନେଇ ଦ୍ୱନ୍ଦ୍ୱ ଦୂର ହୋଇନାହିଁ।

### 'ନବୀନଙ୍କ ଦୀର୍ଘବର୍ଷ ...

ମାନ୍ୟବର ହାଇକୋର୍ଟଙ୍କୁ ଜଣାଇଛନ୍ତି ଯେ ଓଡ଼ିଶା ମେଡିକାଲ ସ୍ୱାସ୍ଥ୍ୟ ସେବାରେ ସାଧାରଣ ଡାକ୍ତର ଏବଂ ସ୍ପେସାଲିଷ୍ଟଙ୍କ ପାଇଁ ୮୫୪୬ଟି ପଦବୀ ରହିଛି। ସେଥିରୁ ୫୮୩୮ ସାଧାରଣ ମେଡିକାଲ ଅଫିସର ପଦବୀ ରହିଛି ଯେଉଁଥିରୁ ୩୫୨୩ଟି ଖାଲି ପଡ଼ିଛି। ଏତଦ୍‌ଭିନ୍ନ ସ୍ପେସାଲିଷ୍ଟଙ୍କ ପାଇଁ ୨୭୦୮ ଟି ପଦବୀ ରହିଛି ଯେଉଁଥିରୁ ୧୨୧୧ ଟି ଖାଲି ପଡ଼ିଛି। ଏଠାରେ ପ୍ରକାଶଯୋଗ୍ୟ ଯେ ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ଉତର ରଖିଛନ୍ତି ଯେ ଓଡ଼ିଶାର ଡାକ୍ତରଖାନା ମାନଙ୍କରେ ସମୁଦାୟ ୩୬ ହଜାର ପଦବୀ ଖାଲି ପଡ଼ିଛି। କିନ୍ତୁ ସିଏଚସି ଷ୍ଟାଣ୍ଡାର୍ଡ ଅନୁସାରେ ୫୬ ହଜାର ପଦବୀ ଖାଲିପଡ଼ିଛି ବୋଲି ଜଣାପଡ଼ିଛି। ଶ୍ରୀ କାନୁନଗୋ ପ୍ରଶ୍ନ ଉଠାଇଛନ୍ତି ଯେ ୨୦୦୭ ମସିହାରେ ତତ୍‌କାଳନୀ ସ୍ୱାସ୍ଥ୍ୟମନ୍ତ୍ରୀ ଦୁର୍ଯ୍ୟୋଧନ ମାଝୀ ସାରା ଓଡ଼ିଶାରେ ନକଲି ଔଷଧ ବ୍ୟାପିଗଲାଣି ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ପରେ ୬ ମାସ ଭିତରେ ତାଙ୍କର ମନ୍ତ୍ରୀପଦ ଚାଲିଯାଇଥିଲା। ସେ ପ୍ରଶ୍ନର ଉତର ଆଜି ମଧ ସମାଧାନ ହୋଇପାରିନାହିଁ। ଆଜିବି କଟକ, ଭୁବନେଶ୍ୱର ଏବଂ ଅନ୍ୟାନ୍ୟ ସହରରେ ଔଷଧ ଦୋକାନମାନଙ୍କରେ ନକଲି ଔଷଧର କାରବାର ଜାରି ରହିଛି। ଏ ସଂପର୍କରେ ରାଜ୍ୟ ସରକାରଙ୍କର ପଦକ୍ଷେପ ନାମକୁ ମାତ୍ର। କରୋନା ସମୟରେ ମାସ୍କ, ପିପି କିଟ ଠାରୁ ଆରମ୍ଭ କରି ଯାହାସବୁ ସରଞ୍ଜାମ ସରକାର କ୍ରୟ କରିଥିଲେ ସେଥିରେ ମଧ ଯେଉଁ ବ୍ୟାପକ ଦୁର୍ନୀତି ହୋଇଥିବାର ଅଭିଯୋଗ ହୋଇଥିଲା ତାହାର ତଦନ୍ତ ମଧ ବାଟବଣା କରିଦିଆଗଲା। ଅନ୍ୟ ପକ୍ଷରେ ସାରା ରାଜ୍ୟରେ ଡାକ୍ତର ଏବଂ ଅନ୍ୟାନ୍ୟ ପାରାମେଡିକାଲ ଷ୍ଟାଫଙ୍କର ଘୋର ଅଭାବ ମଧ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ପରିସ୍ଥିତି ଦେଇ ଗତିକରୁଛି। ରାଜ୍ୟରେ ୪୫ ହଜାରରୁ ଅଧିକ ପାରାମେଡିକାଲ ଷ୍ଟାଫ ଏବଂ ନର୍ସିଂ ପଦବୀ ବର୍ଷ ବର୍ଷ ଧରି ଖାଲି ରହିଛି। ଏଥିରୁ ରାଜ୍ୟବାସୀ ଜାଣିପାରୁଥିବେ କିଭଳି ଭାବରେ ଏବଂ କେଉଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଓଡ଼ିଶାବାସୀଙ୍କୁ ମିଳୁଛି। ଯେଉଁ ଯନ୍ତ୍ରାଂଶ ଗୁଡିକୁ କିଣା ହୋଇଛି ଷ୍ଟାଫ ଅଭାବରୁ ତାହା ଖତ ଖାଉଛି। ୨୩ ବର୍ଷରେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ପଦବୀ ପୂରଣ କରିପାରିନଥିବା ଓଡ଼ିଶା ସରକାର ଡିସେମ୍ବର ସୁଦ୍ଧା କିଭଳି ସମସ୍ତ ଡାକ୍ତରପଦବୀ ପୂରଣ କରିବେ ବୋଲି ଦୃଢ଼ୋକ୍ତି କଲେ ତାହା ଆଶ୍ଚର୍ଯ୍ୟର ବିଷୟ। ସୁତରାଂ ନବୀନ ସରକାରରେ ଓଡ଼ିଶାର ଲୋକେ ନିମ୍ନତମ ସ୍ୱାସ୍ଥ୍ୟ ସେବା ପାଇବାରୁ ବଂଚିତ ବୋଲି ଏକଥା ଆଉ କାହାକୁ ଅଛପା ନାହିଁ। ରାଜ୍ୟରେ ୨୩ ବର୍ଷ ଭିତରେ କେତୋଟି ନୂଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଉପଖଣ୍ଡ ଡାକ୍ତରଖାନା କରାଯାଇଛି ତାହାର ଦୟାକରି ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ଏକ ତାଲିକା ରାଜ୍ୟବାସୀଙ୍କ ସାମନାରେ ରଖିବେକି ବୋଲି ଶ୍ରୀ କାନୁନଗୋ ପ୍ରଶ୍ନ କରିଛନ୍ତି। ଆଜିବି ଭାରରେ ରୋଗୀ ବୁହା ହଉଛନ୍ତି ଏବଂ ଦାନ ମାଝୀର ଉଦାହରଣ ପ୍ରତିଦିନ ରହିଛି। ତେବେ ସ୍ୱାସ୍ଥ୍ୟ ସେବାର ସୁଧାର କେଉଁଠି ହୋଇଛି ବୋଲି ଶ୍ରୀ କାନୁନଗୋ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ମନୋରଞ୍ଜନ ଦାଶ, ପିସିସି ସାଧାରଣ ସମ୍ପାଦକ ପ୍ରକାଶ ମିଶ୍ର ଓ ମୁଖପାତ୍ର ପ୍ରଶାନ୍ତ ଶତପଥି ଉପସ୍ଥିତ ଥିଲେ।

### ୨ ହଜାର ଟଙ୍କିଆ ...

***ଶୀଳଭଦ୍ର ଶାସ୍ତ୍ରୀ...***

୧୦୦୦ ଟଙ୍କିଆ ନୋଟ ଧରି ବଦଳ କରିବାକୁ ଏ ବ୍ୟାଙ୍କରୁ ସେ ବ୍ୟାଙ୍କ ଧାଇଁଲେ,ଆଉ କିଛି କମିସନି କାରବାର କଲେ ତ ଆଉ କିଏ ବ୍ୟାଙ୍କ ଧାଡିରେ ଠିଆ ହୋଇ ରୋଜଗାର କଲେ। ଏଥିରୁ ସରକାର ବା ଜନ ସାଧାରଣଙ୍କର କଣ ଉପକାର ହେଲା ଏପର୍ଯନ୍ତ ବୋଧଗମ୍ୟ ହେଲା ନାହିଁ। ବରଂ ପୁଞ୍ଜିପତି, କଳା ଟଙ୍କା ବାଲା, ରାଜନୈତିକ ଲୋକ ଏବଂ ଦଳ ପାଇଁ ୨୦୦୦ ଟଙ୍କିଆ ନୋଟ ଏକ ଐଶ୍ୱରିକ ଆଶୀର୍ବାଦ ସ୍ୱରୂପ ହେଲା। ପରବର୍ତ୍ତି ସମୟରେ ଦେଖାଗଲା କିଛି ମୁଷ୍ଟିମେୟ ବ୍ୟବସାୟୀ, ଦଲାଲ, ନେତା, ଘୁଷଖୋର ଚାକିରିଆଙ୍କ ଆଲମିରାରୁ ଧାନ ଅମାର ଭଳି ଟଙ୍କା ବିଡା ବାହାରିଲା, ଏଥିରୁ ବୁଝା ଗଲା ଯେ ୨୦୦୦ ଟଙ୍କିଆ ବୋଧେ ଜନ୍ମ ନେଇଛି କେବଳ ମୁଷ୍ଟିମେୟଙ୍କ ଦ୍ୱାରା କଏଦ ହୋଇ ରହିବା ପାଇଁ। ଧୀରେ ଧୀରେ ଦେଖାଗଲା ୨୦୦୦ ଟଙ୍କିଆ ନୋଟ ବଜାରରୁ ଉଭାନ ହେଇଯାଉଛି। ତେଣୁ ବୋଧେ ସରକାର ପୁଣି ଭାବିଲେ ଆଗକୁ ୨୦୨୪ ନିର୍ବାଚନ ଆସୁଛି, ସେଥିପାଇଁ ୨୦୦୦ ଟଙ୍କିଆ ନିହାତି ବନ୍ଦ ହେବା ଦରକାର, ସେ ସାଧାରଣ ଲୋକଙ୍କ ହିତରେ ଆସୁ କି ନ ଆସୁ। ସେ ଯାହା ହଉନା ନା କାହିଁକି ଏହି ୨୦୦୦ ଟଙ୍କିଆ ନୋଟ ବନ୍ଦି ଯୋଜନା କ'ଣ ଲାଭ ସେଇଟା ସରକାର ଓ ସମୟ କହିବ। କିନ୍ତୁ ପରିସ୍ଥିତିରୁ ଯାହା ଲାଗୁଛି ଏ ଅଦଳ ବଦଳରେ ସାଧାରଣ ଲୋକ ଉପକୃତ ହେବା ବଦଳରେ ପୁଣି ସେହି ପୁଞ୍ଜିପତି, କଳା ଟଙ୍କା ବାଲା କୋଉଠି ନା କୋଉଠି ଲାଭାନ୍ୱିତ ହେବେ, ତଥାପି ସରକାର ଲୋକଙ୍କୁ ଏହା ସୁଫଳ ବୁଝାଇବା ପାଇଁ ଏକ ଶ୍ୱେତପତ୍ର ସଦୃଶ୍ୟ ଗଣମାଧ୍ୟମ ଜରିଆରେ ପ୍ରକାଶ କରିବା ଦରକାର।

***ଗଦାଧର ଖୁଣ୍ଟିଆ ...***

ରଖିବା ଓ ଏଥିରେ ଲଗାଇବା ନୁହେଁ ତ? ଏହିକଥା ମଧ ଭାରତର ବିଶିଷ୍ଟ ଅର୍ଥନୀତିଜ୍ଞ ମାନେ ମତ ଦେଇଛନ୍ତି। ତେବେ ଉପରୋକ୍ତ ପ୍ରସଙ୍ଗରେ କିଛି ମତ : ବର୍ତ୍ତମାନ ବଜାରରେ ପ୍ରଚଳିତ ହେଉଥିବା ୩.୬୨ ଲକ୍ଷ କୋଟି ୨ ହଜାର ଟଙ୍କିଆ, ଆମର ସମୁଦାୟ କରେନ୍ସି ସର୍କୁଲେସନର ମାତ୍ର ୧୦.୮୦%। ତେଣୁ ଏହି ଅର୍ଥକୁ ବଜାରରୁ ଉଠାଇ ନେଲେ ଅର୍ଥନୀତିରେ ବିଶେଷ ପ୍ରଭାବ ପଡିବ ନାହିଁ। ଗତ ୬-୭ ବର୍ଷ ହେବ ଡିଜିଟାଲ ଟ୍ରାଞ୍ଜାକସନ ଓ ଇ-କମର୍ସ ବହୁଳ ବ୍ୟବହାର ଯୋଗୁ ଏହାର ପ୍ରଭାବ ପଡିବାର ସମ୍ଭାବନା କମ। ଚାଷ ଓ ନିର୍ମାଣ କ୍ଷେତ୍ରରେ, ଛୋଟ ବ୍ୟବସାୟରେ ଟଙ୍କା ଦେଣନେଣ ଜରିଆରେ ଚାଲେ, ଯାହା ପ୍ରଭାବିତ ହୋଇପାରେ। ବ୍ୟାଙ୍କରେ ୨୦୦୦ ଟଙ୍କାର ଅହେତୁକ ଜମା ବୃଦ୍ଧି ହୋଇପାରେ। ବ୍ୟାଙ୍କ ବ୍ୟବସାୟର ଅନୁପାତ ବିଗିଡିପାରେ। ବ୍ୟାଙ୍କ ଜମା ଓ ଋଣର ସୁଧହାର ବାଧାପ୍ରାପ୍ତ ହୋଇପାରେ। ବ୍ୟାଙ୍କିଂ ସିଷ୍ଟମରେ ଲିକ୍ୟୁଡିଟ୍ ବଢ଼ିବ। ଏବେ ଗୋଟିଏ ପ୍ରଶ୍ନ, ସବୁ ଟଙ୍କା ନିର୍ଦ୍ଧାରିତ ସମୟ ଅର୍ଥାତ୍ ୩୦ ସେପ୍ଟେମ୍ବର ଭିତରେ ଫେରିବ ତ? ଯଦି ଫେରିଲା ତେବେ? ଯଦି ନଫେରିବ, ପରବର୍ତ୍ତୀ ପଦକ୍ଷେପ କ'ଣ? ଏ ସମ୍ପର୍କରେ ସରକାର ବା ରିଜର୍ଭ ବ୍ୟାଙ୍କ ତରଫରୁ ଏବେଠୁ ସ୍ପଷ୍ଟ କରିବା ଆବଶ୍ୟକ। ଯାହା ଉଭୟ ଜନସାଧାରଣ ଓ ରାଷ୍ଟ୍ର ହିତକର ଓ ଗ୍ରହଣୀୟ ହେବା ଉଚିତ ନୁହେଁ କି?

# ଶ୍ରୀକ୍ରିଷ୍ଣା ଇଣ୍ଟରନାସନାଲ ସ୍କୁଲରେ ଶପଥ ଗ୍ରହଣ ଦିବସ



**ଭୁବନେଶ୍ୱର:** ଶନିବାର ଦିନ ଭୁବନେଶ୍ୱର ମଳିପଡ଼ା ସ୍ଥିତ ଶ୍ରୀ କ୍ରିଷ୍ଣା ଇଣ୍ଟରନାସନାଲ ସ୍କୁଲ ପ୍ରାଙ୍ଗଣରେ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କ ଦ୍ୱାରା ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପାଇଁ ତ୍ରିରଙ୍ଗା ପତାକା ତଳେ ଶପଥ ପାଠ ଗ୍ରହଣ କରାଯାଇଛି। ବିଦ୍ୟାଳୟର ଚେୟାରମ୍ୟାନ ପବିତ୍ର ରାଉତ ରାୟଙ୍କ ଉପସ୍ଥିତିରେ ମାନବ ସମ୍ବଳ ଅଧିକାରୀ ଅଶୋକ ରଥଙ୍କ ତତ୍ତ୍ୱାବଧାନରେ ପ୍ରଥମେ ବିଦ୍ୟାଳୟର ଅଧକ୍ଷା ନମ୍ରତା ସିଂ ଛାତ୍ର, ଛାତ୍ରୀ ଓ ବିଦ୍ୟାଳୟ ର ଉନ୍ନତି ଓ ପ୍ରଗତିକୁ ରାଜ୍ୟ ତଥା ଜାତୀୟ ସ୍ତରରେ ପହଞ୍ଚେଇବା ପାଇଁ ଶପଥ ପାଠ କରିଥିଲେ। ଏହାପରେ ନିଜେ ଅଧକ୍ଷା ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କର ବିଧିବଦ୍ଧ ଭାବରେ ଶପଥ ପାଠ କରାଇଥିଲେ। ପିଲାମାନେ କିପରି ଶିକ୍ଷା, ସଂସ୍କାର, ନୈତିକତା ଓ ଜୀବନର ମୂଲ୍ୟବୋଧକୁ ହୃଦୟଙ୍ଗମ କରିପାରିବେ ଶିକ୍ଷକ ମାନଙ୍କର ଭୂମିକା ଅତୁଳନୀୟ ବୋଲି ଚେୟାରମ୍ୟାନ ପବିତ୍ର ରାଉତ ରାୟ ଉଲ୍ଲେଖ କରିଥିଲେ। ଅଶୋକ ରଥ ଏହି ଶପଥ ପାଠର ମହତ୍ତ୍ୱ ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏଥିରେ ଶିକ୍ଷାବିତ ଫକୀର ମୋହନ ଧଳ ଯୋଗ ଦେଇ ଏଭଳି ପଦକ୍ଷେପ ଆଜିର ଶିକ୍ଷା ସମାଜ ପାଇଁ ସ୍ୱାଗତ ଯୋଗ୍ୟ ବୋଲି କହିଥିଲେ। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ପିଲାମାନଙ୍କର ବୋର୍ଡ଼ ପରୀକ୍ଷାର ସଫଳତା ପାଇଁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ଉପାଧକ୍ଷ କବିନ୍ଦ୍ର ଦାଶ ସଭା ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତର ବିଭିନ୍ନ ସ୍ଥାନରେ ନଳକୂପ ଖନନ

## ବିଧାୟକ ଓ ସାଂସଦଙ୍କୁ ଧନ୍ୟବାଦ ଜଣାଇଲେ ଗ୍ରାମବାସୀ

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଚଚାରାଗୁଡକ୍ଷ ଗ୍ରାମ ପଞ୍ଚାୟତର କେଲିଆ ବାବା ସ୍ୱର୍ଣ୍ଣ ସ୍ୱର ମନ୍ଦିରରେ ପାନୀୟ ଜଳ ନେଇ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ। ସେହିପରି ଦାଢିଆ ଗୁଡା ଗ୍ରାମରେ ମଧ୍ୟ ପାନୀୟ ଜଳର ଘୋର ଅଭାବ ରହିଥିଲା କ୍ଷତାହାର ସମାଧାନ କରି ଏକ ନୂତନ ନଳକୂପ ଖନନ କରିଥିବା ବେଳେ ସେହିପରି ଦାଢିଆ ଗୁଡା ଗ୍ରାମରେ ଏକ ନୂତନ ନଳକୂପ ଖନନ କରି ଏ ଗ୍ରୀଷ୍ମ ରିତୁ ରେ ପାନୀୟ



ଜଳ ଯୋଗାଇ ଦେଇଥିବାରୁ ଚଚାରାଗୁଡକ୍ଷ ଗ୍ରାମବାସୀଙ୍କ ସହ ସ୍ଥାନୀୟ ଅଞ୍ଚଳ ବାସୀ ଲୋକପ୍ରିୟ ବିଧାୟକ ମନୋହର ରନ୍ଧାରୀ ଓ ସଂସାଦ ରମେଶ ଚନ୍ଦ୍ର ମାଝୀଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜଣାଇଛନ୍ତି।

# ଆକ୍ସନ ମୁଡରେ ତହସିଲଦାର; ସାବାଡ ହେବେ ଜମି ମାଫିଆ

**କାକଟପୁର :** ଦିନକୁ ଦିନ କାକଟପୁର ତହସିଲ ଅଧିନରେ ଜମି ମାଫିଆ ମାନେ ସକ୍ରିୟ ହେଉଥିବା ବେଳେ ଏ ସମ୍ପର୍କରେ ଗତ ୧୫ତାରିଖ ଦିନ ବିନା ଓଏଲଆର ଅନୁମତିରେ ବିଶାଳ ଅଟ୍ଟାଳିକା ସନ୍ଦେହ ଘେରରେ ତହସିଲଦାର ରାଜସ୍ୱ ନିରୀକ୍ଷକ ଶୀର୍ଷକ ଖବର ପ୍ରସାରିତ ହେବା ପରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ବିରଞ୍ଚି ନାରାୟଣ ବେହେରା,ରାଜସ୍ୱ ନିରୀକ୍ଷକ ସହ ବରିଷ୍ଠ ଅଧିକାରୀ ଙ୍କ ଘଟଣା ସ୍ଥଳକୁ ଯାଇ ଜାଣିବାକୁ ପାଇଥିଲେ ଘଟଣା ର ସତ୍ୟତା ରହିଛି ସରକାରୀ କର୍ମଚାରୀ ମାନେ କୋଟି କୋଟି ଟଙ୍କାର ରାଜସ୍ୱ ଠକି ବିନା ଓଏଲଆର ଅନୁମତିରେ ବିଶାଳ ଅଟ୍ଟାଳିକା ଠିଆ କରିଛନ୍ତି। ଉକ୍ତ ଘଟଣା କୁ ତହସିଲଦାର ବିରଞ୍ଚି ନାରାୟଣ ବେହେରା ଗୁରୁତ୍ୱର ସହ ନେଇ ଚିଠି ନଂ:- ୧୪୦୬ ତା୧୬.୦୫.୨୦୨୩ରିଖ ଦିନ କାକଟପୁର ତହସିଲ ସର୍କଲ ର ସମସ୍ତ ରାଜସ୍ୱ ନିରୀକ୍ଷକ



ନିର୍ମାଣଧୀନ ଅଟ୍ଟାଳିକା ଓଏଲଆର ଅନୁମତି ନେଇଛନ୍ତି କି ନାହିଁ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତହସିଲଦାରଙ୍କ ଆକ୍ସନ ମୁଡ ଦେଖି ବିରି ମାଡ଼ ଖାଇ କୋଳଥ ଚେପା ଭଳି ଜମି ମାଫିଆ ମାନଙ୍କ ମଧ୍ୟରେ ଭାଳେଣି ପଡିଲେଣି। ବର୍ଷ ବର୍ଷ ଧରି ସରକାରୀ କର୍ମଚାରୀ, ଅଧାପକ, ଡାକ୍ତର, ଯନ୍ତ୍ରୀ, ଠିକାଦାର ମାନେ କୋଟି କୋଟି ଟଙ୍କାର ରାଜସ୍ୱ ଠକି ବିନା ଓଏଲଆର ଅନୁମତିରେ ଅଟ୍ଟାଳିକା ନିର୍ମାଣରେ ରୋକ୍ ସହ କୋଟି କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇପାରିବ ବୋଲି ତହସିଲଦାର ଶ୍ରୀ ଯୁକ୍ତ ବେହେରା ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଟାଟା ପାୱାର ଦାୟିତ୍ୱ ନେବା ପରେ ୩୩ କେଭି ଲାଇନରେ ଥିବା ତ୍ରୁଟି ସୁଧୁରୁନି

# ପ୍ରବଳ ଗୁଳୁଗୁଳିରେ ହନ୍ତସନ୍ତ ଜନତା

**ଅସ୍ତରଙ୍ଗ:** ନିମାପଡା,ଅସ୍ତରଙ୍ଗ ୩୩ କେଭି ବିଦ୍ୟୁତ ଲାଇନରେ ଥିବା ତ୍ରୁଟି ସାଧୁରିବାର ନା ଧରୁନଥିବା କାରଣରୁ ଦୀର୍ଘ ବର୍ଷ ହେଲା ନିରନ୍ତର ସେବାରୁ ନିମାପଡା, ଚାରିଛକ, ନୟାହାଟ, ଗୋପ, କାକଟପୁର, ଅସ୍ତରଙ୍ଗ ପ୍ରମୁଖ ଅଞ୍ଚଳବାସୀ ମାନେ ବଞ୍ଚିତ ହେଉଛନ୍ତି। ବାରମ୍ବାର ଅଭିଯୋଗ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ମଧ ଅଞ୍ଚଳ ବାସୀମାନେ କୌଣସି ସୁଫଳ ପାଇନାହାନ୍ତି। ପ୍ରତି ମାସରେ ୬ରୁ ୭ଥର ମରାମତି କାର୍ଯ୍ୟ କରିବା ନାଁରେ ସକାଳ ୮ ଟାରୁ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ଅଘୋଷିତ ବିଦ୍ୟୁତ ସେବା ବନ୍ଦ କରିଥାନ୍ତି। ତଥାପି ୩୩ କେଭି ରେ ଆଜି ପର୍ଯ୍ୟନ୍ତ ସୁଧାର ଆସିପାରୁ ନାହିଁ।ବର୍ଷା ଋତୁ ଆସିଲେ ୩୩ କେଭିର ସେବା ମିଳିବା କଷ୍ଟକର ହୋଇପଡେ। ବର୍ଷା ପୂର୍ବରୁ ଗଛ ହଲିଲେ କିମ୍ବା ବିଜୁଳି ମାରିଲେ ୩୩ କେଭି ଲାଇନ ନିମାପଡାରୁ କାଟି ଦିଆଯାଏ। ବର୍ଷା ଆରମ୍ଭ ହେଲେ ବିଦ୍ୟୁତ ଦେଖିବା ଅଞ୍ଚଳ ବାସୀଙ୍କ ପାଇଁ ସ୍ୱପ୍ନ ହୋଇଥାଏ। ପ୍ରତି ଦିନ ୩୩ କେଭି ଦିନକୁ ୨/୪ଥର କଟିବା ନିଶ୍ଚିତ। ରୋଗୀଙ୍କ ଠାରୁ ଆରମ୍ଭ କରି କୁଡ଼ିଆ ଘରେ ରହୁଥିବା ଗରୀବଙ୍କ ପାଇଁ ବିଦ୍ୟୁତ ସେବା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। କିନ୍ତୁ ଅସ୍ତରଙ୍ଗ-ନିମାପଡା ଅଞ୍ଚଳରେ ଏହାକୁ କେହି ଗୁରୁତ୍ୱ ଦିଅନ୍ତି ନାହିଁ। ବିଭାଗୀୟ ମନ୍ତ୍ରୀ ,ସଚିବ, ଉଚ୍ଚ ପଦାଧିକାରୀ ମାନେ ଏଥି ପ୍ରତି ନିଘା ଦିଅନ୍ତି ନାହିଁ। ବିଭାଗୀୟ ଅଧିକାରୀ ମାନେ ଶୀତତାପ ନିୟନ୍ତ୍ରିତ କୋଠରୀ ଭିତରେ ରହି ସତେ ଯେମିତି ଭାବନ୍ତି ଏହି ଅଞ୍ଚଳ ଗୁଡିକ ରାଜ୍ୟ ସରକାରଙ୍କର ସାବତ ପୁଅ। ବାସସ୍ଥାନ, ଜାତିଗତ, ଆର୍ଥିକ ପ୍ରମାଣ ପତ୍ର ସାର୍ଟିଫିକେଟ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀ ମାନେ ପ୍ରତିଦିନ ଉଚ୍ଚଶିକ୍ଷା ପାଇଁ ନେଇଥାନ୍ତି। କିନ୍ତୁ ବିଦ୍ୟୁତ ବିଭ୍ରାଟ ଯୋଗୁଁ ନିର୍ଦ୍ଧାରିତ ସମୟ ମଧ୍ୟରେ ନେଇପାରୁ ନାହାନ୍ତି। ବିଭିନ୍ନ ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ପାଇଁ ବିଦ୍ୟୁତ ଉପରେ ନିର୍ଭର କରି ବାକୁ ପଡିଥାଏ। ଏହି ପ୍ରକଳ୍ପ ମଧ ଏବେ ପ୍ରଭାବିତ ହେବା କାରଣରୁ ହଜାର ହଜାର ଗ୍ରାମବାସୀ ଗ୍ରୀଷ୍ମପ୍ରବାହରେ ପାନୀୟ ଜଳ ଯୋଗାଣରୁ ବଞ୍ଚିତ ହେଉଛନ୍ତି। ବିଭିନ୍ନ ବ୍ୟାଙ୍କ ମାନଙ୍କରେ ବିଦ୍ୟୁତ ନରହିବା କାରଣରୁ ବ୍ୟାଙ୍କ ସେବା ଅଚଳ ହୋଇପଡୁଛି। ଗତ କିଛି ଦିନ ଧରି ୩୩ କେଭି ବିଦ୍ୟୁତ ସେବା ଗୁରୁତ୍ୱର ଭାବେ ପ୍ରଭାବିତ ହେଉଥିଲେ ମଧ ଅସ୍ତରଙ୍ଗ ବିଦ୍ୟୁତ ବିଭାଗ ପାଖରେ ଖବର ନ ଥିବା ଆଶ୍ଚର୍ଯ୍ୟ ଲାଗୁଛି। ଆମ ଅସ୍ତରଙ୍ଗ ପ୍ରତିନିଧି ବିଭାଗୀୟ ଅଧିକାରୀଙ୍କ ସହିତ ଫୋନ ଯୋଗେ ଏ ସମ୍ପର୍କରେ ଅବଗତ କରାଇବା ସହିତ ସମସ୍ୟା ସମ୍ପର୍କରେ ବୁଝିବା ପାଇଁ ଚେଷ୍ଟା କରିବା ପରେ ଅଧିକାରୀଙ୍କ ଫୋନ ବନ୍ଦ ଥିବା ଦେଖିବା ପାଇଁ ମିଳିଥିଲା। ଏହି ହେଉଛି ବିଦ୍ୟୁତ ସେବାର ସଂସ୍କାର। ବିଶେଷ କରି ଟାଟା ପାୱାର ଆସିବା ଦିନଠାରୁ ଏପରି ମନମୁଖୀ କାର୍ଯ୍ୟ ବଢି ବଢି ଚାଲିଛି। ନିରନ୍ତର ବିଦ୍ୟୁତ ସେବା ଯୋଗେଇ ଦେବା ପାଇଁ ସ୍ଥାନୀୟ ଜନସାଧାରଣ ୫ଟି ସଚିବ ଭିକେ ପାଣ୍ଡିଆନ, କ୍ରୀଡା ମନ୍ତ୍ରୀ ତୁଷାର କାନ୍ତି ବେହେରା ଓ ପୁରୀ ଜିଲ୍ଲା ପରିଷଦ ଉପାଦକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖ ଏହି ସମ୍ବେଦନଶୀଳ ଘଟଣା ପରେ ଦୃଷ୍ଟି ଦେଇ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବୀ ହେଉଛି।

# ଭଞ୍ଜବଂଶ ରାଜା ମାନଙ୍କର ଖିଚିଙ୍ଗ ମନ୍ଦିର ସହିତ ଥିବା ନିବିଡ଼ ସମ୍ପର୍କର ଇତିହାସ

ମୟୂରଭଞ୍ଜର ଭଞ୍ଜବଂଶ ରାଜାଙ୍କର କୁଳଦେବୀ ହେଉଛନ୍ତି ମା' କିଚେକେଶ୍ୱରୀ। ବର୍ତ୍ତମାନର ଖିଚିଙ୍ଗ ଦିନେ ମୟୂରଭଞ୍ଜ ରାଜ୍ୟର ରାଜଧାନୀ ଥିଲା। ସେ ସମୟରେ ଖିଚିଙ୍ଗକୁ ଖିଚିଙ୍ଗ କୋଟା ଓ ମୟୂରଭଞ୍ଜକୁ ଖିଚିଙ୍ଗର ମଣ୍ଡଳ ବୋଲି କୁହାଯାଉଥିଲା। ମା କିଚେକେଶ୍ୱରୀ ଦେବୀଙ୍କୁ ଆଖ ପାଖ ଅଞ୍ଚଳରେ ପ୍ରତ୍ୟକ୍ଷ ଦେବୀ ରୂପେ ପୂଜା କରନ୍ତି। ପୂର୍ବରୁ ଖିଚିଙ୍ଗ ପୀଠରେ ବଳି ଦେବାର ପ୍ରଥା ଥିଲା। ବର୍ତ୍ତମାନ ଯଦିଓ ବଳି ପ୍ରଥା ବନ୍ଦ ହେଇଗଲାଣି କିନ୍ତୁ ଲୋକ ମାନେ ଏବେ ମଧ୍ୟ ମାନସିକ ପୂରଣ ଏବଂ ରୋଗ ବାଗର ଉପସମ ପାଇଁ ମାଙ୍କୁ କୁକୁଡା ଓ ବୁଦା ଉପହାର ଦେଇଥିବା ଦେଖିବାକୁ ମିଳୁଛି। ଏହି ମନ୍ଦିର ଉଚ୍ଚତା ହେଉଛି ଶହେ ଫୁଟ ଏବଂ ଏହାକୁ କଳା ମୁଗୁନି ପଥରରେ ବନାଯାଇଛି। ଏହି ମନ୍ଦିରର ଉଚ୍ଚତା ହେଉଛି ଶହେ ଫୁଟ ଥିବାରୁ ଏହାକୁ ଓଡିଶାର ରେଖାଶୈଳୀ ଅଫ ଟେମ୍ପଲ ଆର୍କିଟେକ୍‌ଚରରେ କଳା ମୁଗୁନି ପଥରରେ ବନାଯାଇଛି। ଯଦିଓ ଏଥିରେ ଶତନ୍ତତା ରହିଛି କାରଣ ଏଠାରେ ରହିଥିବା ସବୁ ମନ୍ଦିରରେ ଜଗମୋହନ ନାହିଁ ଯାହାକି ସେହି ସମୟରେ ସମସ୍ୱାମିକ ମନ୍ଦିର ଯେମିତି ଲିଙ୍ଗରାଜ ଗମେଶ୍ୱର ମନ୍ଦିରରେ ଦେଖାଯାଇଥାଏ। ତେଣୁ ଏଠାରେ ପ୍ରଥମ ଗୃହହିଁ ଗର୍ଭ ଗୃହ ଅଟେ।

***ମନ୍ଦିରର ଇତିହାସ :*** ୧୩୬୧ ମସିହାରେ ଭଞ୍ଜ ରାଜ୍ୟ ରାଜଧାନୀ ଖିଚିଙ୍ଗକୁ ଦିଲ୍ଲୀର ସୁଲତାନ ଆକ୍ରମଣ କରି ନିଜ ଅଧୀନକୁ ନେଇ ଯାଇଥିଲେ। ସେ ଓଡିଶାର ବିଭିନ୍ନ ମଠ ମନ୍ଦିର ସହିତ ମୂର୍ତ୍ତି ସବୁକୁ ଭାଙ୍ଗି ନଷ୍ଟ କରିଦେଇଥିଲେ। ପରାଜିତ ହେବା ପରେ ଏଠାକାର ଭଞ୍ଜ ରାଜାମାନେ ତାଙ୍କ ରାଜଧାନୀକୁ ଖିଚିଙ୍ଗରୁ ହରିପୁର ଗୋଡକୁ ଚଉଦ ଶହ ଶତାବଧିରେ ସ୍ଥାନାନ୍ତରିତ କରିଥିଲେ। ବର୍ତ୍ତମାନ ମନ୍ଦିରରେ ତ ସବୁ ମୂର୍ତ୍ତି ନାହାନ୍ତି ଓ କିଛି ମୂର୍ତ୍ତି ଭାଙ୍ଗି ରୁଜି ଯାଇଛନ୍ତି। ଭଞ୍ଜ ରାଜା ମାନେ ଶକ୍ତି ଧର୍ମର ଉପାସକ କରିଥିଲେ। ମନ୍ଦିରର ମୁଖ୍ୟ ଦେବୀ ମା' କିଚେକେଶ୍ୱରୀ ବା ଚାମୁଣ୍ଡାଙ୍କ ବେଢୀତ୍ୱ ମନ୍ଦିର କଣ୍ଠରେ ଥିବା ମା ଦୂର୍ଗା ମହିଷା ମର୍ଦ୍ଦିନୀ ଓ ଶକ୍ତି ମାତୃକାଙ୍କ ମୂର୍ତ୍ତି ଏହାର ପରମାଣ। ରାଜଧାନୀ ସ୍ଥାନାନ୍ତର ପରେ ଖିଚିଙ୍ଗ ମନ୍ଦିରଟି କ୍ରମଶଃ ଅବହେଳିତ ହୋଇପଡିଥିଲା ଏବଂ ମନ୍ଦିରର ମୂଳଦୁଆ ସେତେ ମଜବୁତ ନ ହୋଇଥିବା କାରଣରୁ ଏହା ଭୁଶୁଡି ପଡିଥିଲା ଓ ଜାଗାଟି ଘଞ୍ଚ ଜଙ୍ଗଲରେ ପରିପୂର୍ଣ ହୋଇଯାଇଥିଲା। ଏବେକାର ଖିଚିଙ୍ଗକୁ ୧୮୪୦ ମସିହାରେ ପ୍ରଥମେ ବ୍ରିଟିଶ ଏକ୍ସ ପ୍ଲୋଏଡଲେଫ୍ଟାନ ଟିକିଲ ଆସିଥିଲେ ଏବଂ ସେ ରିପୋର୍ଟ କରିଥିଲେ କି ଜାଗାଟି ଘଞ୍ଚ ଗଛଲତାରେ ପରିପୂର୍ଣ୍ଣ ହେଇଯାଇଛି। ପରେ ୧୮୭୫-୭୬ ମସିହାରେ ଅର୍କେଲୋଜିକାଲ ସର୍ଭେ ଓଫ ଇଣ୍ଡିଆର ଫାଉଡର ଆଲେକଜାଣ୍ଡାର କମିଙ୍ଗହାମଙ୍କ ସହକାରେ ଜେଡ଼ି ବେଗ୍ଲାର ଆସିଥିଲେ ଏବଂ ସେ ଗୋଟିଏ ପିଲର ଭଲ୍ଟ ବୈଷ୍ଣବୀ ଓ ଶିବ ମନ୍ଦିର ବୁଦ୍ଧିସ ମନେଷ୍ଟୋରୀ ଏବଂ ଏକ ଇଟାରେ ପଡିଯାଇଥିବା ମୂର୍ତ୍ତି ଶହ ବଳି ଦିଆଯାଇଥିବା ଛେଳିର ଅବଶିଷ୍ଟାଂଶ ଦେଖିବାକୁ ପାଇଥିଲେ। ୧୯୦୫ ମସିହାରେ ମୟୂରଭଞ୍ଜ ରାଜା ପୂର୍ଣଚନ୍ଦ୍ର ଭଞ୍ଜ ଦେବ ଏବଂ ପ୍ରତାପ ଚନ୍ଦ୍ର ଭଞ୍ଜ ଦେବଙ୍କ ଦ୍ୱାରା ଆର୍କଲୋଜିକାଲ ସର୍ଭେ ଓଫ ମୟୂରଭଞ୍ଜର ସ୍ଥାପନ କରଯାଇଥିଲା। ୧୯୦୮ ମସିହାର ଖନନରେ କୀଚକ ଗୋଡ ଓ ବିରାଟ ଗୋଡ ଦୁର୍ଗର ସନ୍ଧାନ ମିଳିଥିଲା। ତା ସହିତ ମନ୍ଦିର ଦକ୍ଷିଣ – ପୂର୍ବ ଦିଗରେ ଇଟାମୁଣ୍ଡିଆ ଦେଖାଯାଇଥିଲା। ଯେଉଁଠିକି ମଧ୍ୟଯୁଗର ବୌଦ୍ଧ ମୂର୍ତି ଏବଂ ମୋନାଶୀର ଅବଶେଷର ସନ୍ଧାନ ମିଳିଥିଲା। ଅଧିକ ଖୋନନ ପରେ ପୁଣି ବିଭିନ୍ନ ବୌଦ୍ଧ ମୂର୍ତିର ସନ୍ଧାନ ମିଳିଥିଲା। ଯାହାକି ଏବେ ଖିଚିଙ୍ଗ ଏବଂ ଭୁବନେଶ୍ୱର ଓ କଲକତାର ସଂଗ୍ରହାଳୟ ଶଭା ପାଉଛି। ଏହି ପୁରାତନ ବୌଦ୍ଧ ସ୍ତୁପ ଏବଂ ମୂର୍ତ୍ତି ସବୁ ଦର୍ଶାଉଥିଲା ଖିଚିଙ୍ଗ ସେ ସମୟରେ ବୌଦ୍ଧ ଧର୍ମର ଏକ ପ୍ରମୁଖ ସ୍ଥଳୀ ଥିଲା ଏବଂ ଏହା ମଧ୍ୟ ଦର୍ଶାଏ କି ଭଞ୍ଜ ବଂଶୀ ରାଜାମାନେ ବୌଦ୍ଧ ଧର୍ମ ବ୍ୟତୀତ ଅନ୍ୟ ଧର୍ମ ଯେମିତି ସୋଷେୟୀବ ବୁଦ୍ଧ, ଜୈନ ଧର୍ମ ପ୍ରତି ମଧ୍ୟ ଉଦାର ମନୋଭାବ ପାଷାଣ କରୁଥିଲେ। ରାଜାଙ୍କ ସହଯୋଗରେ ପୁଣି ଥରେ ୧୯୨୨ ମସିହାରେ ଖୋନନ ସମୟରେ ଶିବଙ୍କର ମୂର୍ତ୍ତି ସହିତ ଅନ୍ୟାନ୍ୟ ମୂର୍ତ୍ତିର ସନ୍ଧାନ ମିଳିଥିଲା। ସେ ମନ୍ଦିର ମାନଙ୍କ ମଧ୍ୟରେ ଦୁଇଟି ମନ୍ଦିର ରେ ସୂକ୍ଷ୍ମ କାରୁକାର୍ଯ୍ୟ ସବୁ ଦେଖିବାକୁ ମିଳିଥିଲା। ମଝିରେ ଥିବା ମନ୍ଦିରଟି ମାଟିଗୋଦାରେ ପୋତି ହେଇଯାଇଥିଲା ଏବଂ ତା' ଉପରେ ମା କିଚେକେଶ୍ୱରୀଙ୍କ ମୂର୍ତ୍ତି ରହିଥିଲା କିନ୍ତୁ ରାଜାଙ୍କ ଦ୍ୱାରା ମୂର୍ତ୍ତି ବଦଳା ଯିବା ପରେ ହିଁ ସେ ଏଠାକାର ଦେବୀ ହେଇପାରିଛନ୍ତି। କାରଣ ଦେବୀ ଥିଲେ ଭଞ୍ଜ ବଂଶର କୂଳ ଦେବୀ। ବର୍ତ୍ତମାନ ବି ଶିବ ମନ୍ଦିର କିଚେକେଶ୍ୱରୀ ମନ୍ଦିରର ବାମ ପାର୍ଶ୍ୱରେ ରହିଛି ଏବଂ ଏଠାରେ ପ୍ରତିବର୍ଷ ଶିବରାତ୍ରି ଯାକଜମକରେ ପାଳନ କରାଯାଇଥାଏ। ଖନନର ସମାପ୍ତି ପରେ ମନ୍ଦିରର ଭଗ୍ନାଂଶ ସୁରକ୍ଷା ପାଇଁ ମନ୍ଦିର ନିର୍ମାଣ କାର୍ଯ୍ୟ ସାରିବା ପୂର୍ବରୁ ସଂଗ୍ରହାଳୟର ସ୍ଥାପନ କରଯାଇଥିଲା, ଯାହାକି ଏବେ ମନ୍ଦିର ବାମ କଡରେ ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିର ପାର୍ଶ୍ୱରେ କରାଯାଇଛି। ମନ୍ଦିରର କିଛି ଭଗ୍ନାବିଶେଷ ଏବେବି ମନ୍ଦିର ପ୍ରାଙ୍ଗଣରେ ଖୋଲାରେ ରଖାଯାଇଛି। ୧୯୨୮ ମସିହାରେ ମହାରାଜା ପୂର୍ଣଚନ୍ଦ୍ରଙ୍କ ଅକାଳ ମୃତ୍ୟୁ ପରେ ମନ୍ଦିର କାର୍ଯ୍ୟ ଧିମେଇ ଯାଇଥିଲା। ପରେ ପରେ ୧୯୩୩ ମସିହାରେ ଆରମ୍ଭ ହୋଇ ୧୯୪୧ ମସିହାରେ ମନ୍ଦିରର କାମ ସାରିଥିଲା ଏବଂ ୧୪ମାର୍ଚ୍ଚ ୧୯୪୨ ମସିହାରେ ଦେବୀଙ୍କର ସ୍ଥାପନ ହୋଇଥିଲା। ସେ ସମୟରେ ମୁଦ୍ରାରେ ମନ୍ଦିର ନିର୍ମାଣ ପାଇଁ ୮୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ମନ୍ଦିର ବେଡାକୁ ଆଗରୁ ଠାକୁରାଣୀ କମ୍ପାଉଣ୍ଡ କୁହାଯାଉଥିଲା। କାରଣ ଏଠି ବହୁତ ଛୋଟ ବଡ ମନ୍ଦିର ସବୁ ଥିଲା। ବର୍ତ୍ତମାନ ଏଠି ମୁଖ୍ୟ ମନ୍ଦିର ବା ବଡଦେଉଳ ବ୍ୟତୀତ ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିର ମୁଖ୍ୟ ମନ୍ଦିରର ବାମ କୋଡରେ ଅଛନ୍ତି। ଏହି ମଧ୍ୟରେ ସୁନ୍ଦର ପ୍ରସ୍ତର ସୂକ୍ଷ୍ମ କାରୁକାର୍ଯ୍ୟ ସବୁ ରହିଅଛି। ଏହାର ଉଚ୍ଚତା ମୁଖ୍ୟ ମନ୍ଦିର ତୁଳନାରେ କମ ଅଛି। ଯେହେତୁ ଏଠାକାର ମୁଖ୍ୟ ମନ୍ଦିର ପ୍ରଥମେ ମହାଦେବ ପୂଜା ପାଉଥିଲେ ତେଣୁ ମୁଖ୍ୟ ମନ୍ଦିର କିଚେକଶ୍ୱରୀଙ୍କ ପ୍ରତିଷ୍ଠା ପରେ ବୋଧେ ମହାଦେବଙ୍କୁ ଏହି ମନ୍ଦିରକୁ ସ୍ଥାନାନ୍ତରିତ କରାଯାଇଛି। ମା' କିଚେକେଶ୍ୱରୀ ହେଉଛନ୍ତି ଶକ୍ତି ଦେବୀ ମା' ପାର୍ବତୀଙ୍କ ଅନ୍ୟ ରୂପ ତେଣୁ କୁହାଯାଇପାରିବ କି ଏଇ ଗୋଟିଏ ମନ୍ଦିର କମ୍ପ୍ଲେକ୍ସ ଭିତରେ ଶିବ ଏବଂ ପାର୍ବତୀ ଅଲଗା ଅଲଗା ମନ୍ଦିରରେ ପୂଜା ପାଉଛନ୍ତି। କିନ୍ତୁ ଖୋନନରେ ମିଳିଥିବା ହେତୁ ଶିବ ମୂର୍ତ୍ତିଟି କେଉଁଠି ଥିଲା ତାହା ଜଣା ପଡୁନି। ମ୍ୟୁଜିୟମ ପାଖରେ ଭିମ ଗଦା ରହିଛି ବିଶ୍ୱାସ ରହିଛି ଯେ ଏହି ଭୀମ ଗଦା ଟେକି ପୁରାତନ ମନ୍ଦିର ଚୁଳ ଚାରିପାଖେ ପରିକ୍ରମା କଲେ ମନସ୍କାମନା ପୂରଣ ହୋଇଥାଏ। ଖୋନନରୁ ମିଳିଥିବା ସାମଗ୍ରିକ ପାଇଁ ଏଠାରେ ୧୯୨୨ ମସିହାରେ ସଂଗ୍ରହାଳୟର ସ୍ଥାପନ କରଯାଇଥିଲା। ଯେଉଁଠିକି ଆପଣଙ୍କୁ ପୁରାତନ ମୂର୍ତ୍ତି ବ୍ୟତୀତ ପ୍ରାଚୀନ କାଳର ମୁଦ୍ରା, ପାତ୍ର ଏବଂ ବିଭିନ୍ନ ପ୍ରକାର ପ୍ରାଚୀନ ଯୁଗର ଅସ୍ତ୍ର ଶସ୍ତ୍ର ଦେଖିବାକୁ ପାଇବେ। ଏହା ବ୍ୟତୀତ ସଂଗ୍ରହାଳୟ ପାର୍ଶ୍ୱରେ ପିଲା ମାନଙ୍କ ପାଇଁ ଶିଶୁ ଉଦ୍ୟାନ ମଧ୍ୟ ରହିଛି।







# ବିଶ୍ୱ ଭାଇଚାରା ସୃଷ୍ଟି କରୁଛି ଇସଲାମୀୟ ଖିଲାଫତ ବ୍ୟବସ୍ଥା



ମୌଲାନା ଫଜଲ ହକ ଖାଁ

ଇତିହାସର ପୃଷ୍ଠାକୁ ଉନ୍ମୋଚନ କଲେ ଏକ ଚିରନ୍ତନ ସତ୍ୟ ଦୃଷ୍ଟିଗୋଚର ହୋଇଥାଏ ଯେ ଯେତେବେଳେ ଧର୍ମର ଗ୍ଳାନି ଘଟି ଅଧର୍ମ ତା'ର ଚରମ ସୀମାକୁ ପହଂଚିଯାଏ । ଠିକ ସେହି ଅନ୍ଧକାର ସମୟରେ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃ ସଂସାରରେ ଅବତାର ଅବତୀର୍ଣ୍ଣ କରିଥାନ୍ତି। ଯେପରି ଗୀତାରେ ଲେଖାଅଛି,

ଯଦା ଯଦା ହି ଧର୍ମସ୍ୟ, ଗ୍ଳାନିର୍ଭବତି ଭାରତ /
ଅଭ୍ୟୁତ୍‌ଥାନମ୍ ଧର୍ମସ୍ୟ, ତଦାତ୍ମାନଂ ସୃଜାମ୍ୟହମ୍।
ପରିତ୍ରାଣାୟ ସାଧୂନାଂ, ବିନାଶାୟ ଚ ଦୁଷ୍କୃତମ୍ /
ଧର୍ମ ସଂସ୍ଥାପନାର୍ଥାୟ , ସମ୍ଭବାମି ଯୁଗେ ଯୁଗେ।

ଯାହାଙ୍କ ଦ୍ୱାରା ସେ ନିଜ ସୃଷ୍ଟିକୁ ନିଜ ଆଡ଼କୁ ଟାଣି ଆଣି ନିଜର ପ୍ରକୃତ ରୂପ ଦେଖାଇ ଘୋର ଅନ୍ଧକାରକୁ ଆଲୋକରେ ପରିବର୍ତନ କରି ଦେଇଥାନ୍ତି। ସେହି ଅବତାରମାନେ ପରମେଶ୍ୱରଙ୍କ ନିଜସ୍ୱ ରୂପ ଧାରଣ କରି ଓ ଆଧାତ୍ମିକ ଅମୃତରେ ଅମିୟ ହୋଇ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃଙ୍କ ଭକ୍ତଗଣଙ୍କୁ ସତ୍ ମାର୍ଗ ଦେଖାଇଥାନ୍ତି। ଏବଂ ଅନ୍ୟ ପକ୍ଷରେ ଦୁଷ୍ଟ ମାନଙ୍କୁ ଦମନ କରିବା ସହ ଆଧାତ୍ମିକ ଦୃଷ୍ଟି କୋଣରୁ ଆକ୍ରାନ୍ତ ଥିବା ରୋଗୀ ମାନଙ୍କର ଉତମ ଚିକିତ୍ସା ମଧ୍ୟ କରିଥାନ୍ତି।

ଇସଲାମ ଧର୍ମ ଆଦି ଧର୍ମ ଏବଂ ସଂପୂର୍ଣ୍ଣ ଧର୍ମ। ପବିତ୍ର କୋରାନରେ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃ କୁହନ୍ତି;''ଆଜି ଆମେ ତୁମ୍ଭମାନଙ୍କ କଲ୍ୟାଣ ସକାଶେ ତୁମ୍ଭମାନଙ୍କ ଧର୍ମକୁ ପୂର୍ଣ୍ଣତା ପ୍ରଦାନ କଲୁ। ଏବଂ ତୁମ୍ଭମାନଙ୍କ ପ୍ରତି ଆମ୍ଭର ଅନୁଗ୍ରହକୁ ସଂପୂର୍ଣ୍ଣ କରିଛୁ। ଏବଂ ତୁମ୍ଭମାନଙ୍କ ସକାଶେ 'ଇସଲାମ'କୁ ଧର୍ମ ରୂପରେ ପସନ୍ଦ କରିଛୁ ।''

ତେଣୁ ସେହି ଇସଲାମ ଧର୍ମ ଯାହା ବିଶ୍ୱ ବ୍ରହ୍ମାଣ୍ଡରେ ଅଦ୍ୱିତୀୟ ସେହି ପବିତ୍ର ଧର୍ମରେ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃ ନିଜର ସର୍ବଶ୍ରେଷ୍ଠ ଅବତାର ହଜରତ ମୁହମ୍ମଦ ସଲ୍ଲମ୍‌ଙ୍କୁ ଅବତୀର୍ଣ୍ଣ କରି ତାଙ୍କ ଦ୍ୱାରା ଧର୍ମବାଣୀର ଉପଦେଶକୁ ସଂପୂର୍ଣ୍ଣ କଲେ । କିନ୍ତୁ ଇସଲାମ ଧର୍ମରେ ସେହି ଧର୍ମ ଉପଦେଶଗୁଡ଼ିକୁ ବିଶ୍ୱବ୍ୟାପି କରିବା ପାଇଁ ତଥା ତାକୁ ପୂର୍ଣ୍ଣ ପ୍ରକାଶ ଓ ପ୍ରଚାର କରିବା ପାଇଁ ବର୍ତମାନର ଯୁଗ ଅର୍ଥାତ୍ କଳି ଯୁଗକୁ ଧାର୍ଯ୍ୟ କଲେ। ଏହି କଳି ଯୁଗରେ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ୍‌ଙ୍କ ଅନୁରୂପ ତଥା ଦାସାନୁଦାସ ମୋହନ ମୋଗଲ ହଜରତ ମିର୍ଜା ଗୁଲାମ ଅହମଦଙ୍କ ସୁସମ୍ବାଦ ଜଣାଇ ପବିତ୍ର କୋରାନବାଣୀରେ କହିଲେ;''ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସମ୍ପ୍ରଦାୟରେ ମଧ୍ୟ ସେ ତାହାଙ୍କୁ ପ୍ରେରଣ କରିବେ ଯେଉଁମାନେ ଅତ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରିନାହାନ୍ତି।'' ଏହି ମହାନ ଯୁଗାବତାରଙ୍କ ସମ୍ବନ୍ଧରେ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ୍ କହିଥିଲେ ଯେ ଯଦି ଧର୍ମବିଶ୍ୱାସ ସପ୍ତର୍ଷିମଣ୍ଡଳ ପର୍ଯ୍ୟନ୍ତ ମଧ୍ୟ ଆରୋହଣ କରିଯିବ ତେବେ ଇରାନୀୟ ବଂଶଜଙ୍କ ମଧ୍ୟରୁ ଜଣେ ବା ତା ଠାରୁ ଅଧିକ ବ୍ୟକ୍ତିଙ୍କ ମାଧ୍ୟମରେ ସେହି ଧର୍ମ ବିଶ୍ୱାସକୁ ଫେରାଇ ଆଣିବେ। ଏହି କଥାରେ ଦୁଇଗୋଟି ଭବିଷ୍ୟବାଣୀ ରହିଛି । ପ୍ରଥମଟି ହେଲା ଯେତେବେଳେ ଇସଲାମ ଧର୍ମର ଗ୍ଳାନି ଘଟିବ, ଧର୍ମବିଶ୍ୱାସରେ ଦୁର୍ବଳତା ପରିଲିଖିତ ହେବ, ତେବେ ସେହି ସମୟରେ ଯୁଗାବତାର ଆସି ପୁନଃ ଧର୍ମସ୍ଥାପନା କରିବେ । ତଥା ସେହି ଯୁଗାବତାରଙ୍କ ମରଣାନ୍ତେ ସେହି ଧର୍ମ ସ୍ଥାପନାର ମହତ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ଲାଗି ଦ୍ୱିତୀୟ ଶକ୍ତି ରୂପେ ଖଲିଫାଙ୍କ ସମୟ କାଳ ଉପନିତ ହେବ। 'ଖଲିଫା'ଶବ୍ଦର ଅର୍ଥ ହେଲା,ଉତରାଧିକାରୀ । ଅବତାରଙ୍କ ମରଣାନ୍ତେ ତାଙ୍କ କାର୍ଯ୍ୟଭାରକୁ ତଥା ସେହି ମିଶନକୁ ସଂପୂର୍ଣ୍ଣ କରିବା ପାଇଁ ଯେଉଁ ବ୍ୟବସ୍ଥା ସ୍ଥାପିତ କରାଯାଏ ତାକୁ ଖିଲାଫତ୍ ବ୍ୟବସ୍ଥା କୁହାଯାଏ । ଯେପରି ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ୍‌ଙ୍କ ମରଣାନ୍ତେ ହଜରତ ଅବୁବକର ସିଦ୍ଦିକ,ହଜରତ ଉମର ଫାରୁକ,ହଜରତ ଉସମାନ ଗନୀ ଏବଂ ହଜରତ ଅଲିଙ୍କ ଖିଲାଫତ୍ ବ୍ୟବସ୍ଥା ଚାଲିଥିଲା । ଠିକ ସେହି ପରି ଭବିଷ୍ୟତବାଣୀ ଅନୁଯାୟୀ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ୍‌ଙ୍କ ୧୩୦୦ ବର୍ଷ ପରେ ଯେତେବେଳେ ଇସଲାମ ନାମକୁ ମାତ୍ର ରହିଯିବ, ତାର ପୁନର୍ଉତ୍‌ଥାନ ନିମନ୍ତେ ଯୁଗବତାର ଆସିବେ ଏବଂ ତାଙ୍କ ପରେ ପୁନର୍ବାର ଖିଲାଫତ ବ୍ୟବସ୍ଥା ସ୍ଥାପିତ ହେବ । ଏହି ପରିପ୍ରେକ୍ଷୀରେ ଅହମଦୀୟା ମୁସଲିମ ଜମାତର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦଙ୍କ ବିୟୋଗ ପରେ ଅହମଦୀୟା ଆନ୍ଦୋଳନରେ ପ୍ରଥମେ ହଜରତ ମୌଲବି ହକିମ ନୁରୁଦ୍ଦିନ ସାହେବ(୧୯୦୮-୧୯୧୪), ଦ୍ୱିତୀୟରେ ହଜରତ ମିର୍ଜା ବଶିରୁଦ୍ଦିନ ମହମୁଦ ଅହମଦ ସାହେବ(୧୯୧୪-୧୯୬୫),ତୃତୀୟରେ ହଜରତ ମିର୍ଜା ନାସର




ଅହମଦ ସାହେବ (୧୯୬୫-୧୯୮୨),ଚତୁର୍ଥରେ ହଜରତ ମିର୍ଜା ତାହେର ଅହମଦ ସାହେବ(୧୯୮୨-୨୦୦୩) ଏବଂ ବର୍ତମାନ ହଜରତ ମିର୍ଜା ମସରୁର ଅହମଦ ସାହେବ (୨୦୦୩ - ଏପର୍ଯ୍ୟନ୍ତ ) ସମ୍ପ୍ରତି ଲଣ୍ଡନରେ ଖିଲାଫତ ଆସନରେ ଅଧିସ୍ଥିତ ହୋଇଛନ୍ତି । ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃଙ୍କର ଏହି ଦ୍ୱିତୀୟ ଶକ୍ତି ଖିଲାଫତ୍‌ର ବ୍ୟବସ୍ଥା ଦ୍ୱାରା ବିଶ୍ୱରେ ଧର୍ମ ଓ ଶାନ୍ତି ସ୍ଥାପିତ ହୋଇଚାଲିଛି।

ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃ ସ୍ୱୟଂ ଜଣେ ବ୍ୟକ୍ତି ବିଶେଷକୁ ଯେକି ସତ୍ୟବାଦୀ ଏବଂ ଧର୍ମପରାୟଣ ହୋଇଥାଏ, ତାକୁ ଖଲିଫା ନିର୍ବାଚିତ କରିଥାନ୍ତି । ଯେପରି ପବିତ୍ର କୋରାନ କୁହେ; ''ତୁମମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ ରଖନ୍ତି ଓ ଉଚିତ୍ କର୍ମ କରୁଛନ୍ତି ସେମାନଙ୍କ ସହିତ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃ ଅଙ୍ଗୀକାର କରିଛନ୍ତି ଯେ ସେ ସେମାନଙ୍କୁ ଭୂପୃଷ୍ଠରେ ଖଲିଫା (ଉତରାଧିକାରୀ) କରିବେ ଯେପରି ସେ ସେମାନଙ୍କୁ ପୂର୍ବବର୍ତୀ ଲୋକମାନଙ୍କୁ ଖଲିଫା କରିଥିଲେ ।'' ସୁତରାଂ ବର୍ତମାନ ଅହମଦୀୟା ମୁସଲିମ ସଂପ୍ରଦାୟରେ ଖିଲାଫତର ପରମ୍ପରା ପ୍ରଚଳିତ ରହିଛି। ତଥା ହଜରତ ମିର୍ଜା ମସରୁର ଅହମଦ ଅହମଦୀୟା ମୁସଲିମ ସଂପ୍ରଦାୟର ପଂଚମ ଖଲିଫା ରୂପେ କାର୍ଯ୍ୟଭାର ସମ୍ପାଦନ କରି ଚାଲିଛନ୍ତି । ସେ ପାକିସ୍ତାନର ରବୁଆରେ ୧୫ ସେପ୍ଟେମ୍ବର ୧୯୫୦ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ୧୯୭୭ ମସିହାରେ ପାକିସ୍ତାନର ଫୈସିଲାବାଦ ସ୍ଥିତ କୃଷି ବିଶ୍ୱ ବିଦ୍ୟାଳୟରୁ କୃଷି ଅର୍ଥନୀତିରେ ସ୍ନାତକୋତର ଡ଼ିଗ୍ରୀ ହାସଲ କରିଥିଲେ। ୧୯୭୭ ମସିହାରୁ ସେ ନିଜ ଜୀବନକୁ ମାନବସେବା ପାଇଁ ଉତ୍ସର୍ଗ କରିଥିଲେ। ତାଙ୍କର ବଳିଷ୍ଠ ନେତୃତ୍ୱରେ ଅହମଦୀୟା ମୁସଲିମ ସଂପ୍ରଦାୟ ପୃଥିବୀର ୨୧୪ ଗୋଟି ରାଷ୍ଟ୍ରରେ ବହୁ ସଂଖ୍ୟାରେ ଦାତବ୍ୟ ଅନୁଷ୍ଠାନ,ଚିକିତ୍ସାଳୟ, ଉପାସନାଗୃହ ନିର୍ମାଣ, ବିଦ୍ୟୁତ ଓ ଜଳ ଯୋଗାଣ ତଥା ଦିନଦରିଦ୍ରଙ୍କୁ ସାହାଯ୍ୟ ଓ ସମର୍ଥନ କରିବା, ଶିକ୍ଷା ଓ ପ୍ରଶିକ୍ଷଣର ଯୋଜନାମାନ କରିଚାଲିଛନ୍ତି । ସେ ପ୍ରକୃତ ଇସଲାମର ସାରଗର୍ଭ ତତ୍ତ୍ୱକୁ ୟୁରୋପ ଓ ଆମେରିକାର ତଥା ବିଭିନ୍ନ ରାଷ୍ଟ୍ରର ସାଂସଦ ଭବନରେ ବିଶ୍ୱ ଶାନ୍ତିସଭା ସ୍ଥାପିତ କରି ପ୍ରକୃତ ଇସଲାମର ମର୍ମସ୍ପର୍ଶୀ ଭାଷଣ ମାଧ୍ୟମରେ ବିଶ୍ୱବ୍ୟାପି ଅଭିଯାନ ଆରମ୍ଭ କରିଛନ୍ତି। ଯଦ୍ୱାରା ଇସଲାମର ଶାନ୍ତି ଓ ସହାବସାନ ବାର୍ତାକୁ ସମାଜର ବିଭିନ୍ନ ବର୍ଗରେ ଲୋକଙ୍କ ମଧ୍ୟରେ ପରିବେଶଣ କରୁଛନ୍ତି। ତଥା ବିଶ୍ୱର ପ୍ରମୁଖ ରାଷ୍ଟ୍ରମୁଖ୍ୟ ଏବଂ ଧର୍ମଗୁରୁମାନଙ୍କୁ ପତ୍ର ମାଧ୍ୟମରେ ଶାନ୍ତି ପ୍ରତି ଆହ୍ୱାନ ଜଣାଇ ନ୍ୟାୟ ପ୍ରତିଷ୍ଠା କ୍ଷେତ୍ରରେ ସେମାନଙ୍କ ଦାୟିତ୍ୱବୋଧ ପ୍ରତି ସଚେତନ କରାଉଛନ୍ତି ।ଆଜି ବିଶ୍ୱସମାଜରେ ଅହମଦୀୟା ମୁସଲିମ ସଂପ୍ରଦାୟ ଖିଲାଫତର ସୁବ୍ୟବସ୍ଥା ମାଧ୍ୟମରେ ଏକତା, ଅଖଣ୍ଡତା, ଭାଇଚାରା, ସ୍ନେହ, ସହାନୁଭୂତି, ମାନବସେବା,ବିଶ୍ୱ ଶାନ୍ତି କ୍ଷେତ୍ରରେ ବଳିଷ୍ଠ ପ୍ରୟାସ କରିଚାଲିଛି। ଆସନ୍ତୁ ଆମେ ସଭିଏଁ ଏକ ମନ ଏକ ପ୍ରାଣ ହୋଇ ଖିଲାଫତ୍‌ର ହାତକୁ ସୁଦୃଢ଼ କରିବା ଏବଂ ସର୍ବେ ଭବନ୍ତୁ ସୁଖିନର ପ୍ରେମଭରା ସଂଦେଶ ସାରା ବିଶ୍ୱରେ ପ୍ରସାର କରିବା ।

***ମଙ୍ଗଳାବାଗ, କଟକ***
***ଦୂରଭାଷ : ୯୬୯୨୨୨୫୦୫୭***



# ମଣ୍ଡିରୁ ଧାନ ଉଠାବେଳେ ଚାଷୀ ଉପସ୍ଥିତ ରହିବା ବାଧ୍ୟତାମୂଳକ



**ଭୁବନେଶ୍ୱର :** ରବି ଧାନ ସଂଗ୍ରହ ପାଇଁ ରାଜ୍ୟର ୧୭ ଜିଲ୍ଲାରେ ମଣ୍ଡି ଖୋଲିବା ଆରମ୍ଭ ହେଉଛି। ଏଭଳି ସ୍ଥଳେ ରାଜ୍ୟଯୋଗାଣ ବିଭାଗ ଚାଷୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଧାନ ଉଠା ବେଳେ ଚାଷୀଙ୍କ ଉପସ୍ଥିତିକୁ ବାଧ୍ୟତାମୂଳକ କରିଛନ୍ତି। ଅର୍ଥାତ୍ ଟୋକନ୍ ମିଳିଥିବା ଚାଷୀ ମଣ୍ଡିରେ ଉପସ୍ଥିତ ନ ରହିଲେ ସମ୍ପୃକ୍ତ ଚାଷୀଙ୍କର ଧାନ ସରକାର କ୍ରୟ କରିବେ ନାହିଁ। ସରକାରଙ୍କ କହିବା ଅନୁଯାୟୀ ଏଭଳି ବ୍ୟବସ୍ଥା ଦ୍ୱାରା ଚାଷୀଙ୍କ ଟୋକନ୍ ଅନ୍ୟ କେହି ବ୍ୟବହାର କରିବେ ନାହିଁ। ସରକାର ସୁନିଶ୍ଚିତ କରିବେ ଯେ ଯେଉଁ ଚାଷୀ ଟୋକନ୍ ପାଇଛନ୍ତି, ସେ ହିଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟର ଲାଭ ପାଉଛନ୍ତି। ତେବେ ସରକାରଙ୍କର ଏଭଳି ବ୍ୟବସ୍ଥାକୁ ଅନେକ ଚାଷୀ ବିରୋଧ କରୁଛନ୍ତି। ଚାଷୀ କହିଛନ୍ତି ଯେ ଅନେକ ବୃଦ୍ଧ ଚାଷୀ କିମ୍ବା ଅସୁସ୍ଥ ବ୍ୟକ୍ତିମାନେ ଧାନ ବିକ୍ରି କରିବାକୁ ନିଜେ ଆସି ପାରିବେ ନାହିଁ। ତାଙ୍କର ପ୍ରମାଣପତ୍ର ନେଇ ତାଙ୍କ ନୋମିନୀ କାହିଁକି ଧାନ ମଣ୍ଡିରେ ଧାନ ବିକ୍ରି କରିପାରିବେ ନାହିଁ। ସେହିଭଳି ଧାନ ବିକ୍ରି ଟଙ୍କା ସିଧାସଳଖ ଚାଷୀ ଆକାଉଣ୍ଟକୁ ଯାଇଥାଏ। ଏଭଳି ସ୍ଥଳେ ଅନିୟମିତତାର ପ୍ରଶ୍ନ ଉଠୁନାହିଁ। ମୁଖ୍ୟତଃ ସରକାର କମ୍ ଧାନ ଉଠାଇବା ପାଇଁ ଏଭଳି ଅଜବ ନିୟମ କରୁଛନ୍ତି। ଏସମ୍ପର୍କରେ ବିଭିନ୍ନ ଜିଲ୍ଲାରର ଯୋଗାଣ ଅଧିକାରୀଙ୍କୁ ପଚାରିବାରେ କୁହାଯାଇଛି ଯେ ଯୋଗାଣ ବିଭାଗ ଚାଷୀଙ୍କ ଉପସ୍ଥିତିରେ ଧାନ ବିକିବାକୁ ବାଧ୍ୟତାମୂଳକ କରିଥିବା କଥା ସତ୍ୟ। ତେବେ ଜରୁରୀକାଳୀନ ସ୍ଥିତିରେ ଚାଷୀମାନେ କଣ କରିବେ ସେନେଇ ରାଜ୍ୟ ଯୋଗାଣ ବିଭାଗକୁ ପ୍ରଶ୍ନ ପଚରାଯିବ। ଓଡ଼ିଶା ରାଜ୍ୟ ସାଧାରଣ ବଣ୍ଟନ ନିଗମର ଜନୈକ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ କେହି ଅସୁସ୍ଥତା କିମ୍ବା ବାର୍ଦ୍ଧକ୍ୟ କାରଣରୁ ମଣ୍ଡିରେ ପହଞ୍ଚି ନ ପାରିଲେ ମଧ୍ୟ ସେମାନଙ୍କର ଧାନ ଗ୍ରହଣ କରାଯିବ। ସରକାର ଚାଷୀର ଅସୁବିଧାକୁ ବୁଝି ଧାନ ବିକିବାକୁ ଅନୁମତି ଦେବେ। ମାତ୍ର ସାମଗ୍ରିକ ଭାବେ ସମସ୍ତ ଚାଷୀ ଧାନ ବିକ୍ରି ସମୟରେ ମଣ୍ଡିରେ ଉପସ୍ଥିତ ରହିବେ। ଚାଷୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଏଭଳି ନିଷ୍ପତ୍ତି ନିଆଯାଇଛି। ଧାନ ଯିଏ ବିକୁଛନ୍ତି ସେ ଉପସ୍ଥିତ ରହିଲେ ଅନିୟମିତତାର ସବୁ ରାସ୍ତା ବନ୍ଦ ହେବ ବୋଲି ଯୋଗାଣ ବିଭାଗ ଅନୁଭବ କରୁଛି। ସେହିଭଳି ସର୍ବନିମ୍ନ ସହାୟକ ମୂଲ୍ୟଠାରୁ କମ୍ ମୂଲ୍ୟରେ ଧାନ ବିକ୍ରି କରିବାକୁ ମିଲର କିମ୍ବା ଅଧିକାରୀମାନେ ବାଧ୍ୟ କଲେ ଚାଷୀମାନେ ସିଧାସଳଖ ଭାବେ ଯୋଗାଣ ବିଭାଗ ସହ ଯୋଗାଯୋଗ କରିପାରିବେ ବୋଲି କୁହାଯାଇଛି।

# ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାରର ହେବ ନବକଳେବର



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭିକେ ପାଣ୍ଡିଆନ ଶୁକ୍ରବାର ଭୁବନେଶ୍ୱରର ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର ପରିଦର୍ଶନରେ ଯାଇଥିଲେ। ସେଠାରେ ସେ ଛାତ୍ରଛାତ୍ରୀମାନଙ୍କ ସହିତ ସେମାନଙ୍କର ସୁବିଧା ଅସୁବିଧା ସଂପର୍କରେ ଆଲୋଚନା କରିଥିଲେ। ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର ରାଜ୍ୟର ଏକ ପ୍ରମୁଖ ପାଠାଗାର ଏବଂ ପ୍ରତିଦିନ ଏଠାକୁ ଶହ ଶହ ଛାତ୍ରଛାତ୍ରୀ ତଥା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଯୁବ ବର୍ଗ ଓ ସାଧାରଣ ଲୋକ ଅଧ୍ୟୟନ ପାଇଁ ଆସିଥାନ୍ତି। ଏହି ପାଠାଗାରଟି ପୁରୁଣା ହୋଇଯାଇଥିବାରୁ, ଏହାର ପୁନରୁଦ୍ଧାର କରାଯାଇ ଚୌକି, ଟେବୁଲ ଓ ଅନ୍ୟ ଆସବାବପତ୍ରର ନବୀକରଣ ସହ ଚଟାଣ ଓ ବିଭିନ୍ନ ସିଭିଲ ଷ୍ଟ୍ରକଚରର ମଧ୍ୟ ଉନ୍ନତି କରାଯିବ। ତା ସହିତ ପୁସ୍ତକ ଗୁଡିକ ଅତ୍ୟାଧୁନିକ ପଦ୍ଧତିରେ ସଂରକ୍ଷଣ ସହ ସଂପୂର୍ଣ୍ଣ ପାଠାଗାରକୁ ବାତାନୁକୂଳିତ କରାଯିବ। ପାଠାଗାର ପରିସରରେ ଥିବା ନୂତନ କୋଠାରେ ଆସବାବପତ୍ର ଓ ବାତାନୁକୂଳ ବ୍ୟବସ୍ଥା କରାଯାଇ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ଓ ଜନସାଧାରଣ ଯେଭଳି ସୁବିଧାରେ ଅଧ୍ୟୟନ କରିପାରିବେ, ସେଥିପାଇଁ ପଦକ୍ଷେପ ନିଆଯିବ। ଲାଇବ୍ରେରୀ ପ୍ରାଙ୍ଗଣର ଲ୍ୟାଣ୍ଡ ସ୍କେପିଂ କରାଯିବ। ତା ସହିତ ଲାଇବ୍ରେରୀକୁ ଆସୁଥିବା ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କ ପାଇଁ ଫୁଡକୋର୍ଟ ଖୋଲାଯିବ ଓ ମିଶନ ଶକ୍ତି ପକ୍ଷରୁ କାଫେଟେରିଆ ମଧ୍ୟ କରାଯିବ। ଏତଦ୍‌ବ୍ୟତୀତ ଛାତ୍ରଛାତ୍ରୀ ମାନଙ୍କ ସୁବିଧା ପାଇଁ ଆହାର କେନ୍ଦ୍ର ମଧ୍ୟ ଖୋଲାଯିବ। ଲାଇବ୍ରେରୀକୁ ଆସୁଥିବା ଛାତ୍ରଛାତ୍ରୀମାନେ, ମୁଖ୍ୟତଃ ବିଭିନ୍ନ ପ୍ରତିଯୋଗୀତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବାରୁ ଲାଇବ୍ରେରୀରେ ପର୍ଯ୍ୟାପ୍ତ ପ୍ରତିଯୋଗିତା ମୂଳକ ପତ୍ରିକା ରଖାଯିବ ଏବଂ ସଂପୂର୍ଣ୍ଣ ଲାଇବ୍ରେରୀକୁ ଡିଜିଟାଲ ଦ୍ୱାରା ପରିଚାଳିତ କରାଯିବ। ଏତଦ୍‌ବ୍ୟତୀତ କ୍ୟାରିୟର କାଉନସିଲିଂ ପାଇଁ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ବ୍ୟକ୍ତିତ୍ୱ ମାନଙ୍କ ଦ୍ୱାରା ମୋଟିଭେସନାଲ ଟକ୍ ଆୟୋଜନ ମଧ୍ୟ ନିୟମିତ ଭାବରେ କରାଯିବ। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହା ବିଶେଷ ସହାୟକ ହେବ। ହରେକୃଷ୍ଣ ମହତାବ ରାଜ୍ୟ ଲାଇବ୍ରେରୀରେ ୱାଇଫାଇ ବ୍ୟବସ୍ଥା ଉପଲବ୍ଧ କରାଯିବ। ରାଜ୍ୟ ପାଠାଗାରରେ ଭିଡ କମାଇବା ପାଇଁ ବାପୁଜୀ ନଗରରେ ଜନ ଲାଇବ୍ରେରୀ ଖୋଲାଯିବ। ସେଠାରେ ଅତ୍ୟାଧୁନିକ ସୁବିଧା ସୁଯୋଗର ବିକାଶ କରାଯିବ। ସେଠାରେ ମଧ୍ୟ ଫୁଡକୋର୍ଟର ବ୍ୟବସ୍ଥା ରଖାଯିବ। ଏହି କାର୍ଯ୍ୟକ୍ରମଟି ୫-ଟି ଉପକ୍ରମରେ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଦ୍ୱାରା କାର୍ଯ୍ୟକାରୀ କରାଯିବ। ୫-ଟି ସଚିବଙ୍କ ଗସ୍ତ ସମୟରେ ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ମୁକ୍ତି ପକ୍ଷରୁ ମଞ୍ଚସ୍ଥ ନାଟକ 'ଚତୁରା କାହାର'ର କିଛି ଦୃଶ୍ୟ...। ନିର୍ଦ୍ଦେଶକ : ସୂର୍ଯ୍ୟ ମହାନ୍ତି, ଅନୁସୃଜନ : ଡ. ଶକ୍ତି ମହାନ୍ତି, ସହକାରୀ ନିର୍ଦ୍ଦେଶକ : ଆକାଶ ବେହୁରା।

# ଶିକ୍ଷାନୁଷ୍ଠାନରେ ମିଳିବ ମାଗଣା ଇଣ୍ଟରନେଟ୍



**ଭୁବନେଶ୍ୱର :** ଛାତ୍ରଛାତ୍ରୀଙ୍କୁ ମିଳିବ ମାଗଣା ୱାଇଫାଇ ଓ ୧ ଜିବି ଡାଟା। ବୈଷୟିକ ଶିକ୍ଷାନୁଷ୍ଠାନ, କଲେଜ, ବିଶ୍ୱବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମିଳିବ ଏହି ସେବା। ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଉଚ୍ଚ ଶିକ୍ଷା ବିଭାଗ ଏହି ନିଷ୍ପତ୍ତି ନେଇଛି। ଏନେଇ ସୂଚନା ଦେଇଛନ୍ତି ଉଚ୍ଚ ଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ। ରାଜ୍ୟ ସରକାର ୨୦୨୩-୨୪ ଶିକ୍ଷାବର୍ଷରୁ ସମସ୍ତ କଲେଜ ଛାତ୍ରଛାତ୍ରୀଙ୍କୁ ମାଗଣା ୧ଜିବି ଡାଟା ଉପଲବ୍ଧ କରାଇବେ। ବିଜେଡି ନିଜର ନିର୍ବାଚନୀ ଇସ୍ତାହାରରେ ଛାତ୍ରଛାତ୍ରୀଙ୍କୁ ମାଗଣା ୧ଜିବି ଡାଟା ପ୍ରଦାନ ପାଇଁ ଦେଇଥିବା ପ୍ରତିଶ୍ରୁତି ଆଧାରରେ ଏହି ଡାଟା ଯୋଗାଇ ଦିଆଯିବ। ଏଥିପାଇଁ ଏବେ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଆଇଟି ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି ବୋଲି ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ କହିଛନ୍ତି। ନିଜ ପଞ୍ଚମ ପାଳି ସରକାରର ୪ର୍ଥ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଚ୍ଚଶିକ୍ଷା ବିଭାଗ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହାସହିତ ବିଗତ ୪ବର୍ଷ ମଧ୍ୟରେ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ କାର୍ଡ ଦିଆଯାଇଥିଲା। ଏ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ଯେ, ଏବେ ରାଜ୍ୟର ସମସ୍ତ ବୈଷୟିକ ଅନୁଷ୍ଠାନ, କଲେଜ ଓ ବିଶ୍ୱବିଦ୍ୟାଳୟଗୁଡିକରେ ମାଗଣା ୱାଇଫାଇ ସୁବିଧା ଅଛି। ଛାତ୍ରଛାତ୍ରୀମାନଙ୍କୁ ମାଗଣା ୧ ଜିବି ଡାଟା ଯୋଗାଇଦେବା ପାଇଁ ଆଇଟି ବିଭାଗ କାର୍ଯ୍ୟ କରୁଛି। ୨୦୧୬-୧୭ ଠାରୁ କଳିଙ୍ଗ ଶିକ୍ଷା ସହାୟତା ଯୋଜନାରେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ଶତକଡା ୧ ସୁଧ ହାରରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଋଣ ଯୋଗାଇ ଦିଆଯାଉଛି ଏବଂ ବଳକା ସୁଧ ରାଜ୍ୟ ସରକାର ବହନ କରୁଛନ୍ତି। ରାଜ୍ୟରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଉଚ୍ଚଶିକ୍ଷା ବିଭାଗ ନିରନ୍ତର ପ୍ରୟାସ ଜାରି ରଖିଛି। ସର୍ବଭାରତୀୟ ସେବା ପରୀକ୍ଷା ନିମନ୍ତେ ଓଡ଼ିଆ ଛାତ୍ରଛାତ୍ରୀମାନଙ୍କୁ ତାଲିମ ପ୍ରଦାନ ନିମନ୍ତେ ସମସ୍ତ ବର୍ଗର ୨୦୦ ମେଧାବୀ ବେସାମରିକ ସେବା ଆଶାୟୀମାନଙ୍କ ପାଇଁ ମାଗଣାରେ ତାଲିମ ବ୍ୟବସ୍ଥା ସହ ରହିବା ଓ ଖାଇବାର ବ୍ୟବସ୍ଥା କରାଯାଇଛି। ୨୦୦୦ ମସିହାରେ ରାଜ୍ୟରେ ୫୪୮ଟି ଯୁକ୍ତ ୩ କଲେଜ ଥିବାବେଳେ ୨୦୨୩ରେ ଏହି କଲେଜ ସଂଖ୍ୟା ୧୦୨୪କୁ ବୃଦ୍ଧି ପାଇଛି। ସେହିପରି ବିଶ୍ୱବିଦ୍ୟାଳୟ ସଂଖ୍ୟା ୬ରୁ ୨୫କୁ ବୃଦ୍ଧି ହୋଇଛି। ୨୦୦୦ ମସିହାରେ ଯୁକ୍ତ ୩ ଶ୍ରେଣୀରେ ୩.୨ଲକ୍ଷ ଛାତ୍ରଛାତ୍ରୀ ନାମ ଲେଖାଉଥିବାବେଳେ ୨୦୨୩ରେ ଏହା ୬.୫ଲକ୍ଷକୁ ବୃଦ୍ଧି ପାଇଛି। ଷ୍ଟୁଡେଣ୍ଟସ୍ ସ୍ପୋର୍ଟସ ପଲିସି ଓ ଷ୍ଟାର୍ଟଅପ୍ ନୀତି ଖୁବଶୀଘ୍ର ଆରମ୍ଭ କରାଯିବ। ଏହାସହିତ ସବୁ କଲେଜରେ ଆନ୍ତର୍ଜାତିକ ଯୁଥ୍ ଫେଷ୍ଟିଭାଗ ହେବ। ଓଡିଆ ଭାଷାକୁ ପ୍ରୋତ୍ସାହନ ଦେବା ପାଇଁ ୨୦୧୬-୧୭ ମସିହାରୁ ସରକାର ୨୦ ହଜାର ଟଙ୍କା (ଏକକାଳୀନ), ୧୨ ଶହ ସ୍ନାତକ ଓ ୩୦୦ ସ୍ନାତକୋତ୍ତର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରୁଛନ୍ତି। ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଆର୍ôଥକ ସହାୟତା ଯୋଗାଇଦେବା ପାଇଁ ସରକାର ୨୦୧୯-୨୦ ମସିହାରୁ ବାର୍ଷିକ ୨୦ ହଜାର ଟଙ୍କା ଗୋପବନ୍ଧୁ ସହାୟତା ଯୋଜନାରେ ଯୋଗାଇ ଦେଉଛନ୍ତି। ଆର୍ôଥକ ସାହାଯ୍ୟ ଚାହୁଁଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ଏହାର ମୂଳ ଲକ୍ଷ୍ୟ। ଏଥିପାଇଁ ବଜେଟରେ ପ୍ରତିବର୍ଷ ସରକାର ୪୦ କୋଟିରୁ ଅଧିକ୍ ଟଙ୍କାର ବ୍ୟବସ୍ଥା ରଖିଛନ୍ତି। କଳିଙ୍ଗ ଶିକ୍ଷା ସହାୟତା ଯୋଜନା ଅଧୀନରେ ଶିକ୍ଷା ଋଣ ନେଇଥିବା ଛାତ୍ରଛାତ୍ରୀମାନେ ୧% ସୁଧ ଦେଉଥିଲାବେଳେ ସୁଧ ବବାଦକୁ ବଳକା ଅର୍ଥ ସରକାର ବହନ କରୁଛନ୍ତି ବୋଲି ସେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


# ଭୁବନେଶ୍ୱର ଏମ୍ସରେ ଆରମ୍ଭ ହେବ ଟିଚିଙ୍ଗ୍ ଓ ରିସର୍ଚ୍ଚ ଆସିଷ୍ଟାଣ୍ଟ୍ କାର୍ଯ୍ୟକ୍ରମ



**ଭୁବନେଶ୍ୱର :** ଏମ୍ସ ଭୁବନେଶ୍ୱରରେ ଏମ୍‌ବିବିଏସ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗବେଷଣା ଓ ନବସୃଜନ ଦିଗରେ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ସହିତ ସକ୍ରିୟ ଭାଗିଦାରୀତା ତଥା ସହଯୋଗ ନିମନ୍ତେ ଟିଚିଙ୍ଗ୍ ଆସିଷ୍ଟାଣ୍ଟ୍ (ଟିଏ) ଏବଂ ରିସର୍ଚ୍ଚ ଆସିଷ୍ଟାଣ୍ଟ୍ (ଆରଏ) କାର୍ଯ୍ୟକ୍ରମ ଆରମ୍ଭ ହେବ। ଏମ୍ସରେ ଅଧ୍ୟୟନ କରୁଥିବା ସିନିୟର୍ ମେଧାବୀ ଛାତ୍ରଛାତ୍ରୀ ସେମାନଙ୍କର ଜୁନିୟର୍ ଛାତ୍ରଛାତ୍ରୀଙ୍କର ଟିଏ ଓ ଆରଏ ଭାବେ ଦାୟିତ୍ୱ ନିର୍ବାହ କରିବେ। ଏଥିସହିତ ସେମାନେ ଜୁନିୟର ଛାତ୍ରଛାତ୍ରୀଙ୍କୁ ଉଭୟ ପାଠପଢ଼ା ତଥା ଗବେଷଣାରେ ସହଯୋଗ କରିବେ ବୋଲି ଏମ୍ସ ଭୁବନେଶ୍ୱରର ନୂତନ ଅଧକ୍ଷ ପ୍ରଫେସର ଡାକ୍ତର ଏକେ ବିଶୋଇ ସୂଚନା ଦେଇଛନ୍ତି। ନୂତନ ଭାବେ ଏହି ମର୍ଯ୍ୟାଦାଜନକ ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଅଧକ୍ଷ ଭାବେ ମନୋନୀତ ହେବା ପରେ ଏମ୍ସକୁ ପ୍ରଥମ ଗସ୍ତରେ ଆସି ଏପରି କହିଛନ୍ତି ଡାକ୍ତର ବିଶୋଇ। ଏହି କାର୍ଯ୍ୟକ୍ରମ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ଆଧୁନିକ ଚିକିତ୍ସା ବିଜ୍ଞାନରୁ ଅଧିକ ଶିକ୍ଷାଲାଭ ଓ ନୂତନ ଅନୁସନ୍ଧାନ କ୍ଷେତ୍ରରେ ସେମାନଙ୍କର ପାରଦର୍ଶିତାକୁ ବୃଦ୍ଧି କରିବାରେ ବିଶେଷ ସହାୟକ ହେବ ବୋଲି ସେ ଆଶା ରଖିଛନ୍ତି। ତିନି ଦଶନ୍ଧିର ବୃତ୍ତିଗତ ଉତ୍କର୍ଷତା ସହିତ ସମଗ୍ର ଦେଶରେ ସୁପରିଚିତ ସଫଳ କାର୍ଡିଆକ୍ ସର୍ଜନ ଡାକ୍ତର ଅକ୍ଷୟ କୁମାର ବିଶୋଇଙ୍କୁ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାଦ ସ୍ୱାଗତ କରିଥିଲେ। ଏହି ଗସ୍ତ ଅବସରରେ ଡାକ୍ତର ବିଶୋଇ ଓପିଡିରେ ବୁଲି ରୋଗୀମାନଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ, ଛାତ୍ରଛାତ୍ରୀ ଓ ଏମ୍ସର କର୍ମଚାରୀଙ୍କ ସହିତ ମଧ୍ୟ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ। ଏମ୍ସରେ ସ୍ୱାସ୍ଥ୍ୟସେବା ପ୍ରଦାନ ବ୍ୟବସ୍ଥାକୁ ଆହୁରି ଅଧିକ କ୍ରିୟାଶୀଳ କରିବା ନିମନ୍ତେ ବିଭିନ୍ନ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ସୃଷ୍ଟି ସହିତ ଉଭୟ ଶିକ୍ଷା ଓ ସ୍ୱାସ୍ଥ୍ୟସେବାରେ ସଂପୃକ୍ତ ହେବା ନେଇ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ଡାକ୍ତର ବିଶୋଇ।




# କଟକ ପାଣିପାଗ କେନ୍ଦ୍ରକୁ ମିଳିଲା ଐତିହାସିକ ମାନ୍ୟତା



**କଟକ :** କଟକ ପାଣିପାଗ ପର୍ଯ୍ୟବେକ୍ଷଣ କେନ୍ଦ୍ରକୁ ଐତିହାସିକ ପର୍ଯ୍ୟବେକ୍ଷଣ କେନ୍ଦ୍ରର ମାନ୍ୟତା ମିଳିଛି। ଏହି କେନ୍ଦ୍ର ୧୫୬ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ପାଣିପାଗ ପର୍ଯ୍ୟବେକ୍ଷଣ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଶହେରୁ ଅଧିକ ବର୍ଷ ସେବା ଯୋଗାଇଥିବା ଓଡ଼ିଶାର କଟକ, ଗୁଜରାଟର ଭେରାବାଲ ଓ ଦ୍ୱାରିକା କେନ୍ଦ୍ରକୁ ଆଜି ଐତିହାସିକ ମାନ୍ୟତା ଦିଆଯିବା ସମ୍ପର୍କରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଘୋଷଣା କରାଯାଇଛି। ଏହି ତିନିଟି କେନ୍ଦ୍ର ମଧ୍ୟରୁ କଟକ ସବୁଠାରୁ ପୁରୁଣା ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ୧୮୭୫ ଜାନୁଆରି ୧୫ ତାରିଖରେ ଭାରତୀୟ ପାଣିପାଗ ବିଭାଗ ଆରମ୍ଭ ହୋଇଥିଲା। ଏହାର ୮ବର୍ଷ ପୂର୍ବରୁ ନୌବାଣିଜ୍ୟ କାରବାର ଚାଲିଥିବା ନଦୀ ଓ ସମୁଦ୍ର ତଟବର୍ତ୍ତୀ ଓଡ଼ିଶାର କଟକ ସମେତ ବିଭିନ୍ନ ରାଜ୍ୟର ପ୍ରମୁଖ ସ୍ଥାନଗୁଡ଼ିକରେ ପାଣିପାଗର ସୂଚନା, ସମୁଦ୍ରର ଗତିପଥ, ନଦୀର ଗତିପଥ ସମ୍ପର୍କରେ ନାବିକ ଓ ବ୍ୟବସାୟୀଙ୍କୁ ଅବଗତ କରାଇବା ନିମନ୍ତେ ବ୍ରିଟିସ୍‌ମାନଙ୍କ ଦ୍ୱାରା ଏଭଳି କେନ୍ଦ୍ର ଖୋଲାଯାଇଥିଲା। କଟକରେ ନୌବାଣିଜ୍ୟ ପରମ୍ପରା ଅତ୍ୟନ୍ତ ପ୍ରାଚୀନ। କଟକର ଗଣେଶ ଘାଟରୁ ବ୍ୟବସାୟୀମାନେ ବ୍ୟବସାୟ ପାଇଁ ବାଲି, ବର୍ମ୍ମା, ଜାଭା, ସୁମାତ୍ରା ସମେତ ବିଭନ୍ନ ଦେଶକୁ ଯାତ୍ରା କରୁଥିଲେ। ସେହିସମୟରେ କଟକର ପୋଷ୍ଟାଲ୍ ବିଭାଗର ଟେଲିଗ୍ରାମ୍ ହେଉଥିବା ସ୍ଥାନ ମିସନ୍ରୋଡ୍‌ର ୧୮୬୭ ମାର୍ଚ୍ଚ ୨୩ ତାରିଖ ଏହି କାର୍ଯ୍ୟାଳୟ ଖୋଲାଯାଇଥିଲା। ସେତେବେଳେ ଏହାର ଆଞ୍ଚଳିକ କାର୍ଯ୍ୟାଳୟ କୋଲକାତାରେ ରହିଥିଲା। କଟକ ଭଳି ଓଡ଼ିଶାର ପୁରୀ, ଗୋପାଳପୁର, ଚାନ୍ଦବାଲି ଓ ବାଲେଶ୍ୱରରେ ମଧ୍ୟ ପାଣିପାଗ କେନ୍ଦ୍ର ଖୋଲାଯାଇଥିଲା। ୧୦୦ରୁ ଅଧିକ ବର୍ଷ ଧରି ପାଣିପାଗ ସମ୍ପର୍କିତ ପର୍ଯ୍ୟବେକ୍ଷଣ ଓ ସୂଚନା ପ୍ରଦାନ କରି ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କଟକ ପାଣିପାଗ ପର୍ଯ୍ୟବେକ୍ଷଣ କେନ୍ଦ୍ରକୁ ଐତିହାସିକ ପାଣିପାଗ ପର୍ଯ୍ୟବେକ୍ଷଣ କେନ୍ଦ୍ର ଭାବେ ଆଜି ଆଇଏମ୍‌ଡି ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଛି।




# ବଦଳିବ ଶିଖରଚଣ୍ଡୀ ମନ୍ଦିରର ରୂପରେଖ



**ଭୁବନେଶ୍ୱର :** ବଦଳିବ ଶିଖରଚଣ୍ଡୀ ମନ୍ଦିର ରୂପ ରେଖ। ପାହାଡ଼ର ନବକଳେବର ପରେ ନୂଆ ରୂପରେ ଶୋଭାପାଇବ ମାଆ ଶିଖରଚଣ୍ଡୀ ମନ୍ଦିର। ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ଯୋଡ଼ି ହେବ ଏହି ପୀଠ। ମନ୍ଦିର ଓ ତାହାର ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନୟନ କରାଯାଇ ଶିଖରଚଣ୍ଡୀକୁ ଭୁବନେଶ୍ୱର ସହରର ଅନ୍ୟତମ ଆକର୍ଷଣ କେନ୍ଦ୍ର ଭାବରେ ବିକଶିତ କରାଯିବ। ୫୩.୬୪ ଏକର ଅଞ୍ଚଳରେ ହେବ ଏହି ଉନ୍ନତି କାର୍ଯ୍ୟ। ଏଥିପାଇଁ ୨୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ଲକ୍ଷ୍ୟ ନେଇ ଶିଖରଚଣ୍ଡୀ ପାହାଡର ସୋନ୍ଦର୍ଯ୍ୟ କରଣ କାର୍ଯ୍ୟର ଭିତ୍ତି ପ୍ରସ୍ତର ଆଜି ସ୍ଥାପନ ହୋଇଛି। ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ଅଶ୍ୱିନି ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଉତ୍ସବରେ ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଶିଖରଚଣ୍ଡୀ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳର ୫୩.୬୪ ଏକର ଜମିରେ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବ। ବିଡିଏ ଏହି ଉନ୍ନୟନ କାର୍ଯ୍ୟ କରିବା ସହିତ ଆଗକୁ ଏହି ଅଞ୍ଚଳର ପରିଚାଳନା ଦାୟିତ୍ୱ ଗ୍ରହଣ କରିବ। ସେହିପରି ମାଷ୍ଟରପ୍ଲାନ ଅନୁଯାୟୀ ସମୁଦାୟ ଅଞ୍ଚଳକୁ ୪ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ଜୋନ-୧ରେ ପାର୍କିଂ, ସାଧାରଣ ଲୋକଙ୍କ କ୍ରୀଡା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ସ୍ଥାନର ଉନ୍ନତିକରଣ ଓ ଅନ୍ୟାନ୍ୟ ସୁବିଧାର ବିକାଶ କରାଯିବ। ଜୋନ୍-୨ରେ ଭିୟୁ ପଏଣ୍ଟ ଓ ଟ୍ରେକିଂ ରୁଟ ରହିବ। ଜୋନ-୩ ଓ ୪ରେ ମନୋରଞ୍ଜନ ମୂଳକ କାର୍ଯ୍ୟପାଇଁ ଭିତ୍ତିଭୂମି, କମ୍ୟୁନିଟି ସେଣ୍ଟର, ମୁଖ୍ୟ ମନ୍ଦିରର ଉନ୍ନତିକରଣ, ଦୋକାନ ଗୃହ ଓ ଅନ୍ୟାନ୍ୟ ସୁବିଧାର ବ୍ୟବସ୍ଥା କରାଯିବ। ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ଏହି ପୀଠ କିଭଳି ପ୍ରସିଦ୍ଧି ଲାଭ କରିବ, ସେନେଇ ଏହି ଉନ୍ନୟନ କାର୍ଯ୍ୟ ରାଜ୍ୟ ସରକାର କରିଛନ୍ତି। ଏହି କାର୍ଯ୍ୟ ନିର୍ଦ୍ଦିଷ୍ଟ ଏକ ସଂସ୍ଥାକୁ ଦିଆଯାଥିବା ବେଳେ ଭୁବନେଶ୍ୱର ମେୟର ଓ ଉତ୍ତର ବିଧାୟକ ସୁଶାନ୍ତ ରାଉତ ରାୟଙ୍କ ସକ୍ରିୟ ଅଂଶଗ୍ରହଣ ନିଶ୍ଚୟ ଏହାର ଉନ୍ନୟନ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ସହ ମାଆଙ୍କ ପୀଠର ଗାରିମା ଆହୁରି ବର୍ଦ୍ଧିତ କରିବ ବୋଲି କହିଛନ୍ତି ସଂସ୍କୃତି ଓ ପର୍ଯ୍ୟଟ ମନ୍ତ୍ରୀ ଅଶ୍ୱିନୀ ପାତ୍ର।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି